R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୮
ତିଥି : ଚତୁର୍ଥୀ
୧୫ ଜୁନ୍ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 248
15 June 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ସାମ୍ନାକୁ ଆସିଲା ବିମାନ ଦୁର୍ଘଟଣା ପୂର୍ବର ପାଇଲଟଙ୍କ ବାର୍ତ୍ତା

# ଇଞ୍ଜିନ ଶକ୍ତିହୀନ, ବିମାନ ଖସୁଛି

ନୂଆଦିଲ୍ଲୀ, ୧୪।୬(ସବ୍ୟୁ) : ଅହମ୍ମଦାବାଦରେ ହୋଇଥିବା ବୟାବହ ବିମାନ ଦୁର୍ଘଟଣା ପୂର୍ବରୁ ପାଇଲଟଙ୍କର ଶେଷ ବାର୍ତ୍ତା ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ ୨୭୪ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପୂର୍ବରୁ ପାଇଲଟ ଦେଇଥିବା ତାଙ୍କ ଶେଷ ବାର୍ତ୍ତା ଏବେ ସାମ୍ନାକୁ ଆସିଛି। ଅହମ୍ମଦାବାଦ ଏଟିସିଙ୍କୁ ସେ ଏହି ଦୁର୍ଘଟଣା ପୂର୍ବରୁ ବାର୍ତ୍ତା ଦେଇଥିଲେ ଯେ ବିମାନର ଇଞ୍ଜିନ ଠିକ୍ ଭାବେ ଶକ୍ତି ଉତ୍ପାଦନ କରିପାରୁନି। ତେଣୁ ଏହା ତଳକୁ ଖସୁଛି। ଏହାପରେ ଅହମ୍ମଦାବାଦର ବିମାନବନ୍ଦରରୁ ଲଣ୍ଡନ ଯାଉଥିବା ଏହି ବିମାନଟି ନିକଟସ୍ଥ ମେଡିକାଲ ହଷ୍ଟେଲ ଉପରେ ଉଡ଼ାଣ ଭରିବାର ମାତ୍ର କେତେ ମିନିଟ୍ ପରେ ଖସିପଡ଼ିଥିଲା।



ଏୟାର ଇଣ୍ଡିଆର ପାଇଲଟଙ୍କ ପକ୍ଷରୁ ଏଟିସିଙ୍କୁ ଏହି ବାର୍ତ୍ତା ଦିଆଯାଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁରୁବାର ମଧ୍ୟାହ୍ନ ୧ଟା ୩୭ରେ ଉଡ଼ାଣ ଭରିଥିଲା। ମାତ୍ର ଭାଗ୍ୟ ଖରାପ ଯୋଗୁ କେଇ ସେକେଣ୍ଡରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଥିଲା। ବୋଇଂ ୭୮୭ ବିମାନରେ ଦୁର୍ଘଟଣା ଘଟିବା ଏହା ପ୍ରଥମ ଘଟଣା। ୨୦୧୧ରୁ ଏହା ବଜାରରେ ଲଞ୍ଚ ହୋଇ ଯାତ୍ରୀ ସେବା ଯୋଗାଉଛି। ଏଏଆଇବି ପକ୍ଷରୁ ଘଟଣାର ଅନୁସନ୍ଧାନ କରାଯାଉଛି। ସେହିଭଳି ଦୁର୍ଘଟଣା (୯ ପୃଷ୍ଠାରେ)

- ୬୫୦ ଫୁଟରେ ପହଞ୍ଚିବା ପରେ ଆସିଲା ସମସ୍ୟା
- ତଦନ୍ତ ଲାଗି ୧୧ ଜଣିଆ ଉଚ୍ଚସ୍ତରୀୟ କମିଟି
- ୩ ମାସରେ ସରକାରଙ୍କୁ ରିପୋର୍ଟ ଦେବେ

# ଦ.ଆଫ୍ରିକା ଚାମ୍ପିଅନ




ଲର୍ଡ୍ସ,୧୪।୬ (ଏଜେନ୍ସି): କ୍ରିକେଟ୍ ଇତିହାସରେ ଦ.ଆଫ୍ରିକା ଦଳକୁ ହତଭାଗା କୁହାଯାଏ। ଦ.ଆଫ୍ରିକା ଅନେକ ଦଶନ୍ଧି ଧରି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଦୂରେଇ ରହିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଆଦିନ ମାକ୍ରାମଙ୍କ ସ୍ମରଣୀୟ ଶତକ ଏବଂ ଅଧିନାୟକ ତେମ୍ବା ବଭୁମାଙ୍କ ଅର୍ଦ୍ଧଶତକ ସହାୟତାରେ ଦ.ଆଫ୍ରିକା ୫ ଓ୍ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ଧରାଶାୟୀ କରି ଡବ୍ଲ୍ୟୁଟିସିର ନୂଆ ଚାମ୍ପିଅନ୍ ହୋଇଛି। ୨୭ ବର୍ଷ ପରେ ଦ.ଆଫ୍ରିକା ଆଇସିସି ଟ୍ରଫି ଜିତିବାରେ ସଫଳ ହୋଇଛି। ଦ.ଆଫ୍ରିକା ସମ୍ମୁଖରେ ଗତ ସଂସ୍କରଣର ଚାମ୍ପିଅନ୍ ଅଷ୍ଟ୍ରେଲିଆ ୨୮୨ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ଦ.ଆଫ୍ରିକା ୫ ଓ୍ୱିକେଟ୍ ହରାଇ ହାସଲ କରିନେଇଛି।

ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ୩ଟି ସଂସ୍କରଣରେ ଚାମ୍ପିଅନ୍ ହୋଇଛନ୍ତି। ଫାଇନାଲ ମ୍ୟାଚରେ ଆଦିମ ମାକ୍ରାମଙ୍କ ୧୩୬ ରନ ଓ ବଭୁମାଙ୍କ ୬୬ ରନ୍ ଯୋଗୁଁ ଦ.ଆଫ୍ରିକା ଐତିହାସିକ ବିଜୟ ଭାଲ କରିଥିଲା। ପୂର୍ବରୁ ଅଷ୍ଟ୍ରେଅଲିଆ ପ୍ରଥମ ଇନିଂସରେ ୨୧୨ ରନ୍ ଜବାବରେ ଦ.ଆଫ୍ରିକା ୧୩୮ ରନ୍ କରିଥିଲା। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୨୦୭ ରନ୍ କରିଥିଲା। ମାକ୍ରାମଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

୧୯୯୨ରେ ଦ.ଆଫ୍ରିକାକୁ ପ୍ରଥମଥର କୌଣସି ଆଇସିସି ଇଭେଣ୍ଟରେ ଅନୁମତି ମିଳିଥିଲା। ୧୯୯୨ରେ ଦ.ଆଫ୍ରିକା ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଥିଲା। ବର୍ଷା କାରଣରୁ ଦଳ ଇଂଲଣ୍ଡରେ ପହଞ୍ଚିଥିଲା। ଅନେକଥର ବିଶ୍ୱକପ୍‌ରେ ଦ.ଆଫ୍ରିକା ହୃଦୟ ଭାଙ୍ଗିଛି। ୧୯୯୮ରେ ଦ.ଆଫ୍ରିକା ଚାମ୍ପିଅନ୍ସ ଟ୍ରଫି (୯ ପୃଷ୍ଠାରେ)

### ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ

# ରଥ ଉପରେ ମୋବାଇଲ ବ୍ୟବହାର ମନା

ପୁରୀ, ୧୪।୬ (ସବ୍ୟୁ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶନିବାର ଦିନ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରଥ ଉପରେ ମୋବାଇଲ ବ୍ୟବହାର ଉପରେ ସଂପୂର୍ଣ୍ଣ କଟକଣା ଜାରି କରାଯାଇଛି। ରଥ ଉପରେ ଅଣସେବାୟତ ଚଢ଼ିଲେ ସେମାନଙ୍କ ବିରୁଦ୍ଧରେ ଏତଲା ଦିଆଯିବା ସହ ଫୌଜଦାରୀ ମାମଲା ରୁଜୁ କରାଯିବ। ସେହିପରି ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ପଡୁଥିବାରୁ ଶୃଙ୍ଖଳିତ ନୀତି ଓ ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଦଇତାପତିଙ୍କ ବୈଠକ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଇତାପତି ନିଯୋଗ ସଭାପତି ଓ ସମ୍ପାଦକଙ୍କ ସହ ବାଡଗ୍ରାହୀ ଓ ଯୁବ ଦଇତାପତି ଯୋଗ ଦେଇଥିଲେ। (୯ ପୃଷ୍ଠାରେ)

**ଅଣସେବାୟତ ଚଢ଼ିଲେ ଫୌଜଦାରୀ ମାମଲା**

# ଯାଜପୁରରେ କଲେରା ଚିନ୍ତା ବଢ଼ିଲା



ଭୁବନେଶ୍ୱର, ୧୪।୬ (ସବ୍ୟୁ): ଯାଜପୁର, ଭଦ୍ରକ ଓ କଟକ ଜିଲ୍ଲାରେ ଡାଇରିଆ ସଂକ୍ରମଣ ପରେ କଲେରା ବ୍ୟାପିବା ଆରମ୍ଭ କରିଛି। ଯାଜପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏବେ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି। ଏହାରି ମଧ୍ୟରେ ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ।

କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଅଧିକ ଯାଞ୍ଚ କରିବା ନିମନ୍ତେ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି ଟିମ୍ ପଠାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି। ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ଏକ ୪ ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ପଠାଯାଇଛି। ଏହି ତିନୋଟି ଟିମ୍‌ରେ ସମୁଦାୟ ୧୪ ଜଣ ସଦସ୍ୟ ଅଛନ୍ତି।

ଏହି ସ୍ୱାସ୍ଥ୍ୟ ଟିମ୍‌ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର (୯ ପୃଷ୍ଠାରେ)

- ୧୫୧୬ ଆକ୍ରାନ୍ତରୁ ଏବେ ୨୧୦ ଚିକିତ୍ସିତ
- ଯାଞ୍ଚ କରିବେ ୧୪ ଜଣିଆ କେନ୍ଦ୍ରୀୟ ଟିମ
- ଆଜି କ୍ଷେତ୍ରସ୍ତରରେ ରୋଗର କାରଣ ଖୋଜିବେ

# ଭୁବନେଶ୍ୱର ବିମାନବନ୍ଦରକୁ ବିପଦ

### ଉଡାଣ, ଅବତରଣରେ ସମସ୍ୟା

### ବିଏମ୍‌ସିକୁ ଯାଞ୍ଚ ନିର୍ଦ୍ଦେଶ


ଭୁବନେଶ୍ୱର, ୧୪।୬ (ସବ୍ୟୁ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଟେକ୍ ଅଫ୍ (ଉଡ଼ାଣ)ଓ ଲ୍ୟାଣ୍ଡିଂ(ଅବତରଣ)ରେ ରହିଛି ପ୍ରତିବନ୍ଧକ। ବିମାନ ଟେକ୍ ଅଫ୍ ପଥରେ ବଡ଼ ବଡ଼ ଗଛ ରହିଛି। ଏମିତିକି ରନ୍‌ଓ୍ୱେର ନିର୍ଦ୍ଦିଷ୍ଟ ଦୂରତାରେ ବେଆଇନ ଉଚ୍ଚ ଅଟ୍ଟାଳିକା ମଧ୍ୟ ଗଢ଼ି ଉଠିଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହା କହିଛନ୍ତି।

ଗତ ମାସରେ(ଏଇଏମସି) ବୈଠକରେ ଭୁବନେଶ୍ୱର ମହାନଗର କମିଶନର(ବିଏମ୍‌ସି) କମିଶନରଙ୍କୁ ଏସବୁ ବିଷୟରେ ସବୁକିଛି ଅବଗତ କରାଯାଇଛି। ଆଶା କରୁଛୁ ବେଆଇନ ଗଛ କାଟିବା ସହ ଉଚ୍ଚ ଅଟ୍ଟାଳିକା ଉଚ୍ଛେଦ କରିବେ।

ଅନ୍ୟପଟେ ଆସନ୍ତା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ହେବ ମକ୍ ଡ୍ରିଲ୍। ଅହମ୍ମଦାବାଦ ବିମାନ ଦୁର୍ଘଟଣା ଦୃଷ୍ଟିରୁ ହେବ ମକ୍ ଡ୍ରିଲ କରାଯିବ। ଏଥିପାଇଁ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ଆସିଛି। ବିମାନବନ୍ଦର କର୍ମଚାରୀ, ପୋଲିସ, ମେଡିକାଲ୍ ଓ ଅଗ୍ନିଶମ ଷ୍ଟାଫ୍ ରହିବେ। ଯଦି ଦୁର୍ଘଟଣା ପରି କିଛି ଅଘଟଣ ଘଟେ, ତାହାର ମୁକାବିଲା ପ୍ରସ୍ତୁତି କରାଯିବ ସହିତ ଆହତଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇ ଦିଆଯିବାର ମକ୍ ଡ୍ରିଲ୍ ହେବ।

ଏୟାରପୋର୍ଟ ଅଞ୍ଚଳରେ ବହୁ ବେଆଇନ ସୁଉଚ୍ଚ କୋଠା ନିର୍ମାଣ ହୋଇଛି। ଏହା ନିକଟରେ କିଛି ବିବାହ ମଣ୍ଡପ, ମାଳମାଳ ଫାଷ୍ଟଫୁଡ ଦୋକାନ, ମାଂସ ଓ ମାଛ ଦୋକାନ ଯୋଗୁ ଚିଲ ଏବଂ କାଉ ସଂଖ୍ୟା ବଢ଼ିଛି ଏହି ଅଞ୍ଚଳରେ। ଉଡ଼ାଣ ଓ ଅବତରଣ ବେଳେ ପକ୍ଷୀ ମାଡ଼ର ଭୟ ରହିଛି। ତେଣୁ ବିଏମସି ଉକ୍ତ ଅଞ୍ଚଳରେ ଉଚ୍ଛେଦକୁ ଜୋରଦାର କରିବା ଆବଶ୍ୟକ।

# ନିଟ୍ ୟୁଜିରେ ମହେଶ ଟପ୍ପର



ଭୁବନେଶ୍ୱର, ୧୪।୬(ସବ୍ୟୁ) : ନିଟ୍ ୟୁଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ରଖି ଟପ୍ପର ହୋଇଛନ୍ତି। ସେହିପରି ସ୍ନେହାଶିଷ ଦାସ ଓଡ଼ିଶା ଟପ୍ପର ହୋଇଛନ୍ତି। ସର୍ବଭାରତୀୟ ର୍‍ୟାଙ୍କରେ ତାଙ୍କୁ ୬୦ ର୍‍ୟାଙ୍କ ମିଳିଛି। ନିଟ୍ ୟୁଜି ପରୀକ୍ଷାକୁ ଏନ୍‌ଟିଏ ପରିଚାଳନା କରିଥିଲା। ପ୍ରାୟ ୧୨.୩୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏମାନେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବେ।

ରାଜସ୍ଥାନର ମହେଶ କୁମାର ସମଗ୍ର ଦେଶରେ ଟପ୍ପର (୯ ପୃଷ୍ଠାରେ)

# ଆଜିଠୁ ବଦଳିବ ପାଗ

ଭୁବନେଶ୍ୱର, ୧୪।୬ (ସବ୍ୟୁ): ରାଜ୍ୟରେ ଆସନ୍ତାକାଲି(ରବିବାର) ଠାରୁ ପାଗ ବଦଳିବ। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଭାବରେ ଆକାଶ ମେଘୁଆ ସହିତ କେତେକ ସ୍ଥାନରେ ବର୍ଷା ହୋଇପାରେ। ତେବେ ମୌସୁମୀ ସକ୍ରିୟ ଲାଗି ପାଗ ପୂରା ଅନୁକୂଳ ରହିଛି। ଆସନ୍ତା ଦୁଇଦିନ ଭିତରେ ଓଡ଼ିଶାରେ ଅଗ୍ରସର ହେବ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ପ୍ରଶାନ୍ତ ମହାସାଗରରେ ଏକ ବାତ୍ୟା ସୃଷ୍ଟି ହୋଇଛି। ଫଳରେ ସମୁଦ୍ରରୁ ସବୁ ଜଳୀୟବାଷ୍ପ ଟାଣି ନେଉଛି। ଏହା ଦୁର୍ବଳ ହେବା ସହିତ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ରଜରେ ପାଗ ମେଘୁଆ ହେବା ସହିତ କିଛି ସ୍ଥାନରେ ସ୍ୱଳପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।


ସେପଟେ ଭୁବନେଶ୍ୱରଆଞ୍ଚଳିକ ପାଣିପାଗ କେନ୍ଦ୍ରର (୯ ପୃଷ୍ଠାରେ)

- ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷିବ
- ଦୁଇଦିନରେ ମୌସୁମୀ ହେବ ସକ୍ରିୟ

# ଭୁଲ ମାନଚିତ୍ର ଲାଗି କ୍ଷମା ମାଗିଲା ଇସ୍ରାଏଲ ସେନା

ନୂଆଦିଲ୍ଲୀ, ୧୪।୬ : ଭାରତର ଭୁଲ୍ ମାନଚିତ୍ରକୁ ଦେଖାଇ ଇସ୍ରାଏଲ ସେନା କ୍ଷମା ମାଗିଛି। ଜମ୍ମୁ-କାଶ୍ମୀରକୁ ପାକିସ୍ତାନର ଏକ ଅଂଶ ଭାବେ ଭୁଲ୍ ଭାବେ ଏଥିରେ ଉଲ୍ଲେଖ କରାଯାଇଛି। ଏହାସହ ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି ଯେ ମାନଚିତ୍ରଟି ସୀମାକୁ ସଠିକ୍ ଭାବରେ ଦେଖାଇବାରେ ବିଫଳ ହୋଇଛି। କେବଳ ଜମ୍ମୁ-କାଶ୍ମୀର ନୁହେଁ ଉତ୍ତରପୂର୍ବ ଭାରତର କିଛି ଅଂଶକୁ ନେପାଳର ବୋଲି ଦର୍ଶାଯାଇଛି।

ଏହି ଭୁଲ୍ ମ୍ୟାପ୍ ଯୋଗୁ ଭାରତ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଇସ୍ରାଏଲ ଓ ଇରାନ ମଧ୍ୟରେ ଏବେ ତିକ୍ତତା ବଢ଼ିଛି। ଆଇଡିଏଫ୍ ପକ୍ଷରୁ ଯେଉଁ ମ୍ୟାପ ଦେଖାଯାଇଥିଲା ସେଥିରେ ଇରାନ ବିଶ୍ୱ ପାଇଁ ବିପଦ ବୋଲି ଦର୍ଶାଯାଇଥିଲା। ଏହି ପୋଷ୍ଟକୁ ନେଇ ଭାରତର ସୋସିଆଲ ମିଡିଆରେ ଜଣେ ୟୁଜର୍ସ ଏହାର ସମାଲୋଚନା କରିଥିଲେ। ଭାରତ କାହିଁକି ନିରପେକ୍ଷ ରହିଛି ବୋଲି ସେ ମନ୍ତବ୍ୟ ଦେବାସହ କୂଟନୀତିରେ ପ୍ରକୃତରେ କେହି ଆପଣଙ୍କ ବନ୍ଧୁ ନୁହଁନ୍ତି ବୋଲି ସମାଲୋଚନା କରିଥିଲେ। ଆଇଡିଏଫ୍ ଲେଖିଛି ଯେ ଇରାନ ବିଶ୍ୱ ପାଇଁ ବଡ ବିପଦ। ଇସ୍ରାଏଲ ଅନ୍ତିମ ଲକ୍ଷ୍ୟ ନୁହେଁ। ଏହା କେବଳ ଆରମ୍ଭ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟତିତ ଆମ ପାଖରେ ବିକଳ୍ପ ନଥିଲା। ଇସ୍ରାଏଲ ବାୟୁସେନା ପକ୍ଷରୁ ଭିଡିଓ ପୋଷ୍ଟ କରାଯାଇ ଇରାନୀ କ୍ଷେପଣାସ୍ତ୍ର ପରିସରକୁ ଦର୍ଶାଯାଉଥିଲା ସମାନ ମାନଚିତ୍ର ଦେଖାଯାଉଛି। ବିବାଦ ପରେ ଭାରତରେ ଇସ୍ରାଏଲ ରାଷ୍ଟ୍ରଦୂତ ରୁଭେନ୍ ଆଜାର ଏହି ମାନଚିତ୍ରକୁ ଅଜାଣତରେ ସୃଷ୍ଟି ହୋଇଥିବା ଖରାପ ଇମ୍ପୋଗ୍ରାଫିକ୍ ବୋଲି ବର୍ଣ୍ଣନା କରିଛନ୍ତି। ମାନଚିତ୍ରକୁ ହଟାଇବା ଓ ସଂଶୋଧନ କରିବାକୁ କୁହାଯାଇଛି।




- ଜମ୍ମୁ-କାଶ୍ମୀରକୁ ପାକିସ୍ତାନର ଦର୍ଶାଇଥିଲା
- ଉତ୍ତରପୂର୍ବ ଭାରତର କିଛି ଅଞ୍ଚଳକୁ ନେପାଳର ବୋଲି ଉଲ୍ଲେଖ ଥିଲା
- ଇରାନ ବିଶ୍ୱ ପାଇଁ ବିପଦ ଦର୍ଶାଇବା ଥିଲା ଲକ୍ଷ୍ୟ

# ଏସ୍‌ସିଓ ବୟାନରୁ ଦୂରେଇଲା ଭାରତ

ନୂଆଦିଲ୍ଲୀ, ୧୪।୬ : ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ଯେଉଁ ବିବୃତ୍ତି ଜାରି କରିଛି ଭାରତ ଏହାଠାରୁ ଦୂରେଇ ଯାଇଛି। ଏସ୍‌ସିଓ ସଂଗଠନର ସଦସ୍ୟ ହେଉଛନ୍ତି ଚୀନ୍, ଇରାନ, କାଜିଗ୍ସ୍ଥାନ, କାରଗିଜ୍‌ସ୍ଥାନ, ପାକିସ୍ତାନ, ଋଷ, ବେଲାରୁଷ୍ ସଦସ୍ୟ ଅଛନ୍ତି। ଏମାନେ ଇସ୍ରାଏଲର ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ତେବେ ଭାରତ ଏହି ବିବୃତ୍ତିରୁ ନିଜକୁ ଦୂରେଇ ରଖିଛି। ଏସ୍‌ସିଓ ପକ୍ଷରୁ ଇରାନ ପରିସୀମାରେ ଇସ୍ରାଏଲର ସାମରିକ ଆକ୍ରମଣ ଯାହା ଅପରେସନ୍ ରାଇଜିଂ ଲାୟନ ନାମରେ କରାଯାଉଛି ତାହାକୁ ନିନ୍ଦା କରାଯାଇଛି।

ମଧ୍ୟପ୍ରାଚ୍ୟରେ ଏଭଳି ଉତ୍ତେଜନାକୁ ବୃଦ୍ଧି କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଉଲ୍ଲେଖ କରାଯାଇଛି। ଏଭଳି କାର୍ଯ୍ୟାନୁଷ୍ଠାନରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରାଯିବା ସହ ଶକ୍ତି, ପରିବହନ ଭିତ୍ତିଭୂମି ଉପରେ ମଧ୍ୟ ଆକ୍ରମଣ ହୋଇଛି। ଏହା ହେଉଛି ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନ। ଇରାନର ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ଓ ଆଞ୍ଚଳିକ କ୍ଷତିର କାରଣ ନ ବନିବା ଓ ଆନ୍ତର୍ଜାତୀୟ ସୁରକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଭାରତ ଏଭଳି ବୟାନରୁ ନିଜକୁ ଦୂରେଇ ରଖିଛି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସାଂଘାଇ ସହଯୋଗ ସଂଗଠନ ଯେଉଁ ବିବୃତ୍ତି ଜାରି କରିଛି ଏପରି କୌଣସି ଆଲୋଚନାରେ ଭାରତ ଅଂଶ ଗ୍ରହଣ କରିନାହିଁ। ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ଓ ଉତ୍ତେଜନା ହ୍ରାସ କରିବା ପାଇଁ ଆମେ ଆଲୋଚନା ଓ କୂଟନୀତି ବ୍ୟବହାର କରିବାକୁ ଅନୁରୋଧ କରୁଛୁ। ଆନ୍ତର୍ଜାତୀୟ ସମ୍ପ୍ରଦାୟ ମଧ୍ୟ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଉଚିତ୍।

ଅପରେସନ୍ ରାଇଜିଂ ଲାୟନରେ ଇସ୍ରାଏଲ ପକ୍ଷରୁ ଇରାନର ଆଣବିକ କେନ୍ଦ୍ର ଓ ସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ଇରାନର ବରିଷ୍ଠ ସେନା ଅଧିକାରୀ ବୈଜ୍ଞାନିକମାନଙ୍କର ମୃତ୍ୟୁ ହୋଇଥିବାବେଳେ ନଟାନାଜ ଆଣବିକ କାରଖାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜବାବରେ ଇରାନ ମଧ୍ୟ ବାଲାଷ୍ଟିକ୍ ମିସାଇଲ ସାହାଯ୍ୟରେ ଇସ୍ରାଏଲ ସୀମାରେ ପ୍ରାୟ ୨୦୦ କିମି ପର୍ଯ୍ୟନ୍ତ ଟାର୍ଗେଟ କରିଛି।

# କଟକି ରଜ







ରଜ ଓଡ଼ିଆ ଜନଜୀବନର ବାର୍ତ୍ତାବହ ପାର୍ବଣ । ଦଶହରା ପରେ ସହର ସଂସ୍କୃତିରେ ବିଶେଷକରି କଟକରେ ରଜର ସ୍ଥାନ ନିଆରା । କେବଳ ଗ୍ରାମାଞ୍ଚଳ ନୁହେଁ କଟକ ପରି ସର୍ବବୃହତ ସହରରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ । ହଜାର ବର୍ଷର ସହର କଟକ । ଦଶହରା, ବାଲିଯାତ୍ରା ପରେ କଟକରେ ରଜ ଏକ ମହା ଯାକଜମକର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ବଜାରରେ ତ ସହଯେ ରଜର ଢ଼େର ପୂର୍ବରୁ ଗହଳି । ରଜ ପୋଡ଼ପିଠା ଠାରୁ ପାନ, ଦୋଳି ଖେଳ ଠାରୁ ପୁଚି ଖେଳ, ଫିଲ୍ମ ଦେଖା ଠାରୁ ବନ୍ଧୁଙ୍କ ସହ ଗମାତ ଆଉ ଖାସି ମାଂସର ତର୍କାରି ଭିତରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ପିଲାଦିନରେ ବାପାଙ୍କ ସହ ରଜ ବୁଲିଛି । ହେତୁ ପାଇବା ପରେ ଜେଜଙ୍କ ସହରରେ ରଜ ବୁଲା ଭିତରେ ଝାପ୍‌ସା ମନେପଡୁଛି ଅନେକ କାହାଣୀର କଥା । ଚାନ୍ଦିନୀଚୌକରେ ଥିଲା ବସ୍‌ଷ୍ଟାଣ୍ଡ । ପ୍ରକାଣ୍ଡକାୟ ବରଗଛ ମୂଳେ ଗୁବୁ ମିଆଁର ଖାସି ମାଂସ ତାହା ପୁଣି ତାଳଗଛ ପତ୍ରରେ ପ୍ୟାକିଂ ହେଉଥିଲା । ପୋଡପିଠାର ବାସ୍ନା ସହର ସାରା ବାସର ସୁରଭି ମେଲାଇ ଥିବାବେଳେ ସହର ଭିତରେ ଅନେକ ପୋଖରୀ ଗାଡ଼ିଆ ଭିତରେ ମାଛ ଧରା ହୋଇ ଘରେ ଘରେ ରନ୍ଧା ହେଉଥିଲା । ସେତେବେଳେ କଟକ ସହର ନଥିଲା, ଥିଲା ଏକ ଗାଁ ।

ମହାନଦୀର ଫ୍ୟାରେଡ ରୋଡ଼ରେ ଝିଅ ଝିଆଣୀମାନେ ଆସୁଥିଲେ ରଜ ବୁଲିବାକୁ । ସେତେବେଳେ କେଉଁ ଫିଲ୍ମ ହଲ ଥିଲା ନା କେଉଁ କେବୁଲ ଟିଭିରେ ଫିଲ୍ମ ଦେଖା । ନାଟକ ଦେଖା ଭିତରେ ଖୋଜା ପଡୁଥିଲା ଯାତ୍ରା ସୁଆଙ୍ଗ, ରାମଲୀଳା ଠାରୁ ଚମ୍ପୁର ଗାଆଣ ବଜାଣ । ହେଲେ ସେ ସବୁ ବର୍ତ୍ତମାନ ଇତିହାସର କାହାଣୀ । ବର୍ତ୍ତମାନର ରଜକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସହର ସାରା ପ୍ରକାଣ୍ଡକାୟ ସପିଂ ମଲ୍‌ର ଡ୍ରେସ୍ ସୋରୁମ୍ ଭିତରେ ହଜିଯାଉଛି ରଜ ସମୟର ସେଦିନର କାଷ୍ଠାଲୁଗା, ତନ୍ତୁବୁଣା ଶାଢ଼ୀ ନହେଲେ କଳିକତି ଗାମୁଛା । ସତରେ କୁଆଡ଼େ ଗଲା ସେଦିନର ରଜ ? ସହର ସାରା ଭର୍ତ୍ତି ହୋଇଥିଲା ନାଳି ଗୋଡ଼ିରାସ୍ତା । ତଥାପି ବନ୍ଧୁବାନ୍ଧବଙ୍କ ସଙ୍ଖୁଳିବାର ଦିବସ ରଜ ନିଜର ପରିଚୟକୁ ହରାଇନାହିଁ । ବନ୍ଧୁବାନ୍ଧବ ଖୋଜା ପଡୁଥିଲେ ଏହି ଦିନରେ । ଆସୁଥିଲେ ବାଡ଼ିବଗିଚାର ଫଳଫୁଲୁରୀ ସହ ନିଜ ଅଞ୍ଚଳର ନାମଜାଦା ଜିନିଷ ନେଇ ବନ୍ଧୁଘରକୁ । ହେଲେ ବର୍ତ୍ତମାନ ମିଠା ଦରବ ଭିତରେ ଏଟିଏମ୍‌ରୁ ଟଙ୍କା ଉଠା ହୋଇ କ୍ଷଣିକ ଭିତରେ ରଜର ବେଭାର ଭର୍ତ୍ତି ହୋଇଯାଉଛି । କ୍ୱଚିତ୍ ବସ ମୁଣ୍ଡ ଟେକି ଯାଉଥିଲେ ଚାନ୍ଦିନୀଚୌକ ଛକକୁ । ଖାଲି ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା ଢ଼େର ବାଟ । ତେବେ କଟକ ସହରରେ ଅନେକ ସ୍ଥାନରେ ପ୍ରକାଣ୍ଡକାୟ ବରଓହଳ ଭିତରେ ତିଆରି ହେଉଥିଲା ରଜ ଦୋଳି । ଝିଅଝିଆଣୀମାନେ ସେଇଠି ହିଁ ସାରି ଦେଉଥିଲେ ଗୋଟିଏ ଦିନ । ମଜାମଜଲିସ୍ ଭିତରେ ଖୋଜା ପଡୁଥିବା ରଜ ବର୍ତ୍ତମାନକୁ ଦେଖିଲେ ମନେପଡୁଛି ଢ଼େର କଥା । ମହାନଦୀ ଓ କାଠଯୋଡ଼ିରେ ଏହାଭିତରେ ବିତିଗଲାଣି ଅନେକ ଦିନ । ଦୁଇଟି ନଈର ସୁଅରେ ବୋହିଗଲାଣି ଅନେକ ପାଣି ତଥାପି ଖୋଜା ପୁଡୁଛି ସେଦିନର ସମୟକୁ । ରଜରେ ଖାଲି କଟକିଆଣୀ ହାତରେ ତିଆରି କରୁଥିଲା ପୋଡପିଠା, କାକରା, ବିଭିନ୍ନ ପିଠାପଣା ସହ ରଜର ଖାନଦାନୀ ସାଗୁଆତିର ଝୋଳ । ସପରିବାର ସହ ମଜା କାଟିବା ଭିତରେ ଝିଅଝିଆଣୀଙ୍କ ଗହଳ ଖୁସିର ମାହୋଲକୁ ବଢ଼ାଇ ଦେଉଥିଲା । ହେଲେ ସତରେ କୁଆଡ଼େ ଗଲା ସେ ଦିନଗୁଡ଼ା ? କଟକର ଦୁଇ ପଟରେ ଥିବା ମସ୍ତବଡ଼ ପଡ଼ିଆରେ କଟକିଆ ଯୁଆନ ଭେଣ୍ଡା ଟୋକାମାନେ ବାଗୁଡ଼ି ଖେଳରେ ତିନିଦିନ ନିଜକୁ ହଜାଇ ଦେଉଥିଲେ । ବର୍ତ୍ତମାନ ବାଗୁଡ଼ି ଖେଳ କଥା କହିଲେ ସମସ୍ତେ ଥରେ ଚିନ୍ତା କରିବେ ସତରେ ଏ ଜିନିଷଟି କ'ଣ ? ତଥାପି ରଜ ନିଜର ଗୌରବ ହରାଇନାହିଁ ।

କଟକି ସଂସ୍କୃତିରେ ଭାଇଚାରାର ସହର ଭିତରେ ହଜାରେ ବର୍ଷର ପରମ୍ପରାକୁ ନେଇ ଗଢ଼ି ଉଠିଥିବା ରଜ ପାର୍ବଣ ଦଶହରା ଓ ବାଲିଯାତ୍ରା ପରେ ଅନ୍ୟତମ ମହାପାର୍ବଣ ରୂପରେ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିଛି । କଟକରେ ରଜ ସହର ନୁହେଁ ବରଂ ଗ୍ରାମ୍ୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ । ସଂସ୍କୃତି ଓ ପରମ୍ପରା ଭିତରେ ମାଆ ଗଡ଼ଚଣ୍ଡୀ, କଟକଚଣ୍ଡୀ, କାଳିଗଳି କାଳୀ ଓ ଗଡେଶ୍ୱର ମହାଦେବଙ୍କୁ ନେଇ ପୂଜା ନୈବେଦ୍ୟ ଅର୍ପଣ କରିବାକୁ ରଜରେ କେହିବି ଭୁଲି ନଥାନ୍ତି । କର୍ମକ୍ଳାନ୍ତ ଜୀବନ ଭିତରେ ବିଶ୍ରାମର ଅବକାଶ ସୃଷ୍ଟି କରିଥାଏ ରଜ । ପ୍ରାଚୀନ ସଂସ୍କୃତିର ଗୌରବ ଗାଥାକୁ ବଜାୟ ରଖି ସ୍ୱତନ୍ତ୍ର ଭାବରେ ବନ୍ଧୁମେଳନର ଓ ମିତଣୀଙ୍କୁ ଭେଟ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ ଏହି ରଜ ।

**ଡାକ୍ତର ସମ୍ରାଟ କର**
**ମୋ: ୯୧୩୨୪୩୩୩୩୩**

## ସୋସିଆଲ କୋଟ୍ସ



"ମୋର ପିଲାବେଳ ଖୁବ ଖରାପରେ ବିତିଛି । ଏକ ଗୁରୁତର ଶାରିରୀକ ସମସ୍ୟା ପାଇଁ ମୁଁ ପିଲାଦିନକୁ ଏଞ୍ଜୟ କରିନାହିଁ, ଯାହା ମୋର ସବୁବେଳେ ଅବଶୋଷ ।

**ବିବେକ ଅଗ୍ନିହୋତ୍ରୀ, ଅଭିନେତା**



"ନିଜ ଉଚ୍ଚତାକୁ ନେଇ ମୁଁ ସବୁବେଳେ ଇନ୍‌ସିକ୍ୟୁର ରହିଥାଏ । କ୍ୟାରିୟର ଆରମ୍ଭରୁ ଏଥିପାଇଁ ଖୁବ ନର୍ଭସ ଥିଲି । ଡରଥିଲା ଦର୍ଶକ ଗ୍ରହଣ କରିବେ କି ନାହିଁ ।

**ଅମିର ଖାନ୍, ଅଭିନେତା**



"ରଣବୀର କପୁର ଓ ରଣବୀର ସିଂ ଉଭୟ ଖୁବ ଭଲ ସାଙ୍ଗ । ଉଭୟଙ୍କ ଭିତରେ କୌଣସି ଇଗୋ ନାହିଁ । ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି ।

**କରଣ ଜୋହର, ଫିଲ୍ମମେକର**

# ବିପି ବିପଦ



**ଆଗରୁ ରକ୍ତଚାପ ବା ବିପି ୫୦ କିମ୍ବା ୬୦ ବର୍ଷ ବୟସ ପରେ ଦେଖାଦେଉଥିବା ବେଳେ ଏବେ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଆଜିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଓ ମାନସିକ ଦୁଃଶ୍ଚିନ୍ତା ବିପିର ବୟସକୁ କମାଇ ଦେଇଛି । ଏବେ ଏହି ଅଦୃଶ୍ୟ ବିପଦ ବୟୋ, ବୃଦ୍ଧ ସମସ୍ତଙ୍କୁ ଗ୍ରାସ କରିଲାଣି ।**

ପରିବର୍ତ୍ତିତ ଜୀବନଶୈଳୀ ଏବଂ ଖାଦ୍ୟପେୟ କାରଣରୁ ଆଜିକାଲି ଯୁବବର୍ଗଙ୍କ କ୍ଷେତ୍ରରେ ବହୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି । ଯାହା ମଧ୍ୟରେ ଷ୍ଟ୍ରେସ୍ ଏବଂ ବିପି ସମସ୍ୟା ଦିନୁଦିନ ବଢ଼ିଚାଲିଛି । ଦିନଚର୍ଯ୍ୟାର ଚାପ ଏହି ସମସ୍ୟାର ବଡ଼ କାରଣ ହେଉଛି । ଏକ ସର୍ଭେ ଅନୁସାରେ, ଷ୍ଟ୍ରେସ୍ ବା ଚିନ୍ତା ପାଇଁ ବିଶେଷ କରି ବିପି ବା ରକ୍ତଚାପ ଦେଖାଯାଉଛି । ଉଚ୍ଚ ରକ୍ତଚାପ ଏକ ସ୍ଥାୟୀ ଭେଷଜ ରୋଗ । ଯେଉଁଥିରେ ରକ୍ତଚାପ ନିରନ୍ତର ବୃଦ୍ଧି ପାଇଥାଏ । ଏହି ରୋଗର କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ । ତେବେ ରକ୍ତଚାପକୁ ଦୁଇ ପ୍ରକାରରେ ବିଭକ୍ତ କରାଯାଇଛି । ପ୍ରଥମଟି ଉଚ୍ଚ ରକ୍ତଚାପ (ହାଇ ବ୍ଲଡପ୍ରେସର)ଓ ଦ୍ୱିତୀୟଟି ଗୌଣ ରକ୍ତଚାପ (ଲୋ ବ୍ଲଡପ୍ରେସର) । ଉଚ୍ଚ ରକ୍ତଚାପ ୯୦ରୁ ୯୫ % ଲୋକଙ୍କର ଅନର୍ଦ୍ଦିଷ୍ଟ ଜୀବନଚର୍ଯ୍ୟା ଓ ଜେନେଟିକ କାରଣ ଯୋଗୁ ହୁଏ । ଯେପରି– ଅତ୍ୟଧିକ ଲୁଣ ଖାଇବା, ଅତ୍ୟଧିକ ଓଜନ ବୃଦ୍ଧି, ଧୂମପାନ ଓ ଆଲକୋହଲ ସେବନ । ସେମିତି ଗୌଣ ରକ୍ତଚାପ ୫ରୁ ୧୦% ଲୋକଙ୍କୁ ହୋଇଥାଏ । ତେବେ ଷ୍ଟ୍ରେସ୍ ହିଁ ଏହି ଦୁଇ ରକ୍ତିଚାପର ମୁଖ୍ୟ କାରଣ । ଔଷଧ ଓ ଜୀବନଚର୍ଯ୍ୟାର ପରିବର୍ତ୍ତନ ଯୋଗୁ ରକ୍ତଚାପ କମିଯିବା ଫଳରେ ସ୍ୱାସ୍ଥ୍ୟ ସଙ୍କଟ ଟଳିଯାଏ । ବିଶେଷ କରି ଲାଇଫ୍ ସିଡ୍ୟୁଲ୍ ଓ ଡାଏଟ୍ ପ୍ଲାନ ମୁତାବକ ସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଓ ସୁସ୍ଥ ମନ ଦ୍ୱାରା ବିପି ଓ ଷ୍ଟ୍ରେସ୍ ନିୟନ୍ତ୍ରଣକୁ ଆସେ । ଫଳ, ପନିପରିବା, ଶସ୍ୟ ଜାତୀୟ ଖାଦ୍ୟ, ବିନ୍ସ , ବାଦାମ, ଦୁଗ୍ଧଜାତ ଦ୍ରବ୍ୟ (କମ୍ ଚର୍ବି) ଭଳି ଖାଦ୍ୟ ଖାଇଲେ ମାନସିକ ପରିବର୍ତ୍ତନ ଦେଖାଯାଇଥାଏ । ଏହାଛଡ଼ା ଫାଇବର, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଏବଂ ପୋଟାସିୟମ୍ ଭରପୂର ଖାଦ୍ୟ ମଧ୍ୟ ଲାଭଦାୟକ । ତେବେ ସୁସ୍ଥ ମନ ଲାଗି ବାହାରକୁ ବୁଲିଯିବା, ନୃତ୍ୟ, ସଙ୍ଗୀତମନା ହେବା ଓ ସାଙ୍ଗସାଥୀଙ୍କ ସହ ହସଖୁସିର ସମୟ ବିତାଇବା ପ୍ରତି ଧ୍ୟାନ ଦେଇପାରିଲେ ବିପି ଭଳି ବିପଦକୁ ଦୂରେଇ ଦେଇହେବ ।

## ଇତିହାସ

୧୭୬୨– ଅଷ୍ଟ୍ରିଆରେ କାଗଜ ମୁଦ୍ରାର ପ୍ରଚଳନ ଆରମ୍ଭ ହେଲା ।

୧୭୮୫– ବିଶ୍ୱର ପ୍ରଥମ ବିମାନ ଦୁର୍ଘଟଣାରେ ବେଲୁନ୍‌ରେ ଉଡାଣ ଭରୁଥିବା ଦୁଇଜଣ ଫ୍ରାନ୍ସ ନାଗରିକଙ୍କର ମୃତ୍ୟୁ ହୋଇଥିଲା ।

୧୮୧୫– ଇତିହାସରେ ସବୁଠୁ ପ୍ରସିଦ୍ଧ ବଲ୍ ରିଚ୍‌ମଣ୍ଡର ବଲ୍‌ର ଆୟୋଜନ କରାଯାଇଥିଲା ।

୧୮୬୪– ଆମେରିକା କଂଗ୍ରେସ କଳା ସୈନିକଙ୍କ ପାଇଁ ବେତନକୁ ସମାନ କରିବା ସମ୍ବନ୍ଧିତ ଆଇନ ପ୍ରସ୍ତୁତ କଲା ।

୧୮୯୬– ଜାପାନରେ ଭୂମିକମ୍ପ ହେବା ପରେ ଆସିଥିବା ସୁନାମିରେ ପ୍ରାୟ ୯୦୦୦ ଘର ନଷ୍ଟ ହୋଇଥିଲା ଏବଂ ୨୨ ହଜାର ଲୋକ ମୃତ୍ୟୁବରଣ କରିଥିଲେ ।

୧୯୪୭– ଅଖିଳ ଭାରତୀୟ କଂଗ୍ରେସ ବ୍ରିଟିଶ ଯୋଜନା ଅନ୍ତର୍ଗତ ଭାରତ ବିଭାଜନ ପ୍ରସ୍ତାବକୁ ସ୍ୱୀକାର କଲା ।

୧୯୮୮– ନାସା ସ୍ପେଶ୍ ସ୍ଟିକିଲ୍ ଏସ୍–୨୧୩କୁ ଲଞ୍ଚ୍ କଲା ।

୨୦୧୦– ତମ୍ବାଖୁ ଉପରେ ପ୍ରତିବନ୍ଧକ ଲାଗୁ କରିବାରେ ଭୁଟାନ ବିଶ୍ୱର ପ୍ରଥମ ଦେଶ ହେଲା ।

୨୦୧୨– ଆପଲ୍ ଆଇ କମ୍ପ୍ୟୁଟର ୩୭୪.୫୦୦ ଡଲାରର ରେକର୍ଡ ବିକ୍ରି କଲା ।

# ସ୍କ୍ରିନ୍‌କୁ ଫେରୁଛନ୍ତି କାଜୋଲ



୨୭ ଜୁନ୍‌ରେ ବଡ ପରଦାକୁ କମ୍‌ବ୍ୟାକ କରୁଛନ୍ତି ଫିଲ୍ମ ଅଭିନେତ୍ରୀ କାଜୋଲ । ତାଙ୍କୁ ଫିଲ୍ମ ମା ଜରିଆରେ ଦର୍ଶକ ପୁଣି ପରଦାରେ ଦେଖିବେ । ତେବେ ତାଙ୍କ ଚରିତ୍ରକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ଜାରି ରହିଛି । ଏହା କାଜୋଲଙ୍କର ଏକ ନୂଆ ରୂପ ବୋଲି ସମୀକ୍ଷକମାନେ ଚର୍ଚ୍ଚା କରୁଛନ୍ତି । ତେବେ ଏହାରି ଭିତରେ ନିକଟରେ ଅଭିନେତ୍ରୀ ଦେଇଥିବା ଏକ ଷ୍ଟେଟମେଣ୍ଟ ବର୍ତ୍ତମାନ ଭାଇରାଲ ହେଉଛି । ଏଥିରେ ସେ ସ୍ୱାମୀଙ୍କର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଛି । ଅଜୟ ଦେବଗନ ଜଣେ ଭଲ ପ୍ରଯୋଜକ ବୋଲି କାଜୋଲ ମତ ଦେଇଛନ୍ତି । ସେ ନିଜ ଦାୟିତ୍ୱକୁ ଖୁବ ଭଲ ଭାବେ ପରିଚାଳନା କରିଥାଆନ୍ତି । ସେହିଭଳି ଫିଲ୍ମ ସୁଟିଂରେ ମଧ ଅଜୟ ଖୁବ ସାମିଲ ହୋଇଥାଆନ୍ତି । କେଉଁ ସିନ୍ କେଉଁଭଳି ହେଲେ ଦର୍ଶକ ଭଲପାଇବା ଦେବେ ସେନେଇ ଅଜୟ ସବୁବେଳେ ମତ ଦେଇଥାଆନ୍ତି ବୋଲି କାଜୋଲ ମତ ଦେଇଛନ୍ତି । ସେହିଭଳି ସେ ନିଜେ ଏକ ହରର ଫିଲ୍ମରେ କାମ କରିଥିଲେ ବି ରିଅଲ ଲାଇଫ୍‌ରେ କିନ୍ତୁ ହରର ଫିଲ୍ମ ଦେଖିବାକୁ ଭଲ ପାଇ ନଥାଆନ୍ତି । ଏପରି କି ସେ ବହୁତ କମ ଏହି ଫିଲ୍ମ ଦେଖନ୍ତି ବୋଲି ମତ ଦେଇଛନ୍ତି । ଏହି ସାକ୍ଷାତକାରରେ କାଜୋଲ ଦର୍ଶକଙ୍କୁ ଫିଲ୍ମଟି ଦେଖିବାକୁ ଅନୁରୋଧ କରିଛନ୍ତି । ପୂରା ୟୁନିଟ୍ ଫିଲ୍ମକୁ ସଫଳ କରିବାରେ ଖୁବ ପରିଶ୍ରମ କରିଛନ୍ତି, ତେଣୁ ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ସେ ଆଶା କରିଛନ୍ତି ।

ମନେପଡ଼େ

# ୫୦୦ ଟଙ୍କା ଆଣି ଆସିଥିଲେ ମୁମ୍ବାଇ



ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ନିଜର ଅଭିନୟ ପାଇଁ ଖୁବ ଚର୍ଚ୍ଚା ସାଉଁଟିଥାଆନ୍ତି । ବର୍ତ୍ତମାନ ସେ ବଲିଉଡର ଜଣେ ସଫଳ ନାୟିକା, ହେଲେ ଦିନ ଥିଲା ସେ ଏଥିପାଇଁ ଖୁବ ପରିଶ୍ରମ କରିଛନ୍ତି । କ୍ୟାରିୟରର ଆରମ୍ଭ ଦିନ ଗୁଡିକ ସେ ଖୁବ ଷ୍ଟ୍ରଗଲ କରିଛନ୍ତି । ସେ ମୁମ୍ବାଇ ଆସିଥିବାବେଳେ ମାତ୍ର ୫୦୦ ଟଙ୍କା ଧରି ଆସିଥିଲେ ବୋଲି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏହାପରେ ସେ ନିଜର ପିଲାଦିନର ଦୁର୍ବଳତା ଅଭିନୟକୁ ପାଥେୟକରି ଖୁବ ପରିଶ୍ରମ କରିଥିଲେ । ଧୀରେଧୀରେ ସେ ନିଜର ଏକ ସ୍ୱତନ୍ତ୍ରସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଥିଲେ । ଧୀରେଧୀରେ ଲୋକ ତାଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ । ତାଙ୍କୁ ବଡ ପରଦାରେ ବିଭିନ୍ନ ଫିଲ୍ମରେ ଦେଖିବାକୁ ମିଳିଥିଲା । ଏହାପରେ ସେ ନିଜର ଅନେକ ସ୍ୱପ୍ନ ପୂରଣ କରିବାରେ ସଫଳ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି । ଦିଶା ନିଜର କ୍ୟାରିୟର ଦିଶା ମଡେଲିଂରୁ ଆରମ୍ଭ କରିଥିଲେ । ମଡେଲିଂରୁ ଲିଡ୍ ଅଭିନେତ୍ରୀର ଯାତ୍ରା ଖୁବ ଅଧିକ କଷ୍ଟ ଥିଲା ବୋଲି ଅନେକ ସାକ୍ଷାତକାରରେ ଦିଶା ପ୍ରକାଶ କରିଛନ୍ତି ।

# ଡାଇନୋସରଙ୍କୁ ହେଉଥିଲା କ୍ୟାନ୍‌ସର !



ନିକଟରେ ଗବେଷକଙ୍କୁ ଡାଇନୋସରଙ୍କୁ ନେଇ ଗୁରୁତର ତଥ୍ୟ ପ୍ରାପ୍ତ ହୋଇଛି । ୟୁକେ ଓ ରୋମାନିଆର ଗବେଷକଙ୍କ ତଥ୍ୟ ଅନୁସାରେ ୭୦ ମିଲିଅନ୍ ବର୍ଷ ପୁରୁଣା ଡାଇନୋସର ଜୀବାଶ୍ମରେ କ୍ୟାନ୍‌ସରର ନମୁନା ମିଳିଛି । ରୋମାନିଆରେ ରହୁଥିବା ଏହି ଜୀବର ଜୀବାଶ୍ମରେ ଏହା ମିଳିଛି । ବୈଜ୍ଞାନିକଙ୍କୁ ଏହାର ପାଟିରେ ଏକ ଟ୍ୟୁମର ମିଳିଛି । ଟ୍ୟୁମର ପାଖରେ ସେମାନଙ୍କୁ ଏକ ସଫ୍ଟ ଟିସୁର ସନ୍ଧାନ ମଧ୍ୟ ମିଳିଛି । ତେଣୁ ଏହା କ୍ୟାନ୍‌ସରର ନମୁନା ହୋଇପାରେ ବୋଲି ସେମାନେ ଆକଳନ କରୁଛନ୍ତି । ଏହି ଟିସୁକୁ ସେମାନେ ପ୍ରିଜର୍ଭ କରି ରଖିଥାଆନ୍ତି । ତେବେ ଏହା କ୍ୟାନ୍‌ସରକୁ ନେଇ ଜାରି ରହିଥିବା ଗବେଷଣାରେ ଖୁବ ସହଯୋଗ କରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଏତେ ବଡ ଜୀବକୁ କିଭଳି କ୍ୟାନସର ହୋଇଥାଏ ଏବଂ ତାର ଶରୀର ପରିସ୍ଥିତି କିଭଳି ରହିଥାଏ ସେନେଇ ଅଧିକ ତଥ୍ୟ ମିଳିବବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

# ଜମୁଛି ରଜ, ସବୁଠି ଉତ୍ସାହ









ଭୁବନେଶ୍ୱର(ସବ୍ୟୁ): ବନସ୍ତେ ଡାକିଲା ଗଜ... ବରଷକ ଥରେ ଆସିଛି ରଜ... ଦୋଳିରେ ଝୁଲି ଝୁଲି ଭାଇର ମଙ୍ଗଳ ମନାସୀ ଗୀତରେ ମସଗୁଲ କୁମାରୀ । ପହିଲି ରଜରେ କୁନି କୁନି ଝିଅଙ୍କ ଠାରୁ ଯୁବତୀ, ନବବଧୂ ଓ ମହିଳା, ସମସ୍ତେ ନୂଆ ପୋଷାକ ପିନ୍ଧି, ପାଦରେ ଅଳତା ଲଗାଇ ପିଠା ଖାଇ ଦୋଳିର ମଜା ନେଉଛନ୍ତି । ପାନ ଦୋକାନରେ ଜମୁଛି ଭିଡ଼ । ପ୍ରଥମ ଦିନ ସଜବାଜ ଓ ପହିଲି ରଜ, ଦ୍ୱିତୀୟ ଦିନରେ ରଜ ସଂକ୍ରାନ୍ତି, ଶେଷ ତଥା ତୃତୀୟ ଦିନରେ ହୁଏ ବସୁମତି ସ୍ନାନ ।ପ୍ରଚଣ୍ଡ ରୌଦ୍ର ପରେ ଭିଜିଛି ଧରଣୀ । ଏହାରି ଭିତରେ ଭୁବନେଶ୍ୱର ପାତ୍ରପଡ଼ାରେ ଜମିଛି ରଜ ମଉଜ । ପାତ୍ରପଡା–ଭାଗବନପୁର ଯୁବ ବାହିନୀ ଓ ମହାରାଜା କ୍ରିକେଟ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ରଜ ଉତ୍ସବ । ୪ ଦିନିଆ ଉତ୍ସବରେ ଲାଗିଛି ୧୫୦ରୁ ଅଧିକ ଦୋଳି । ମେୟର, ବିଧାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି । ସେପଟେ ରାଜଧାନୀ ଉପକଣ୍ଠ କଲ୍ୟାଣପୁର ଗାଁରେ ମଧ ଜମିଛି ରଜ ମଉଜ । ୪ଶହ ଦୋଳି ସାଙ୍ଗକୁ ଆୟୋଜିତ ହୋଇଛି ବିଭିନ୍ନ ପ୍ରତିଯୋଗିତା । ଜମିଛି ବାଗୁଡ଼ି ସାଙ୍ଗକୁ ପଶାପାଲିର ଆସର । ରଜରେ ରଜପାନର ରହିଛି ବେଶ ଚାହିଦା । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଇନ୍ଦିରାଗାନ୍ଧୀ ପାର୍କ ନିକଟରେ ମିଳୁଛି ଫାୟାର ପାନ । ୩୨ ପ୍ରକାର ମସଲା ପକାଇ ଲୋକଙ୍କୁ ୧୫ ଟଙ୍କାରେ ଯୋଗାଇ ଦେଉଛନ୍ତି ପାନ ଦୋକାନୀ ଗଣେଶ ଭାଇ ।



### କମିଶନରେଟ୍ ପୁଲିସର ଅପରାଧ ସମୀକ୍ଷା ବୈଠକ

## ଜେଲ୍ ଫେରନ୍ତା ଉତ୍ପାତ କଲେ ହେବେ ତଡ଼ିପାର୍

କଟକ,(ସବ୍ୟୁ): ଏଣିକି କଠୋର ହେବ କମିଶନରେଟ୍ ପୁଲିସ ।ଜେଲ୍‌ରେ ସଜା କାଟିବା ପରେ ଘରକୁ ଫେରିଥିବା ଅପରାଧିମାନେ ଯଦି ପୁଣିଥରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁନ୍ତି, ପୁଲିସ ସେମାନଙ୍କୁ ତଡ଼ିପାର କରିବ ।ଖାସକରି ଜେଲ ଫେରନ୍ତା ଅପରାଧୀଙ୍କ କାର୍ଯ୍ୟକଳାପ ଉପରେ ଥାନାୱାରୀ ଦୃଷ୍ଟି ଦିଆଯିବ ଛ ଶେଷରେ ତଡିପାର ଭଳି ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି କଟକ କମିଶନରେଟ ପୁଲିସର ମାସିକ ଅପରାଧ ସମୀକ୍ଷା ବୈଠକରେ ଡିସିପି ଖିଲାରୀ ଋଶିକେଷ ଦ୍ୟାନଦେଓ ଅଧକ୍ଷତା କରି କହିଛନ୍ତି ।ବୈଠକରେ ଥାନାୱାରୀ ରୁଜୁ ହୋଇଥିବା ଅପରାଧୀକ ମାମଲା ଏବଂ କାର୍ଯ୍ୟକାରୀତା ନେଇ ଡିସିପି ସମୀକ୍ଷା କରିଥିଲେ । ତେବେ ଅଧିକାଂଶ ଥାନାରେ ମାମଲା ରୁଜୁ ହେବାର ଦୀର୍ଘ ଦିନ ପରେ ବି ଅଭିଯୁକ୍ତ ଧରାପଡିନଥିବା ଜାଣି ଡିସିପି ବିରକ୍ତି ପ୍ରକାଶ କରିଥିଲେ । ଏଣୁ ଥାନାୱାରୀ ପଡିରହିଥିବା ମାମଲା ଗୁଡିକର ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରି ତାହା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରତି ମାସରେ ରିପୋର୍ଟ ଦେବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ଜଗତପୁର, ମଙ୍ଗଳାବାଗ, ସଦର, ବାରଙ୍ଗ, କନ୍ଦରପୁର ଥାନାରେ ପଡି ରହିଥିବା ମାମଲା ଗୁଡିକର ତଦନ୍ତ ତୁରନ୍ତ ଶେଷ କରି ଚାର୍ଜସିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଛ ଅନ୍ୟପକ୍ଷେ, ସହରରେ ଖୋଲାଖୋଲି ଭାବେ ନିଶା ସେବନ ଓ କାରବାର ରୋକିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ବିଗତ କିଛି ଦିନ ମଧ୍ୟରେ ବ୍ରାଉନସୁଗର କାରବାର ବଢିଛି । ରାସ୍ତାଘାଟରେ ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏହାକୁ ରୋକିବା ପାଇଁ ସର୍ବସାଧାରଣ ସ୍ଥାନରେ କିମ୍ବା ମଦ ପିଇ ଗାଡି ଚଳାଇ ଧରାପଡିଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।ପ୍ରଥମତଃ ମଦ୍ୟପଙ୍କ ଠାରୁ ମୋଟା ଅଙ୍କର ଜୋରିମାନା ଆଦାୟ କରାଯିବ । ଯଦି ପୁଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ କିମ୍ବା ଦୁର୍ବ୍ୟବହାର କରନ୍ତି ତାହେଲେ ତାଙ୍କର ଗାଡିକୁ ଜବତ ସହିତ ନିଶାସକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛ ।ଆଉ ନିଶା କାରବାର ରୋକିବାକୁ ଜେଲ ଫେରନ୍ତା ବେପାରୀଙ୍କ ଗତିବିଧି ଉପରେ କଡା ନଜର ରଖିବାକୁ କୁହାଯାଇଛି । ସେହିପରି ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟି ରଖି ଏବେଠାରୁ ପେସାଦାର ଅପରାଧୀ ଧରପଗଡ କରାଯିବ । ଟ୍ରାଫିକ ଏବଂ ପାର୍କିଂ ସମସ୍ୟା ପାଇଁ ପୋଲିସ କର୍ମଚାରୀମାନେ ଜନସାଧାରଣ ଏବଂ ବ୍ୟବସାୟୀଙ୍କୁ ସଚେତନ କରାଇବେ । ଏହାବାଦ ପାଟ୍ରୋଲିଂ ଏବଂ ଯାଞ୍ଚପ୍ରକ୍ରିୟା ବ୍ୟବସ୍ଥା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ସମସ୍ତ ଏଡିସିପି, ଜୋନ ଏସିପି ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏୟାରଟେଲର ନେଟୱର୍କ ଢ଼ାଞ୍ଚା ସହିତ ସ୍ମାର୍ଟ ଗ୍ରିଡ଼କୁ ଡାଟା ପ୍ରଦାନ ସୁନିଶ୍ଚିତ

ଭୁବନେଶ୍ୱର, (ସବ୍ୟୁ): ଭାରତର ଶକ୍ତି ବିତରଣ ଏକ ପରିବର୍ତ୍ତନଶୀଳ ବିପ୍ଳବ ପାଖାପାଖି ରହିଛି । ଏହି ପରିବର୍ତ୍ତନର ମୂଳରେ ଅଛି ରିଭାମ୍ପଡ୍ ଡିଷ୍ଟ୍ରିବ୍ୟୁସନ ସେକ୍ଟର ସ୍କିମ (ଆରଡିଏସଏସ) ଅଧୀନରେ ୨୫କୋଟି ସ୍ମାର୍ଟ ମିଟର ଶୁଭାରମ୍ଭର ମହତ୍ତ୍ୱାକାଂକ୍ଷୀ ଯୋଜନା । ଏହି ପଦକ୍ଷେପ କେବଳ ପାରମ୍ପରିକ ମିଟରକୁ ସ୍ମାର୍ଟ ମିଟର ଦ୍ୱାରା ବଦଳାଇବ ନାହିଁ, ବରଂ ଏହା ଏକ ଅତ୍ୟାଧୁନିକ, ସଚେତନ ଏବଂ ବୁଦ୍ଧିମାନ ବିଦ୍ୟୁତ ଶକ୍ତି ଗ୍ରିଡ୍ ସୃଷ୍ଟି ଆଡକୁ ଏକ ମୌଳିକ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରିବ ।

ତଥାପି ଏହି ପରିବର୍ତ୍ତନ ସହିତ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଜଡିତ ରହିଛି । ସ୍ମାର୍ଟ ମିଟରଗୁଡିକ ଅବିରତ ଡାଟା ସ୍ରୋତ ସୃଷ୍ଟି କରେ ଯାହା ବିଚ୍ଛିନ୍ନତା ବିନା ପ୍ରେରଣ କରାଯିବା ଜରୁରୀ । ଯେହେତୁ ଏହା ଡାଇନାମିକ୍ ଟ୍ୟାରିଫ୍ ପରିଚାଳନା, ରିମୋଟ ଡିସ୍କନେକ୍ଟ, ଏବଂ ଉନ୍ନତ ଶକ୍ତି ପୂର୍ବାନୁମାନ ଭଳି ଉନ୍ନତ ସୁବିଧାଗୁଡିକୁ ଶକ୍ତି ପ୍ରଦାନ କରେ, ତେଣୁ ଏହି ଡାଟା ନିରବଚ୍ଛିନ୍ନତା ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ।

ଏହା ଛଡା, ଭାରତର ଭୌଗୋଳିକ ଏବଂ ଡିଜିଟାଲ୍ ପ୍ରସ୍ତୁତି ଭିନ୍ନ ଭିନ୍ ପ୍ରକାରର ଅଟେ, ଗଭୀର ଗ୍ରାମୀଣ ଅଂଚଳ, ଜନଗହଳିପୂର୍ଣ୍ଣ ସହରାଚଂଳ, ଏବଂ ପାରମ୍ପାରିକ ଭିତିଭୂମି ସଂଯୋଗକୁ ଅର୍ନିଦ୍ଧିଷ୍ଟ କରିଥାଏ ଛ ମିଟର ଏବଂ ସିମ୍ ବ୍ୟତୀତ ଉପଯୋଗିତା ସେବା ଏବଂ ସେମାନଙ୍କର ଏଏମଆଇଏସପି (ଆଡଭାନ୍ସଡ୍ ମିଟରିଂ ଇନଫ୍ରାଷ୍ଟ୍ରକଚର ସର୍ଭିସ୍ ପ୍ରୋଭାଇଡର୍ସ) ଏକ ସୁସଂଯୋଜିତ ନେଟୱର୍କ ବ୍ୟବସ୍ଥା ଆବଶ୍ୟକ କରୁଛି ଯାହା ଏଜ୍ ଡିଭାଇସରୁ ଉପଯୋଗିତା କମାଣ୍ଡ ସେଂଟର ପର୍ଯ୍ୟନ୍ତ ସୁରକ୍ଷିତ, ନିରବଚ୍ଛିନ୍ନ ଡାଟା ଟ୍ରାନ୍ସଫର ନିଶ୍ଚିତ କରୁଛି ।

## ବାଲିଚାଲାଣ ଗାଡ଼ି ଜବତ

ବାରଙ୍ଗ, (ସବ୍ୟୁ) :ବାରଙ୍ଗ ଅଂଚଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ହେଉଥିବା ବେଳେ ବିଭାଗୀୟ ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ଚୋରା ବେପାର ବଢିବାରେ ଲାଗୁଛି। ପ୍ରତ୍ୟେକ ଦିନ ଶହଶହ ଟ୍ରକରେ ବାରଙ୍ଗ ଏହାର ଆଖପାଖ ଅଂଚଳରୁ ବାଲି, ମୋରମ ଓ ମାଟି ଆଦି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ବାରଙ୍ଗରୁ କଟକ ଭୁବନେଶ୍ୱର ଆଦି ବିଭିନ୍ନ ସ୍ଥାନକୁ ପରିବହନ ହେଉଛି ।କିନ୍ତୁ ଲଘୁ ଖଣିଜ ବିଭାଗ ହାତବାନ୍ଧି ବସିଛିଛ ଶୁକ୍ରବାର ବିଳମ୍ବିତ ରାତିରେ ଆଠଗଡ଼ ସବ–କଲେକ୍ଟର ପ୍ରହଲ୍ଲାଦ ନାରାୟଣ ଶର୍ମା ସରକାରୀ ଗାଡି ଯୋଗେ ଫେରୁଥିଲେ।ଏହି ସମୟରେ ଆଠଗଡ଼ ଅଂଚଳରୁ ଓଡି ୦୫ଏସ ୪୮୫୮ ନମ୍ବର ହାଇୱା ଦୃତଗତିରେ ବେଆଇନ ଭାବେ ବାଲି ନେଇ ଦୃତଗତିରେ ମୁଣ୍ଡଳି ଆଡ଼େ ଆସୁଥିବା ବେଳେ ତାକୁ ରୋକିଥିଲେ।କିନ୍ତୁ ଗାଡ଼ିଟି ନ ରୋକିବାରୁ ଗାଡ଼ିଟିକୁ ପିଛା କରି ମୁଣ୍ଡଳି ଗ୍ରାମ ନିକଟରୁ କୌଶଳକ୍ରମେ ଗାଡିଚାଳକ ଗାଡି ଛାଡ଼ି ଫେରାର ହୋଇଯାଇଥିଲା।ଅଟକାଇଥିଲେଛ ଶ୍ରୀ ଶର୍ମା ଗାଡ଼ିଟିକୁ ଜବତ କରି ବାରଙ୍ଗ ଥାନା ପୁଲିସ ଜିମା ଦେଇଥିଲେ।

## ନିଟ୍ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା



କଟକ,(ସବ୍ୟୁ): ନିଟ୍ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ର ଆଦର୍ଶ ପଣ୍ଡା କୃତିତ୍ୱ ଅର୍ଜନ କରିଛନ୍ତି । ସର୍ବଭାରତୀୟ ସ୍ତରରେ ସେ ୫୭୮୭ ସ୍ଥାନ ଅଧିକାର କରିଥିବାବେଳେ ଏଥିପାଇଁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଅଧକ୍ଷା ଯଶସ୍ୱିନୀ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବକାଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ ।

## ସାପ କାମୁଡାରେ ଶ୍ରମିକ ମୃତ

ନିମାପଡା,(ସବ୍ୟୁ): ଘରେ ଶୋଇଥିବା ବେଳେ ସାପ କାମୁଡାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ନିମାପଡା ଥାନା ଅନ୍ତର୍ଗତ ଶେଉଳସାହି ଗ୍ରାମର ଭରତ ଦାସ–୪୦(ମିଥୁନ) । ଗତ ଶୁକ୍ରବାର ରାତ୍ରରେ ମିଥୁନ ନିଜ ଘରେ ଶୋଇଥିବା ବେଳେ ଏକ ନାଗସାପ ତାଙ୍କୁ କାମୁଡି ଦେଇଥିଲା । ନିଦ ଭାଙ୍ଗିଯିବାରୁ ନାଗ ସାପ ଦେଖି ସେ ପାଟି କରିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିମାପଡା ଡାକ୍ତରଖାନାକୁ ନେଇଥିଲେ । ତାଙ୍କ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହାସପାତାଳକୁ ସ୍ଥାନାନ୍ତର କରିଥିଲେ । ତେବେ ସେଠାରେ ଡାକ୍ତର ମିଥୁନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମିଥୁନ ଜଣେ ଶ୍ରମିକ ଏବଂ ଅତ୍ୟନ୍ତ ଗରିବ ଶ୍ରେଣୀର ଯୁବକ ଅଟନ୍ତି । ତାଙ୍କ ଘରେ ବିଧବା ପତ୍ନୀ ଓ ୨ଟି ପୁଅ ଅଛନ୍ତି । ଆଜି ରଜର ପ୍ରଥମ ଦିନରେ ଖୁସି ପରିବର୍ତ୍ତେ ମିଥୁନଙ୍କ ଅକାଳ ବିୟୋଗ ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି ।

## ସାଉଦି ଆରବରେ ରଜ ପାଳନ

ଭୁବନେଶ୍ୱର (ସବ୍ୟୁ): ସାଉଦି ଆରବ ର ପ୍ରବାସୀ ଓଡ଼ିଆ ମାନଙ୍କ ସଂଗଠନ ଉତ୍କଳିକା ତରଫରୁ ବହୁ ଆଡମ୍ବର ସହକାରେ ରଜ ମଉଜ ଉତ୍ସବ ପାଳନ କରାଯାଇଛି,ଏହି ଅବସରରେ ଓଡ଼ିଶାର ପାରମ୍ପରିକ ପିଠାପଣାକୁ ନେଇ ସ୍ୱତନ୍ତ୍ର ରଜ ପିଠାର ଆୟୋଜନ କରାଯାଇ ଥିଲା ,କୁନି ପିଲାଙ୍କୁ ନେଇ ଗାଁ ରଜ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା , ତଥା ସମସ୍ତ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା, ମହିଳାମାନେ କୁଆଁରୀ ଝିଅ ମାନଙ୍କୁ କୁଙ୍କୁମ ଓ ଅଳତା ଲଗାଇ ବେଶ କରାଇଥିଲେ, ମହିଳା ଓ ଝିଅମାନେ ସୁସଜ୍ଜିତ ଦୋଳି ର ମଜା ନେଇଥିଲେ, ସଦଶ୍ୟମାନେ ଓଡିଶା ପିଠା, ପାନର ମଜା ନେବା ସହିତ, କବାଡି, ପୁଚି ଖେଳ,ତାସ ଓ ଲୁଡୋ ଖେଳ ଖେଳିଥିଲେ ଏଥି ସହ ସଂସ୍କୃତିକ କାର୍ଯ୍ୟକର୍ମକୁ ମନ ଭରି ଉପଭୋଗ କରିଥିଲେ , ଏହି କାର୍ଯ୍ୟକର୍ମରେ ପ୍ରାୟ ୧୫୦ ରୁ ଉର୍ଦ୍ଧ ସଦସ୍ୟ ସପରିବାରେ ଯୋଗ ଦେଇ ସାଉଦି ଆରବରେ, ଗାଁ ରଜକୁ ଉପଭୋଗ କରିଥିଲେ । ସର୍ବଶେଷରେ ପ୍ରବାସୀ ମାନେ ଓଡ଼ିଆ ଖାଦ୍ୟ ର ମଜା ନେଇଥିଲେ ।

## ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ସମ୍ମାନିତ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ବିଂଶତମ ଶ୍ରାଦ୍ଧ ବାର୍ଷିକୀ ୧୩ ତାରିଖ ଦିନ ପାଳିତ ହୋଇଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟିର, ଓଡ଼ିଶା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲିପ ହରିଚନ୍ଦନ, ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରୀପାଠୀଙ୍କ ଉପସ୍ଥିତିରେ ଖ୍ୟାତନାମା ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ତାଙ୍କର ସାମଗ୍ରିକ କୃତି ପାଇଁ ନୀଳକଣ୍ଠ ଶିକ୍ଷା ସମ୍ମାନ –୨୦୨୫ ରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଉଛି ।

### ଦିବ୍ୟାଙ୍ଗ ନାତୁଣୀକୁ ଦୁଷ୍କର୍ମ: ସମ୍ପର୍କିୟ ଜେଜେ ଗିରଫ

ବଳଙ୍ଗା, (ସବ୍ୟୁ) : ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଭୋଜି ଖାଇବାକୁ ଯାଇଥିବା ପରିବାରର ଜଣେ ଦିବ୍ୟାଙ୍ଗ ନାତୁଣୀକୁ ଘରେ ଏକୁଟିଆ ଥିବା ସୁଯୋଗ ନେଇ ସମ୍ପର୍କୀୟ ଜେଜେ (୬୪) ଦୁଷ୍କର୍ମ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛିଛା।ପୁଲିସ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଡ଼ାକ୍ତରୀ ମାଇନା କରିବା ସହ ଅନ୍ୟପଟେ ପୁଲିସ ଭିନ୍ନକ୍ଷମ ଯୁବତୀଙ୍କର ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ରାତ୍ରି ସମୟରେ ଘରେ ସମସ୍ତେ ଏକ ବିଭାଘର ଭୋଜିକୁ ଯାଇଥିବା ବେଳେ ଅଭିଯୁକ୍ତ ରବି ତ୍ରିପାଠୀ ଘରେ କେହି ନଥିବାର ସୁଯୋଗ ନେଇ ହୁଇଲ୍ ଚେୟାରରେ ବସିରହିଥିବା ୯୦ପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ପୀଡ଼ିତାଙ୍କ ମା ବଳଙ୍ଗା ଥାନାରେ ଅଭିଯୋଗ କରିଛି।ଅଭିଯୋଗ ପାଇବା ମାତ୍ରେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯୁବକ ରବି ତ୍ରିପାଠୀକୁ(୫୬) ଗ୍ରାମରେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଖୋଜା ଖୋଜି କରିବା ପରେ ଏକ ଧାନ ଗହିର ମଧ୍ୟରେ ଲୁଚିଥିବା ଖବର ପାଇ ଚଢ଼ାଉ କରି ଉଠାଇ ଆଣି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ମେଗାପାନୀୟଜଳ ପ୍ରକଳ୍ପ ସ୍ଥିତିକୁ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, (ତଥ୍ୟ): ରାଜ୍ୟର ଦୁଇ ଦୁଇଟି ଜିଲ୍ଲାରେ ହଇଜାର ଭୂତାଣୁ ଚିହ୍ନଟ ହେବା ଏବଂ ଝାଡାବାନ୍ତିରେ ୧୦ରୁ ଅଧିକ ଲୋକଙ୍କ ଜୀବନ ଯିବାପରେ ଏବେ ପାନୀୟଜଳ ପ୍ରକଳ୍ପକୁ ନେଇ ପ୍ରଶ୍ନବାଚୀ ଉଠିଛି । କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ପ୍ରଭାବିତ ଅଞ୍ଚଳରେ ଏହା କିଭଳି କାର୍ଯ୍ୟକାରୀ ହେଉଛି ତାହାର ତୁରନ୍ତ ସମୀକ୍ଷା ପାଇଁ ଦାବି ଉଠିଲାଣି । ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡାବାନ୍ତି ଏବେ ଭଦ୍ରକ ଓ କେନ୍ଦୁଝରର ଜିଲ୍ଲାରୁ ବ୍ୟାପିବା ସହିତ ସେଠାରେ ମୁଣ୍ଡ ନେଲାଣି । ପାନୀୟଜଳ ଦୂଷିତ କାରଣରୁ ହଇଜା ବ୍ୟାପିଛି ବୋଲି କହିବା ସହିତ ସ୍ୱାସ୍ଥ୍ୟ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଏହା ମୁକାବିଲା କରିବାରେ ଲାଗିଛି । ହେଲେ ଝାଡାବାନ୍ତି କିନ୍ତୁ ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି ।

ବିଶେଷଜ୍ଞମାନେ ଏଭଳି ରୋଗ ପାଇଁ ପାନୀୟଜଳକୁ ଦାୟୀ କରୁଥିବାବେଳେ ଯେଉଁସବୁ ଅଞ୍ଚଳରେ ଏହା ବ୍ୟାପିଛି ସେଠାରେ ପାନୀୟଜଳର ସ୍ଥିତି କଣ ସେଥିନେଇ କୌଣସି ସମୀକ୍ଷା ହେଉନାହିଁ । ବିଶେଷକରି ସେହିସବୁ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି କି ନାହିଁ, ଯଦି ହୋଇଛି ତେବେ ଲୋକେ ଦୂଷିତ ପାଣି ବ୍ୟବହାର କାହିଁକି କଲେ ତାହା ବଡ ପ୍ରଶ୍ନବାଚୀ ହୋଇଛି । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯକାରୀ ହେଉଥିବାବେଳେ ଧାର୍ଯ୍ୟ ସମୟରେ ଏହା ସରୁନାହିଁ । ସରକାର ସମୟ ପରେ ସମୟ ବଢାଇ ଚାଲିଛନ୍ତି । ଇତି ମଧ୍ୟରେ ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା କେତେକ ସଂସ୍ଥା ଆଗୁଆ ପଇସା ନେଇ ପ୍ରକଳ୍ପକାର୍ଯ୍ୟ ଧିମା କରୁଥିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

ସେହିଭଳି ରାଜ୍ୟର ବହୁ ଅଞ୍ଚଳରେ କୋଟିକୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ପାନୀୟଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ । ପାଣିଟାଙ୍କି ହୋଇଛି, ପାଇପ ବିଛା ଯାଇଛି, ମୋଟର ବି ଲାଗିଛି, ହେଲେ ଲୋକଙ୍କ ଘରକୁ ପାଣି ଆସୁନାହିଁ । ଉପକୂଳ ଜିଲ୍ଲାର ଅନେକ ସ୍ଥାନରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏଠାରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଯେଉଁ ଲକ୍ଷଛ ରହିଥିଲା ତାହା ଘୁଞ୍ଚି ଘୁଞ୍ଚି ଯାଉଛି । ଯେହେତୁ ପ୍ରକଳ୍ପକାମ ସାରି ଠିକାଦାର ଅର୍ଥ ନେଇ ପଳାଇଲେଣି ତେଣୁ ସେହିସବୁ ସ୍ଥାନରେ ଲୋକେ ଆଉ ପାନୀୟଜଳ ପ୍ରକଳ୍ପ ଜରିଆରେ ବିଶୁଦ୍ଧ ପାଣି ପାଇବେ କି ନାହିଁ ସେହି ଚିନ୍ତାରେ ରହିଛନ୍ତି । ଝାଡାବାନ୍ତି ପ୍ରଭାବିତ ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗ ଏକାଧିକ ଟିମନ୍ଧ ପଠାଉଥିବାବେଳେ ପାନୀୟଜଳ ପ୍ରକଳ୍ପର ତଦାରଖ ସହିତ ଜଳ ଯୋଗାଣର ସମୀକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି । ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟର ସମସ୍ତ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା ସହିତ ଲୋକେ ଯେଭଳି ବିଶୁଦ୍ଧ ପାନୀୟଜଳ ପାଇପାରିବେ ତାହା ଉପରେ ପଦକ୍ଷେପ ନନେଲେ ଅନ୍ୟ ଅଞ୍ଚଳରେ ଯାଜପୁର ସ୍ଥିତି ଉପୁଜିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି ।

## ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ
# ପ୍ରାଣହରାଇଥିବା ଯାତ୍ରୀଙ୍କ ପାଇଁ ଯୁବ କଂଗ୍ରେସର ମହମବତୀ ଶୋଭାଯାତ୍ରା



ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିର ଠାରେ ପ୍ରଦେଶ ଯୁବକଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯିବା ସହ ସେଠାରେ ଯୁବକଂଗ୍ରେସ କର୍ମୀମାନେ ମହମବତୀ ପ୍ରଜ୍ୱଳନ କରିଥିଲେ। ଯୁବକଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇସେଠାରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ୍, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ରଞ୍ଜନ ବେହେରା, ସ୍ୱାଗତ କର, ସନ୍ଦିପ ସାମନ୍ତରାୟ, ମହମ୍ମଦ ପରଭେଜ, ସୁନିଲସାହୁ, ସୁରଜ ରାଉତ, ବିରଞ୍ଚି ବାରିକ ଓ କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କବି ନନ୍ଦ କିଶୋର ସାମଲଙ୍କ ଜୟନ୍ତୀ

କଟକ,(ସବ୍ୟୁ): ସାରସ୍ୱତ ସାଧକ ଶିଶୁ କବି ନନ୍ଦ କିଶୋର ସାମଲଙ୍କ ଜନ୍ମଶତ ବାର୍ଷିକୀ ଜୟନ୍ତୀ ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ କଟକ ମହାନଗର ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସିମ ଅମିତାଭ ଦାଶ ଉଦ୍‌ଘାଟନ କରିଥିଲେ । ଡ. ସୁନାମଣି ରାଉତ ମୁଖ୍ୟ ଅତିଥି, ଭାଗବତ ଶୁକ୍ଳ ସମ୍ମାନିତ ଅତିଥି, ଡ.ହୃଷିକେଷ ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କବି ନନ୍ଦକିଶୋର ସାମଲ ଓଡ଼ିଆ ଅସ୍ମିତାର କଥାଗୁଡ଼ିକ ତାଙ୍କ ସୃଷ୍ଟିରେ ପ୍ରତିଫଳିତ କରିଯାଇଛନ୍ତି । ସେ ଲେଖିଥିବା ଆମ ଘର କବିତାର ପ୍ରାସଙ୍ଗିକତା ଆଜି ବାରି ହୋଇପଡୁଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗଜେନ୍ଦ୍ର ପାଣି, ବିଶ୍ୱେଶ୍ୱର ମହାନ୍ତି, ଲକ୍ଷ୍ମୀ ଖମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନରସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ନମିତା ମହାନ୍ତି, ଡ.ବସନ୍ତ ମଞ୍ଜରୀ ନନ୍ଦ, ଗୀତାଞ୍ଜଳି ପୃଷ୍ଟି, କଲ୍ୟାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେଛ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ରାଜୀବ ଷଡ଼ଙ୍ଗୀ ଅତିଥି ପରିଚୟ ଓ ମାଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜଧାନୀ ଉପକଣ୍ଠରେ ସଂଘବଦ୍ଧ ଆକ୍ରମଣ
# ୨ ଆହତ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗୀପୁରରେ ଗତକାଲି ବିଳମ୍ବିତ ରାତିରେ ସଂଘବଦ୍ଧ ଆକ୍ରମଣରେ ୨/୩ ଜଣ ଆହତ ହୋଇଥିବା ବେଳେ ପୋଲିସ ଜଣକୁ ଗିରଫ କରିଛି। ବଟି ପାଇଁ ୮/୧୦ ଜଣ ମାରଣାସ୍ତ୍ର ଓ ଭଙ୍ଗା ବୋତଲରେ ଆକ୍ରମଣ କରିବା ସହ କାର୍ ଭଙ୍ଗାରୁଜା କରିଥିବା ପୀଡ଼ିତମାନେ କହୁଥିବାବେଳେ ପୋଲିସ କହିଛି ଏହା ପୂର୍ବଶତ୍ରୁତାରୁ ହୋଇଛି। ଆହତ ଅଭିଯୁକ୍ତ ଏତଲାରେ ଦୁଇଜଣଙ୍କ ନାମ ଲେଖିଥିବାବେଳେ ଉତ୍ତମ ଓରଫ୍ ଚନ୍ଦନ ମହାପାତ୍ର (୨୭) କୁ ଗିରଫ କରାଯାଇଥିବା ଡିସିପି ଜଗମୋହନ ମିନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସ୍ୱପ୍ନେଶ୍ୱର ପାଣିଗ୍ରାହୀ ତାଙ୍କ ଏତଲାରେ ଲେଖିଛନ୍ତି ଯେ, ଶୁକ୍ରବାର ବିଳମ୍ବିତ ରାତିରେ ସେ ଲିଙ୍ଗୀପୁର ନିକଟସ୍ଥ ରେଡ୍ ରୋଜ୍ ରେଷ୍ଟୁରାଣ୍ଟରୁ ଫେରୁଥିବା ସମୟରେ ଗିରଫ ଅଭିଯୁକ୍ତ ଓ ତାଙ୍କର ଅନ୍ୟଜଣେ ସହଯୋଗୀ ତାଙ୍କୁ ଅଟକାଇ ଖରାପ ଭାଷାରେ ଗାଳି ଦେଇଥିଲେ। ଏଥିସହ ତାଙ୍କୁ ଗାଡ଼ିରେ ଟାଣିଆଣି ଆକ୍ରମଣ ମଧ୍ୟ କରିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଅଭିଯୋଗକାରୀଙ୍କ ଡାକରେ ରେଷ୍ଟୁରାଣ୍ଟର ଶିବ ପ୍ରସାଦ ସେଠୀ ନାମକ ଅନ୍ୟ ଜଣେ କର୍ମଚାରୀ ତାଙ୍କ ପାଖରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଉଭୟଙ୍କୁ କାଚ ବୋତଲରେ ଆକ୍ରମଣ କରିବାରୁ ଉଭୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଗାଡ଼ିକୁ ଭାଙ୍ଗି ଛାରଖାର କରିଛନ୍ତି। ଅଭିଯୋଗକାରୀଙ୍କ କହିବାଅନୁଯାୟୀ ବଟୀ ପାଇଁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ପୋଲିସ କହିବା ଅନୁଯାୟୀ ଗାଡ଼ି ପାର୍କିଂ ବିବାଦକୁ ନେଇ ଏହି ଘଟଣା ଘଟିଛି। ରାଗରେ ଅଭିଯୁକ୍ତ ଉତ୍ତମ ମହାପାତ୍ର ଏବଂ ସହଯୋଗୀ ହାପି ଭୋଇ ଅଭିଯୋଗକାରୀ ଏବଂ ତାଙ୍କ କର୍ମଚାରୀଙ୍କୁ ହତ୍ୟା କରିବା ଲକ୍ଷରେ ଥଣ୍ଡା ପାନୀୟ ବୋତଲରେ ଆକ୍ରମଣ କରିଥିଲେ। ଯାହା ଫଳରେ ସେମାନେ ଗୁରୁତର ଭାବେ ଆହତ ହୋଇଛନ୍ତି।ପୋଲିସ ଘଟଣାସ୍ଥଳରୁ କ୍ଷତିଗ୍ରସ୍ତ କାର୍ ଓ ଭଙ୍ଗା ପାନୀୟ ବୋତଲ ଜବତ କରିଥିବା କହିଛି। ଶନିବାର ମଧ୍ୟାହ୍ନ ସମୟରେ ଉତ୍ତମ ଘରେ ଥିବା ଖବର ପାଇ ପୋଲିସ ତାକୁ ଗିରଫ କରିବାକୁ ଯିବା ବେଳେ ସେ ଛାତରୁ ଡେଇଁ ପଳାଇବାକୁ ଚେଷ୍ଟା କରିବାରୁ ଆହତ ହୋଇଛି। ଘଟଣାସ୍ଥଳରୁ ତାକୁ ଗିରଫ କରାଯିବା ପରେ ମେଡ଼ିକାଲ୍ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# କମ୍ୟୁନିଷ୍ଟ ନେତା ସୁରେଶ ଚନ୍ଦ୍ର ବାରିକଙ୍କ ପରଲୋକ

କଟକ, (ସବ୍ୟୁ): ଛତ୍ର ବଜାର କାର୍ତ୍ତିକେଶ୍ୱର ପୂଜା କମିଟିର ସଭାପତି ତଥା ସିପିଆଇର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁରେଶ ଚନ୍ଦ୍ର ବାରିକ (୭୫)ଙ୍କ ଶଙ୍କରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, କନ୍ୟା, ପୁତ୍ର ଓ ପୁତ୍ରବଧୂ, ଜାମାତାଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଦୀର୍ଘ ୨୦ ବର୍ଷ ଧରି କଟକ ନଗର କମିଟି ସମ୍ପାଦକ ଏବଂ ୧୫ ବର୍ଷ କଟକ ଜିଲା କମିଟି ସମ୍ପାଦକ ଥିଲେ । ଏହାଛଡ଼ା ଶଙ୍କରପୁର ସାହି ଅଧିକାରୀ, ଛତ୍ର ବଜାର କାର୍ତ୍ତିକେଶ୍ୱର ପୂଜା କମିଟିର ପୂର୍ବତନ ସଭାପତି ଓ ବାଦାମବାଡ଼ି-ଶଙ୍କରପୁର ପୂଜା କମିଟିର ମଧ କର୍ମକର୍ତ୍ତା ରହିଥିଲେଛ ତାଙ୍କ ବିୟୋଗରେ ରାଜ୍ୟ ଏବଂ ଜିଲା କାର୍ଯ୍ୟାଳୟରେ ସିପିଆଇର ଲାଲ୍ ପତାକାକୁ ଅର୍ଦ୍ଧନମିତ କରାଯାଇଛି । ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ଓ ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଏଆଇଟିୟୁସି ସମ୍ପାଦକ କିଶୋର ଜେନା, ସିପିଆଇ କଟକ ଜିଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କୁ ସମ୍ମାନ ଜଣାଇ ଛତ୍ର ବଜାର, ମହତାବରୋଡ ଓ ବାଦାମବାଡ଼ି ବଜାର ଦିନକ ପାଇଁ ବନ୍ଦ ରଖାଯାଇଥିଲା ।

# ପାଞ୍ଚ ଗିରଫ, ୧୧ ବାଇକ ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧ ଚୋରା ବାଇକ ଜବତ କରିଛି। ୧୧ ବାଇକ ମଧ୍ୟରେ ୬ ଟି ବୁଲେଟ୍ । ଏହି ଗ୍ୟାଙ୍ଗ୍ ମୁଖ୍ୟତଃ ବୁଲେଟ୍‌କୁ ଲୁଟିବା ପାଇଁ ଟାର୍ଗେଟ୍ କରିଥାନ୍ତି। ଯେଉଁ ବାଇକ୍‌ରେ ଡବଲ୍ ଲକ୍ ହୋଇନଥାଏ, ସେମାନେ ତାହାକୁ ନକଲି ଚାବିରେ ଖୋଲି ଲୁଟ୍ କରନ୍ତି ବୋଲି ପୋଲିସ କହିଛି।

ଅଭିଯୋଗକାରୀ ସନ୍ତୋଷ ସାହୁଙ୍କ ବାଇକ କଳିଙ୍ଗ ବିହାରରେ ଚୋରି ହୋଇଥିବା ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରୁଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସୂଚନା ଅଧାରରେ ଅଭିଯୋଗ ମନୀଷ ପଟ୍ଟନାୟକ ଓ ବାବୁ ରାଓ ଆଚାର୍ଯ୍ୟଙ୍କ ପାଖରୁ ସନ୍ତୋଷଙ୍କ ବାଇକ ଜବତ ହୋଇଥିଲା। ପରେ ମନୀଷ ପାଖରୁ ୪ ଟି ଓ ବାବୁ ରାଓ ପାଖରୁ ୪ ଚୋରା ବାଇକ୍ ଜବତ କରାଯାଇଥିବା ପୋଲିସ କହିଛି। ମନୀଷ ଓ ବାବୁ ରାଓଙ୍କ କହିବା ଅନୁଯାୟୀ ସନ୍ତୋଷ କୁମାର ବେହେରା, ସଚିନ୍ ଗୌଡ ଓ ବିଜନ୍ କୁମାର ସ୍ୱାଇଁଙ୍କ ନିକଟରୁ ୩ ଟି ଚୋରା ବୁଲେଟ୍ ଉଦ୍ଧାର କରାଯାଇଥିଲା। ମନୀଷ ପଟ୍ଟନାୟକ ଓ ବାବୁ ରାଓ ଆଚାର୍ଯ୍ୟ ନାରେ ଲିଙ୍ଗରାଜ,



ମୈତ୍ରୀ ବିହାର ଓ ପିପିଲି ଥାନାରେ ୩ ଟି ଚୋରି ମାମଲା ପଞ୍ଜିକୃତ ଥିବା ପୋଲିସ ଜାଣିବାକୁ ପାଇଛି। ସେହିପରି ଅଭିଯୁକ୍ତ ବିଜନ୍ ସ୍ୱାଇଁ ପୂର୍ବରୁ ତମାଣ୍ଡୋ ଥାନା ଅଧିନରେ ୫ ଟି ସମ୍ପତ୍ତି ଅପରାଧ ମାମଲା ଜଡିତ ଥିବା ଜଣାପଡିଛି ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତ ମନୀଷ ପଟ୍ଟନାୟକ(୨୧), ବାବୁ ରାଓ ଆଚାର୍ଯ୍ୟ (୨୪), ସନ୍ତୋଷ କୁମାର ବେହେରା (୨୨), ସଚିନ୍ ଗୌଡ (୨୩) ଓ ବିଜନ୍ କୁମାର ସ୍ୱାଇଁ (୩୧)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇଦିଆଯାଇଛି।

## ବିକାଶ ମେଳାରେ ନିଶା ନୁହେଁ ଜୀବନ ଶୀର୍ଷକ କର୍ମଶାଳା
# ଜିଲ୍ଲା ସବୁ ମହାବିଦ୍ୟାଳୟରେ ହେବ ସଚେତନତା କାର୍ଯ୍ୟକ୍ରମ

କଟକ, (ସବ୍ୟୁ):ବାଲିଯାତ୍ରା ତଳ ପଡ଼ିଆରେ ବିକାଶ ମେଳା ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ତଥା ବିଶେଷକରି ଯୁବପିଢ଼ିଙ୍କୁ ନିଶା କବଳରୁ ମୁକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉପରେ 'ଆମ ସଂକଳ୍ପ : ନିଶା ନୁହେଁ ଜୀବନ' ଶୀର୍ଷକରେ ଆଲୋଚନା କରାଯାଇଥିଲାଛ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅପମିଶ୍ରିତ, ବିଷାକ୍ତ ଓ ଚୋରା ମଦ କାରବାର ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବିଷୟରେ ସୂଚନା ଦେଇଥିଲେ। ଆଗକୁ ମହାବିଦ୍ୟାଳୟ ସ୍ତରରେ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲାପାଳ କହିଛନ୍ତି । ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ନିଶା କବଳରୁ ଯୁବପିଢ଼ିଙ୍କୁ ଦୂରେଇ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ବକ୍ତା ଡା.ପ୍ରଶାନ୍ତ ମହାପାତ୍ର ନିଶା ସେବନର କୁପରିଣାମ ଉପରେ ଆଲୋକପାତ କରିଥିଲେ । ଜିଲା ସମାଜ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ଅବକାରୀ ଅଧିକାରୀ, ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି. ଏଚ. ତିରୁପତି ପ୍ରମୁଖ ଯୋଗ ଦେଇଥିଲେଛ ଏହି ଅବସରରେ ନିଶା କବଳରୁ ମୁକ୍ତ ହୋଇ ନୂତନ ଜୀବନ ପାଇଥିବା ଅଶୋକ ରଞ୍ଜନ ସାମଲ, କମଳାକାନ୍ତ ସାମଲ, ସୁନୀଲ ସାମଲ, ଦୀପକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲାଛ ପରେ ପରେ ନିଶା ନୁହେଁ ଜୀବନ ଶୀର୍ଷକ ଏକ ନାଟକ ମଞ୍ଚସ୍ଥ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

## ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ
# ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

ପୁରୀ (ସବ୍ୟୁ): ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ କୁମାର ପାଢୀ । ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି ଜୁନ୍ ୨୮ ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ କହିଛନ୍ତି । ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ. ଉପ-ମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି ।

ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏ.ଏସ୍.ଆଇ. କୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ ଗୋଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି । ସେଗୁଡ଼ିକ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଉତ୍ତର ଦ୍ୱାର ଠାରେ ରାମ୍ପ ନିର୍ମାଣ, ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି । ଏଏସ୍‌ଆଇର ନିର୍ଦ୍ଦେଶକ ( ସଂରକ୍ଷଣ) ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବ। ସହ ଏନେଇ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ । ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱ ମନ୍ଦିର ଗୁଡିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି । ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ । ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏ.ଏସ୍.ଆଇ.ର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି ।

# ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲର କର୍ମଶାଳା

କଟକ, (ସବ୍ୟୁ): ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ଏକ କର୍ମଶାଳା ସ୍ଥାନୀୟ ବ୍ଲୁକି ଗେଷ୍ଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନଳିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦିଆଯାଇଥିଲାଛ ଅତିଥି ଭାବେ ଜୋନାଲ ଚେୟାର ବସନ୍ତ ସାହୁ, ବିଜୟ ଲକ୍ଷ୍ମୀ ଭୂୟାଁ, ରୋଟାରୀ ସଭାପତି ଦେବାଶିଷ ମିତ୍ର, ସମ୍ପାଦକ ଡ. ଦୁର୍ଗା ପ୍ରସାଦ ଦାଶ, ପ୍ରାକ୍ତନ ସଭାପତି ସୌମ୍ୟକାନ୍ତ ଖଣ୍ଡାଇ, ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟୁ କୁମାର ଲାଲ। ପ୍ରମୁଖ ଯୋଗ ଦେଇଥିଲେ ।

# ଫକୀରମୋହନଙ୍କ ପୁଣ୍ୟତିଥି, କାର୍ଯ୍ୟକ୍ରମ ନାହିଁ

ଭୁବନେଶ୍ୱର, (ତଥ୍ୟ): ଓଡିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ସଫଳ ସଂଗ୍ରାମ କରିଥିବା ବଳ୍ପାସକବି ଫକୀର ମୋହନ ସେନାପତିଙ୍କ ପୂଣ୍ୟତିଥିରେ ବିଶେଷ କିଛି କାର୍ଯ୍ୟକ୍ରମ ହୋଇନାହିଁ । କେବଳ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ବ୍ୟାସକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ କେହି ଜଣେ କର୍ମଚାରୀ ଫୁଲମାଳଟିଏ ଝୁଲାଇ ଦେଇଥିବାବେଳେ ଆଉ କେହି ଜଣେ ପ୍ରତିମୂର୍ତ୍ତି ନିକଟରେ ସୂତାମାଳଟିଏ ପକାଇଥିବା ଦେଖିବାକୁ ମିଳିଛି । ତେବେ ଫକୀର ମୋହନ ସ୍ମୃତି ସଂସଦ ସମେତ ଆଉ କେତେକ ଅନୁଷ୍ଠାନ ରଜ ସଂକ୍ରାନ୍ତି ଅବସରରେ ଫକୀର ମୋହନଙ୍କ ଶ୍ରାଦ୍ଧୋତ୍ସବ ପାଳନ କରିବେ । ରାଜ୍ୟ ସରକାର ଜାନୁଆରୀ ୧୪ରେ ବ୍ୟାସକବିଙ୍କ ଜୟନ୍ତୀ ଉତ୍ସବ ପାଳନ କରିଥାନ୍ତି । ତେବେ ତାଙ୍କ ପୂଣ୍ୟ ତିଥି ଅବସରରେ ସରକାରଙ୍କ ପକ୍ଷରୁ ସଭା, ସମିତି ଆଦି କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି ।

୧୮୪୩ ଜାନୁଆରୀ ମାସ ମକର ସଂକ୍ରାନ୍ତିରେ ବ୍ୟାସକବିଙ୍କ ଜନ୍ମ ହୋଇଥିବାବେଳେ ୧୯୧୮ ଜୁନ ୧୪ ତାରିଖରେ ତାଙ୍କର ସ୍ୱର୍ଗବାସ ହୋଇଥିଲା । ଜନ୍ମହେବାବେଳେ ତାଙ୍କର ନାମ ବ୍ରଜମୋହନ ଦିଆଯାଇଥିଲା । ତେବେ ବାଲ୍ୟକାଳରେ ତାଙ୍କ ବାପ ମାଙ୍କ ଦେହାନ୍ତ ହେବାପରେ ଜେଜେମାଙ୍କ ଦ୍ୱାରା ସେ ପ୍ରତିପାଳିତ ହୋଇଥିଲେ ଏବଂ ତାଙ୍କୁ ଜଣେ ଫକୀରଙ୍କୁ ସମର୍ପଣ କରିଦେଇ ଜେଜେମା ତାଙ୍କ ନାମ ଫକୀରମୋହନ ରଖିଥିଲେ । ବିଭିନ୍ନ ରାଜାଙ୍କ ନିକଟରେ ସେ ଦେୱାନ, ମ୍ୟାନେଜର ଆଦି ବିଭିନ୍ନ ପଦ ପଦବୀରେ କାମ କରିଥିଲେ । ତେବେ ସାହିତ୍ୟ ସାଧନାରୁ ସେ କେବେ ଦୂରେଇ ନଥିଲେ । ଗୋଟିଏ ସମୟରେ ଓଡିଆ ଭାଷାକୁ ଲୋପ କରି ଏଠାରେ ବଙ୍ଗଳା ଭାଷାକୁ ଲଦି ଦେବାପାଇଁ ଯେଉଁ ଉଦ୍ୟମ ହୋଇଥିଲା। ଫକୀରମୋହନଙ୍କ ସମେତ ବହୁ ଓଡିଆଙ୍କ ଲଢେଇ ଯୋଗୁଁ ତାହା ବ୍ୟର୍ଥହୋଇ ଓଡିଆଭାଷା ବଞ୍ଚି ଯାଇଥିଲା ।

ରାଜା ରାଜୁଡାଙ୍କ ପାଖରେ କାମ କରୁଥିଲେ ମଧ ଫକୀର ମୋହନଙ୍କ ସାହିତ୍ୟରେ ସମାଜ ସଂସ୍କାର ଓ ଦେଶପ୍ରେମ ଭାବନା ରହିଥିଲା । ଏମିତିକି ମହାତ୍ମା ଗାନ୍ଧୀ, ଚରଖା ଓ ଲବଣ ସତ୍ୟାଗ୍ରହ କଥା ଚିନ୍ତା କରିବାର ୩୦ବର୍ଷ ପୂର୍ବରୁ ସେ ଏହି ପ୍ରସଙ୍ଗ ଉଠାଉଥିଲେ । ଉତ୍କଳ ସମ୍ମିଳନୀର ଫକୀରମୋହନ ଥିଲେ ଜଣେ ପ୍ରତିଷ୍ଠାତା ସଦସ୍ୟ । ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଠାରୁ ସେ ବୟସରେ ବଡ ଥିଲେ ଏବଂ ଉଭୟ ନେତାଙ୍କ ସହିତ ତାଙ୍କର ବେଶ ଭଲ ସମ୍ପର୍କ ରହିଥିଲା । ଓଡିଆ ଭାଷା ସାହିତ୍ୟରେ ତାଙ୍କୁ ସେନାପତି ଭାବେ ବିବେଚନା କରାଯାଏ । ଓଡିଆ ଭାଷାର ସମୃଦ୍ଧି ପାଇଁ ସେ ଏକ ଛାପାଖାନା ବାଲେଶ୍ୱରରେ ମଧ ବସାଇଥିଲେ । ଫକୀରମୋହନଙ୍କ ନାମରେ ବାଲେଶ୍ୱରରେ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାବେଳେ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ତାଙ୍କ ନାମରେ ବି ଅନେକ ଅନୁଷ୍ଠାନ ରହିଛି । ଏହି ବେସରକାରୀ ଅନୁଷ୍ଠାନଗୁଡିକ ବସ୍ତୁତଃ ଫକୀରମୋହନଙ୍କ ପାଇଁ ପୂଜ୍ୟପୂଜାର ସମ୍ଭାର ଅଜାଡି ଦେଇଥାନ୍ତି । ବାଲେଶ୍ୱରରେ ବି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କର ଜନ୍ମଦିବସ ଓ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥାଏ। ରାଜଧାନୀରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବାପାଇଁ ବୁଦ୍ଧିଜୀବୀ ମହଲରୁ ମତପ୍ରକାଶ ପାଉଛି ।

# ପୁରୀ ପାନ୍ଥନିବାସରେ ରଜପର୍ବ



ପୁରୀ, (ସବ୍ୟୁ): ଶନିବାର ଦିନ ପୁରୀ ପାନ୍ଥନିବାସରେ ରଜପର୍ବ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ପର୍ବ କୁ ଉଦଘାଟନ କରିବା ସହ ଆମ ସଂସ୍କୃତି ଓ ପରମ୍ପରା ରେ ଓଡ଼ିଆ ପର୍ବ ରଜର ଏକ ସ୍ୱତନ୍ତ୍ର ମହକ ରହିଛି । ତିନି ଦିନିଆ ରଜ ପର୍ବ ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଆନନ୍ଦ ଦେଇଥାଏ ବୋଲି ସେମାନେ ମତ ଦେବା ସହ ଏହାକୁ ଆନନ୍ଦ ଉଲ୍ଲାସର ସହ ପ୍ରତ୍ୟେକ ପାଳନ ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପାନ୍ଥନିବାସର ମ୍ୟାନେଜର ଚନ୍ଦ୍ରକାନ୍ତ ଦାସ,ସହକାରୀ ମ୍ୟାନେଜର ବ୍ୟୋମକେଶ ତ୍ରିପାଠୀ,ଦିଲ୍ଲୀପ ବାରିକ ଓ ପାନ୍ଥନିବାସର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ଶିଶୁ ଶ୍ରମିକ ରୋକିବାକୁ ସଚେତନତା ଅଭିଯାନ

କଟକ,(ସବ୍ୟୁ): ଓଡ଼ିଶାକୁ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗୋଷ୍ଠୀ ବେତାର କେନ୍ଦ୍ର ମାନଙ୍କ ସହଯୋଗରେ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ଶୁଭାରମ୍ଭ କରାଯାଇଥିବା 'ରେଡିଓ ଅନ୍ ହ୍ୱିଲ୍' ଶନିବାର କଟକରେ ପହଞ୍ଚିଥିଲା । ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଏହାକୁ ଜିଲା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଡା.ବିକାଶ ମହାପାତ୍ର ଉଦ୍‌ଘାଟନ କରିଥିଲେ । ବିଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ମିଶ୍ର, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, ସହକାରୀ ଶ୍ରମ ଅଧିକାରୀ ରଶ୍ମି ରଞ୍ଜନ ବରାଳ, ଚିରଞ୍ଜୀବ ରାଉତରାୟ, ତୃପ୍ତିମୟୀ ଖଟୁଆ, ମୋନାଲିସା ପାଢ଼ୀ ଏବଂ ମୌସୁମୀ ପାତ୍ର, ଗୋଷ୍ଠୀ ବେତାର କେନ୍ଦ୍ର ଓଡ଼ିଶା ସଂଘର ସଭାପତି ଡା. ଶିଶିର କୁମାର ଦାସ, ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ପାଇଁ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହା ଅଧୀନରେ ପଦଯାତ୍ରା, ସଚେତନତା ସଭା, ଦସ୍ତଖତ ଅଭିଯାନ, ଉଦ୍ଧାର କାର୍ଯ୍ୟ ଏବଂ ଗୋଷ୍ଠୀ ବେତାର କେନ୍ଦ୍ର ଦ୍ୱାରା ରେଡିଓ କାର୍ଯ୍ୟକ୍ରମ ପ୍ରସାରିତ ହେବ ।

# ଶୁଭାଙ୍ଗୀ ଘୋଷଙ୍କୁ ବେଷ୍ଟ ଗାର୍ମେଣ୍ଟ କନ୍‌ଷ୍ଟ୍ରକ୍‌ସନ ଆୱାର୍ଡ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ସିଲେଇ ମେଶିନ ବ୍ରାଣ୍ଡ ଉଷା ଇଣ୍ଟରନ୍ୟାଶନାଲ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଟେକ୍ନୋଲୋଜି (ଏନଆଇଏଫଟି)ର ଗ୍ରାଜୁଏଶନ ଶୋ'ରେ 'ନିଫ୍ଟ ବେଷ୍ଟ ଗାର୍ମେଂଟ କନ୍‌ଷ୍ଟ୍ରକ୍ସନ ଆୱାର୍ଡ ୨୦୨୫'ର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ରାଜ୍ୟପାଳ ଡା. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀର ଅଂଶ ଭାବେ ଶୁଭାଙ୍ଗୀ ଘୋଷଙ୍କୁ ପ୍ରତିଷ୍ଠିତ 'ନିଫ୍ଟ ବେଷ୍ଟ ଗାରମେଣ୍ଟ କନ୍‌ଷ୍ଟ୍ରକ୍ସନ ଆୱାର୍ଡ ୨୦୨୫'ରେ ସମ୍ମାନିତ କରାଯାଇଥିବା ବେଳେ ତାଙ୍କୁ ଏକ ଉଷା ଜାନୋମି ଆଲୁରେ ଡିଏଲଏକ୍ସ ସିୱିଙ୍ଗ ମେଶିନ ଓ ଉତ୍କର୍ଷତାର ପ୍ରମାଣପତ୍ର ଦିଆଯାଇଥିଲା। ଚଳିତ ବର୍ଷ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଗାନ୍ଧୀନଗର, ଭୁବନେଶ୍ୱର, ପାଟନା, କାଙ୍ଗରା, କନୁର, ଯୋଧପୁର, ସିଲଂଗ, ଶ୍ରୀନଗର ଓ ରାଏବରେଲୀ ସମେତ ଦେଶବ୍ୟାପୀ ନିଫ୍ଟର ୧୫ଟି କ୍ୟାମ୍ପସରେ ଗ୍ରାଜୁଏଟ ହୋଇଥିବା ଫ୍ୟାଶନ ଡିଜାଇନ




ଛାତ୍ରଛାତ୍ରୀମାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି।

ଏହିଅବସରରେ ଉଷାର ପ୍ରବକ୍ତା କହିଛନ୍ତି, 'ଆମେ ନିଫ୍ଟ ସହ ସହଯୋଗିତା କରି ଗର୍ବିତ, ଏକ ଅନୁଷ୍ଠାନ ଯାହା ଫ୍ୟାଶନ ଲିଡରମାନଙ୍କ ପରବର୍ତ୍ତୀ ପିଢିର ସୃଜନଶୀଳତା ଓ ଉଦ୍ଭାବନକୁ ବିକଶିତ ଓ ଉନ୍ନତ କରିଥାଏ, ଯାହା ସେମାନଙ୍କୁ ନିଜର କ୍ଷମତାକୁ ବିସ୍ତାର ଓ ଉପଯୋଗ କରିବାରେ ସାହାଯ୍ୟ କରିଥାଏ। ପ୍ରତ୍ୟେକ ବର୍ଷ ଆମେ ଏଭଳି ଯୁବ ଡିଜାଇନରମାନଙ୍କ ଉଲ୍ଲେଖନୀୟ ପ୍ରତିଭାକୁ ସେଲିବ୍ରେଟ କରିଥାଉ ଏବଂ ଆମେ ସେମାନଙ୍କର ଦୃଷ୍ଟିକୋଣକୁ ଆକର୍ଷଣୀୟ ଡିଜାଇନରେ ପରିଣତ କରିବାରେ ସାହାଯ୍ୟ କରୁଥିବା ପ୍ଲାଟଫର୍ମ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛୁ ।

## ୪ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା
# ବନ କର୍ମଚାରୀଙ୍କୁ ପିଟିଲେ ଉତ୍ତ୍ୟକ୍ତ ଲୋକେ

କେନ୍ଦୁଝର/ଯୋଡ଼ା, (ସ୍ୱର୍ପ/ସବ୍ୟୁ) : କେନ୍ଦୁଝର ଜିଲ୍ଲାର ପୃଥକ ସ୍ଥାନରେ ଦନ୍ତାହାତୀ ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁଘଟିଛି। ଯୋଡ଼ା ବ୍ଲକ୍ ଗୁଆଲି ପଞ୍ଚାୟତରେ ହାତୀ ଆକ୍ରମଣରେ ୨ ଜଣଙ୍କର ମତ୍ୟୁ ହୋଇଥିବା ବେଳେ କାଳିମାଟିରେ ଜଣେ ଯୁବକ ଏବଂ ହରିଚନ୍ଦନପୁର ବ୍ଲକ୍ ବୁଢ଼ାଖମଣ ପଞ୍ଚାୟତ ବାଢୁଣିଧୁଡ଼ା ଗାଁର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତେବେ ଗୁଆଲି ଘଟଣା ସଂପର୍କରେ ଖବର ପାଇବା ସତ୍ତ୍ୱେ ବନ ବିଭାଗ କର୍ମଚାରୀ ୪ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ଏହାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିବାରୁ ବନ ଅଧିକାରୀ, କର୍ମଚାରୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।କେନ୍ଦୁଝର ଜିଲ୍ଲାରେ ହାତୀ ଆକ୍ରମଣକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଜିଲ୍ଲାରେ ହାତୀ ଆକ୍ରମଣଜନିତ ମୃତ୍ୟୁ ସଂଖ୍ୟା ବଢୁଥିବାବେଳେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି।ଯୋଡ଼ା ବ୍ଲକ୍ ଗୁଆଲି ପଞ୍ଚାୟତ କେନ୍ଦୁଡିହି ମୁଣ୍ଡାବସ୍ତିର ସନ୍ତୋଷ ମୁଣ୍ଡା, ରୀନା ମୁଣ୍ଡାଙ୍କ ସମେତ ଅନ୍ୟମାନେ ଶୁକ୍ରବାର ପୂର୍ବାହ୍ନରେ ଶାଳପତ୍ର ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ।ଏହି ସମୟରେ ସନ୍ତୋଷ ଓ ରୀନା ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ରୀନାଙ୍କୁ ପାଦରେ ଦଳି ଦେଇଥିଲାବେଳେ ସନ୍ତୋଷ ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ପଳାଇବା ବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା।ପତ୍ର ସଂଗ୍ରହ ପାଇଁ ଯାଇଥିବା ଲୋକେ ହୋହଲ୍ଲା କରିବାରୁ ହାତୀଟି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା।ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ୪ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ପରେ ରୁଗୁଡ଼ି ଥାନା ପୁଲିସ ଓ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଯୋଡ଼ା କାଳିମାଟିଠାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ କାଳିମାଟି ସରକାରୀ ଓଜନ କଣ୍ଟା ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତାହାତୀ ଦୌଡ଼ି ଆସି ସମ୍ପୃକ୍ତ ଯୁବକଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲାଛ।

ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ବୋଲି ଲୋକେ କହୁଥିବା ବେଳେ ତାଙ୍କ ପରିଚୟ ମିଳିପାରିନି। ଏହି ଘଟଣାକୁ ନେଇ ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ରେଞ୍ଜର ସଞ୍ଜୀବ କୁମାର ରାଉତ, ବନପାଳ ଶରତ ପଟ୍ଟନାୟକ ଓ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକ ସେମାନଙ୍କୁ ଘେରିଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ହରିଚନ୍ଦନପୁର ବ୍ଲକ୍ ବୁଢ଼ାଖମଣ ପଞ୍ଚାୟତ ବାଢୁଣିଧୁଡ଼ା ଗ୍ରାମର ରଣଜିତ ମୁଣ୍ଡା (୫୫) ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଅପରାହ୍ଣରେ ରଣଜିତ ଗାଁ ନିକଟ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଏକ ହାତୀ ତାଙ୍କୁ କଚାଡ଼ି ମାରିଦେଇଥିଲା।

# ଜିଲ୍ଲାସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା

ପାରଳାଖେମୁଣ୍ଡି,(ସବ୍ୟୁ) : ଗଜପତି ଜିଲ୍ଲା ସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଜିଲ୍ଲା ସଦରମହକୁମା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରାମର୍ଶ କର୍ମଶାଳାରେ ଜିଲ୍ଲା ପ୍ରଭାରୀ, ରାଜ୍ୟ ସରକାରଙ୍କ ଆଇନ ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଆଗାମୀ ଦିନରେ ଜିଲ୍ଲାର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ ।



୨୦୪୭ ବେଳକୁ ଭାରତ ବର୍ଷରେ ବିକଶିତ ଚେହେରା ପ୍ରସ୍ଫୁଟିତ ହୋଇପାରିବ, ୨୦୩୬ ବେଳକୁ ଓଡିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବା ସାଙ୍ଗକୁ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିବା ସହ ୨୦୪୭ ବେଳକୁ ବିକଶିତ ଭାରତ ହୋଇପାରିବ। ଜିଲ୍ଲା ବିକଶିତ ହେବା ପାଇଁ ଗ୍ରାମ, ସହରାଞ୍ଚଳ ଗୁଡିକର ବିକାଶ ନିହାତି ହେବା ଜରୁରୀ । ବର୍ତ୍ତମାନ ସରକାର ଓଡିଶାକୁ ବିକଶିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି ଏବଂ ଆଗାମୀ ଦିନରେ ଲକ୍ଷ ରଖିଛନ୍ତି । ଏଥି ନିମନ୍ତେ ଆଜି ଆୟୋଜିତ କର୍ମଶାଳାରେ ମାନ୍ୟବର ମନ୍ତ୍ରୀ ଲୋକମାନଙ୍କ ଠାରୁ ଜିଲ୍ଲାର ବିକାଶ ପାଇଁ କଣ ଆବଶ୍ୟକ ରହିଛି ଲୋକଙ୍କ ଠାରୁ ପଚାରି ବୁଝିଥିଲେ । ଏହି ସମୟରେ ଜିଲ୍ଲାର ବିକାଶ ଦିଗରେ ଜନ ସାଧାରଣ, ବୁଦ୍ଧିଜୀବୀ ମାନଙ୍କ ମତାମତ ଦେଇଥିଲେ। ସେହିପରି ଗଜପତି ଜିଲ୍ଲା କୁ ବିକଶିତ କରିବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି ଓ ଜିଲ୍ଲାବାସୀଙ୍କ ଠାରେ ବହୁ କର୍ଯ୍ୟକରିବାର ଦକ୍ଷତା ରହିଛି। ଆମ ଜିଲ୍ଲାରେ ଥିବା ଭିତ୍ତିଭୂମିକୁ ଉପଯୋଗ କରି ଯାହାସବୁ ଯୋଜନା କରିବା ସେଥି ନିମନ୍ତେ ଜନ ସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, ଏନଜିଓ, ବିଭିନ୍ନ ସଂସ୍ଥାର ମୁଖ୍ୟ ଓ ଅଧ୍ୟକ୍ଷ ମାନେ ସାମିଲ ହୋଇ ବିକଶିତ ଜିଲ୍ଲା ପାଇଁ ନିଜ ନିଜ ମତ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରି ଥିବା ବେଳେ ଗଜପତି ଜିଲ୍ଲାପାଳ ଜିଲ୍ଲାର ବିକାଶ ପାଇଁ କଣ କଣ ଆବଶ୍ୟକ ରହିଛି ସମସ୍ତ ବିଷୟ ବସ୍ତୁକୁ ଉପସ୍ଥାପନ କରିଥିଲେ। ତାହସହ ଜିଲ୍ଲାର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି କର୍ମଶାଳାରେ ଉପସ୍ଥିତ ଜିଲ୍ଲାବାସୀ ନିଜନିଜର ବକ୍ତବ୍ୟ ରଖିଥିଲେ ଯାହାକି ଗ୍ରାମାଞ୍ଚଳରେ ସଶକ୍ତକରଣ କରିବା ସହ ଏଠାକାର ଐତିହ୍ୟର ସୁରକ୍ଷା, ପର୍ଯ୍ୟଟନ ସ୍ଥଳୀ ବିକାଶ,ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ ବିକାଶର ଆବଶ୍ୟକତା ରହିଛି।

ଶିକ୍ଷିତ ଯୁବକ ଯୁବତୀମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ କଳକାରଖାନା ନିର୍ମାଣ ପାଇଁ ତାଲିମ ଦେବା ସହ, ସହାୟତା ରାଶି ଯୋଗେଇ ଦେଲେ, ଜିଲ୍ଲାରେ ନୂତନ କଳକାରଖାନା ନିର୍ମାଣ ହେବ, ରାଜ୍ୟ ଓ ଜାତୀୟ ସ୍ତରରେ ଜିଲ୍ଲାର ପରିଚୟ ଭଡ଼ିବ। ଯାହା ଫଳାରେ ଗ୍ରାମାଞ୍ଚଳର ଲୋକମାନେ ରଜଗାର କ୍ଷମ ହୋଇପାରିବେ ଏଂ ଛେଳି ଚାଷ, କୁକୁଡ଼ା ଚାଷ, ମାଛ ଚାଷ, ଗୋ ଚାଷ ସହିତ ବିଭିନ୍ନ କୃଷି ଭିତ୍ତିକ ନୂତନ ତାଲିମ କେନ୍ଦ୍ର ନିର୍ମାଣ କରି ତାଲିମ ଦେଲେ ଯୁବ ପିଢି ସରଜଗର କ୍ଷମ ହୋଇପାରିବେ।

ଏହି ପରାମର୍ଶ କାର୍ମଶାଳା ସମସ୍ତ ନାଗରିକ, ଯୁବକ, ଉଦ୍ୟୋଗପତି , କୃଷକ, ଓ ପ୍ରଶାସନ ମିଳିତ ଭାବେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ତେବେ ଆମ ଓଡ଼ିଶାର ଦୃ ଭବିଷ୍ୟତ ସ୍ଥାପିତ ହୋଇ ପାରିବ। ଏହି କର୍ମଶାଳାରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ ମଞ୍ଚାଶସିନ ଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଅତିରିକ୍ତ ର୍ନିବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର

ବୁଗୁଡ଼ା, (ସବ୍ୟୁ) : ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଚଳିତ ବର୍ଷ ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛ। ଅଞ୍ଚଳର ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତ ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥି ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି । ଏଥି ସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି।

## ବିଶ୍ୱ ରକ୍ତଦାତା ଦିବସ ପାଳିତ
# ରକ୍ତଦାତା ହେଲେ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ଅନୁଷ୍ଠିତ ହୋଇଯାଇଛି । ରକ୍ତ ବର୍ଗୀକରଣର ଆବିଷ୍କାରକ ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ପ୍ରତିଛବିରେ ପୁଷ୍ପାର୍ଘ୍ୟ ପ୍ରଦାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଓଡିଶା ରକ୍ତ କେନ୍ଦ୍ର, ବାରିପଦାର ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କହିଥିଲେ ଯେ, ମଣିଷକୁ ଘଡିସନ୍ଧି ମୁହୂର୍ତ୍ତରେ ମୃତ୍ୟୁ ମୁଖରୁ ଅମୂଲ୍ୟ ଜୀବନକୁ ବଞ୍ଚାଇ ପୁନର୍ଜନ୍ମ ଦେଉଥିବା ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜନ କରୁଥିବା ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ଅବଦାନ ଅତୁଳନୀୟ, ଏହି ମହତ କାର୍ଯ୍ୟ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇବା ସହ ଚଳିତ ବର୍ଷର ଅନୁଚିନ୍ତା ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣ ରକ୍ଷା କରିବା ଉପରେ ଆଲୋକପାତ କରିଥିଲେ ଏବଂ ଆଗାମୀ ଦିନରେ ଅଧିକ ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ସମସ୍ତ ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ଡିଏମଓ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡଃ ବିଜୟ କୁମାର ଦାଶ, ଡି.ପି.ଏମ ଅନିଲ କୁମାର ମହାନ୍ତି, ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀ ନାୟକ ୫ବର୍ଷ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ ହାର ବଢିଥିଲେହେଁ ଆହୁରି ଅଧିକ ରକ୍ତର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିବା ସହ ଉପସ୍ଥିତ ସମସ୍ତଙ୍କୁ ରକ୍ତଦାନ ଆନ୍ଦୋଳନରେ ସାମିଲ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ନିୟମିତ ରକ୍ତଦାନ କରୁଥିବା ୧୪ଜଣ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜନ କରି ୮୦ଅଧିକ ରକ୍ତ ସଂଗ୍ରହ କରିଥିବା ୧୫ଟି ଅନୁଷ୍ଠାନକୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମସ୍ତେ ସ୍ୱେଚ୍ଛାକୃତ ଭାବେ ବିନା କୌଣସି ପାରିଶ୍ରମିକରେ ସଦା ର୍ବଦା ରକ୍ତଦାନ କରି ନୂତନ ପୀଢ଼ି ମଧ୍ୟରେ ନୂଆ ଆଶାର ସଂଚାର କରିବା ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ ।

# ଅମ୍ବିକା ସାହି 'ରଜ ମଉଜ'ର ପ୍ରଥମ ସନ୍ଧ୍ୟା

ବାରିପଦା, (ସବ୍ୟୁ) : ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ଦିନିଆ ୧୩ତମ 'ରଜ ମଉଜ' ଉତ୍ସବର ୧ମ ସନ୍ଧ୍ୟାରେ ବିଭିନ୍ନ ବର୍ଗର ପିଲାମାନଙ୍କ ମଧ୍ୟରେ ନୃତ୍ୟଗୀତ, ମ୍ୟୁଜିକ ଚେୟାର, ସ୍କିପିଙ୍ଗ ଓ ପୁଚି ଖେଳ ଅନୁଷ୍ଠିତ ହୋଇଥିଲା । ପିତାମାତାଙ୍କ ସମେତ ବହୁ ସଂଖ୍ୟାରେ କୁନିକୁନି ପ୍ରତିଭା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ ଉପଭୋଗ କରିଥିଲେ ।




ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ୧ମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ବାରିପଦା ସହରରେ ଏଭଳି ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରାଯାଉଥିବାରୁ ଆୟୋଜକଙ୍କୁ ବେଶ ପ୍ରଶଂସା କରିଥିଲେ । ପୂର୍ବତନ ଉପ ନଗରପାଳ ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ କଳିଙ୍ଗ କେଶରୀ ଜେନା, ଏମ୍‌ପିସି ମହାବିଦ୍ୟାଳୟର ପୂର୍ବତନ ସଭାପତି ତଥା ସାମ୍ବାଦିକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ବାଙ୍ଗିରିପୋଷି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ କମିଟି ତରଫରୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଆୟୋଜକ ତଥା ନିର୍ଦ୍ଦେଶକ ଲିଟନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୩ଦିନ ବିତିଲା : ନିଖୋଜ ଠିକାଦାରଙ୍କ ମିଳୁନି ପତ୍ତା

ସୋର, (ସବ୍ୟୁ) : ଯାଜପୁର ମଙ୍ଗଳପୁର ଅଞ୍ଚଳରୁ ଜଣେ ପେଟି ଠିକାଦର ଗତ ବୁଧବାର ଦିନ ସୋରକୁ ଆସି କେଉଆଡ଼େ ନିଖୋଜ ହୋଇଥିବାରୁ ତାଙ୍କ ସ୍ତ୍ରୀ ସୋର ଥାନାରେ ଅଭିଯୋଗ କରିଛନ୍ତ । ଅଭିଯୋଗ ଅନୁସାରେ ଯାଯପୁର ମଙ୍ଗଳପୁର ଥାନା ଓଡ଼ଶାଳ ଗ୍ରାମର ଜଣେ ପେଟି ଠିକାଦାର ଶୁଭ୍ରାଂଶୁ ଶେଖର ସାମଲ(୪୩) ପର୍ଯ୍ୟନ୍ତ ଫେରି ନ ଥିବା ବେଳେ ଗତ ୧୧ତରିଖ ବୁଧବାର ଅପରାହ୍ନ ୩ଟା ସମୟରେ ସୋର ଥାନା କୋଚିଆକୋଇଲି ପାଟଣାରେ ହେଉଥିବା ଏକ କାର୍ଯ୍ୟ ତଦାରଣ ଏବଂ ଟଙ୍କା ଦେବା ପାଇଁ ଆସି ରାତି ସାଢ଼େଟାରେ ଘରକୁ ଫୋନ କରିଥିଲେ ।ପରଦିନ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରି ସହିତ ତାଙ୍କର ଫୋନ ସୁଇସଅଫ୍ ଏବଂ କୌଣସି ଯୋଗାଯୋଗ ହୋଇ ନପାରିବାରୁ ସଂପୃକ୍ତ ମିସ୍ତ୍ରିକୁ ଫୋନ କରିଥିଲେ । ଶୁଭ୍ରାଂଶୁ ବୁଧବାର ରାତି ୮ଟା ବେଳେ ଫେରିଯାଇଥିବା କରିବାରୁ ସନ୍ଦେହ କରି ତାଙ୍କ ସ୍ତ୍ରୀ ନବନୀତା ଶୁକ୍ରବାରଦିନି ରାତିରେ ସୋର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗ ମୂଳେ ଏକ ମକଦମା ରୁଜୁ ତଦନ୍ତ ଆରମ୍ଭ କରିଛି । ଶନିବାର ସନ୍ଧ୍ୟାସୁଦ୍ଧା ତାଙ୍କର କୌଣସି ପତ୍ତା ମିଳି ନଥିବାରୁ ତାଙ୍କୁ କେହି ଅପହରଣ କରି ନେଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ।

## ବୋଲେରୋ ଓଲଟି ୫ ଗୁରୁତର

ବେତନଟୀ,(ସବ୍ୟୁ) : ଭାରସାମ୍ୟ ହରାଇ ଓଲୋଟି ପଡ଼ିଲା ବୋଲେରୋ ଗାଡି । ବୋଲେରୋ ଗାଡ଼ିରେ ଥିବା ପାଞ୍ଚ ଜଣ ବ୍ୟାକ୍ତି ଗୁରୁତର ଆହତ ହୋଇଛନ୍ତି ।ବାଲେଶ୍ୱର ରୁ ବାରିପଦା ଯାଇଥିବା ୧୮ ନଂ ଜାତୀୟ ରାଜପଥ ର ବେତନଟୀ ଛକ ନିକଟ ରେ ଏହିପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଗାଡ଼ିରେ ଆଇ ଓସିଏଲମାନୀର ପାଞ୍ଚ ଜଣ କର୍ମଚାରୀ ରହିଥିଲେ । ସେମାନଙ୍କ ମଧ୍ୟ ରୁ ତିନି ଜଣ ଅଣ ଓଡିଆ ଥିବା ବେଳେ ଅନ୍ୟ ଦୁଇଜଣ ଓଡ଼ିଆ ବ୍ୟାକ୍ତି ରହିଥିଲେ । ବାଲେଶ୍ୱର ରୁ ବାରିପଦା ଅଭିମୁଖେ କୌଣସି କାର୍ଯ୍ୟ ରେ ଯାଉଥିବା ବେଳେ ଜାତୀୟ ରାଜପଥ ରେ ଏକ ଗାଇ ସାମ୍ନାକୁ ଆସିଯିବା ହେତୁ ଗାଡ଼ିଟି ଗାଈକୁ ରକ୍ଷା କରିବାକୁ ଯାଇ ଓଲୋଟି ପଡ଼ିଥିବା କୁହାଯାଇଛି । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ବେତନଟୀ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟି କୁ ରାସ୍ତା ଉପରୁ ହଟାଇଛି ।

## ଟ୍ରକ୍ ଧକ୍କାରେ ୩ ଯୁବକ ମୃତ, ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

କେନ୍ଦୁଝର, (ସ୍ୱପ୍ର/ସବ୍ୟୁ) :କେନ୍ଦୁଝର ସଦର ଥାନା ଠାକୁରଡିହି ଛକରେ ଟ୍ରକ୍ ଧକ୍କାରେ ତିନି ବାଇକ୍ ଆରୋହୀ (ଯୁବକ)ଙ୍କ ଜୀବନ ଯାଇଛି । ସେମାନେ ହେଲେ ଶୁଆକାଟି ମାଇନିଂ ଛକର ମହେଶ୍ୱର ବାରିକଙ୍କ ପୁଅ ବିଭୁ ବାରିକ (୧୮), ବାଦଲ ନାଏକ (୨୨) ଓ ସନତ ନାଏକ (୨୧) । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଶନିବାର ରଜ ଥିବାରୁ ଏହି ୩ ଯୁବକ ପୋଷାକ କିଣିବା ପାଇଁ ଶୁଆକାଟିରୁ କେନ୍ଦୁଝର ସହରକୁ ଆସୁଥିଲେ ।

୪୯ ନମ୍ବର ଜାତୀୟ ରାଜପଥର ଠାକୁରଡିହି ଛକରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଘଟଣାସ୍ଥଳରେ ସନତଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ମୃତାହତଙ୍କୁ ଓଏମ୍ସି ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଭୁ ଓ ବାଦଲଙ୍କ ମୃତ୍ୟୁ ଘଟିଛି ।

ଖବର ପାଇ କେନ୍ଦୁଝର ସଦର ଥାନା ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିଛ ଦୁର୍ଘଟଣା ପରେ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ । ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଛି ।

## ପିତୃ ଦିବସ ଅବସରରେ ସତ୍ୟ ନାରାୟଣ ମହାରଣାଙ୍କ ବାଲୁକା କଳାକୃତି ପ୍ରଦର୍ଶନ



ବ୍ରହ୍ମପୁର,(ସବ୍ୟୁ) : ପିତୃ ଦିବସ ପାଳନ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଗୋଲାବନ୍ଧ ବେଳା ଭୂମିରେ ବାଲୁକା କଳାକୃତି କରିଛନ୍ତି । ଏହି କଳାକୃତି କରିବାର ଉଦ୍ଦେଶ୍ୟ ହେଉଛି ପିତାମାତାଙ୍କୁ ସେବା କରିବା ଓ ଭଲ ପାଇବା। ସମର କେମ୍ପ୍ ରେ ୮୦ ପିଲାଙ୍କୁ ବାଲୁକା କଳା ଶିଖିଲେ । ଆମେ ପିତା ମାତାଙ୍କୁ ସମ୍ମାନ ଦେବା ପରିବେଶ ସୁରକ୍ଷା କରିବା ଗଛ ଲଗାଇବା କଇଁଛମାନଙ୍କୁ ସୁରକ୍ଷା କରିବା ପ୍ଲାଷ୍ଟିକ୍ ବେବହାର ନ କରିବ । ଅଳ୍ପ ସମୟ ଭିତରେ ପିଲାମାନେ ବହୁତ ସୁନ୍ଦର ଭାବେ ବାଲୁକା କଳା ଶିଖିଲେ ଓ ଭଲ ଭାବେ ବାଲୁକା କଳା କରିଲେ ସେମାନେ ବଡ ହେଲେ ବାପ ମାଆ ର ସେବା ଓ ଜନ୍ ନେବେ। ଏହି ପିଲା ମାନଙ୍କ ସହ ବାଲୁକା କଳା କରି ଶିଳ୍ପୀ ସତ୍ୟ ବହୁତ ଖୁସି ହୋଇଥିଲେ ।

## ସରକାରୀ ସ୍କୁଲ ଆଲମୀରା ଭାଙ୍ଗି ଚୋରି : ୨ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଫାଷ୍ଟଗେଟ ଠାରେ ଥିବା କେଭି ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଲମୀରା ଭାଙ୍ଗି ନଗଦ ଟଙ୍କା ଓ ୫ଟି ଦାମୀ ସାମସଙ୍ଗ ଟାବଲେଟ୍ ଚୋରି ଘଟଣାରେ ବଡବଜାର ଥାନା ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ରାଉ ସୁକୁଣ୍ଡାର ନରସିଂହ ସାହୁ(୧୯) ଓ ଫାଷ୍ଟଗେଟର ଅମିତ କୁମାର ପ୍ରଧାନ(୨୧) ।

ସୂଚନାପ୍ରକାରେ, ଗତ ଏପ୍ରିଲ ୨୯ ତାରିଖ ରାତିରେ ଏହି ସ୍କୁଲର ତାଲା ବନ୍ଦ ରହିଥିଲା । ହେଲେ ସକାଳୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲରେ ପହଞ୍ଚି ଅଫିସ ରୁମ ଖୋଲିବା ପରେ ରାତିରେ କୌଣସି ଦୁର୍ବୃତ୍ତ ତା' ଭିତରେ ପଶିଥିବା ସନ୍ଦେହ ହୋଇଥିଲା । ଅଫିସ ରୁମ ଟେବୁଲ ଉପରେ ଥିବା ବିଭିନ୍ନ କାଗଜପତ୍ର ଓ ଷ୍ଟେସନାରୀ ସାମଗ୍ରୀ ଏପଟେ ସେପଟେ ହୋଇ ପଡିଥିଲା । ଅଫିସ ରୁମର ଝରକା ଭଙ୍ଗା ଯାଇଥିବା ବେଳେ ଆଲମୀରା ଭଙ୍ଗା ଯାଇଥିବା ଶିକ୍ଷକମାନେ ଦେଖିଥିଲେ । ଯାଞ୍ଚ ପରେ ଆଲମୀରା ଭିତରେ ଥିବା ୫ଟି ସାମସଙ୍ଗ ଟାବଲେଟ୍ ଓ ନଗଦ ୭୮୦୦ ଟଙ୍କା ଗାଏବ ରହିଥିଲା । କୌଣସି ଦୁର୍ବୃତ୍ତ ସ୍କୁଲ ଭିତରେ ପଶି ଅଫିସର ରୁମର ଝରକା ଭାଙ୍ଗି ଭିତରକୁ ପଶିବା ପରେ ଆଲମୀରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଥିବା ସ୍ପଷ୍ଟ ହୋଇଥିଲା ।

ଘଟଣାକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ଦାଶ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (୧୭୪/୨୫) ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ନରିସଂହ ଓ ଅମିତ ସ୍କୁଲ ଭିତରକୁ ଯାଇ ଟାବଲେଟ ଓ ଟଙ୍କା ଚୋରି କରିଥିବା ପୁଲିସ ସ୍ପଷ୍ଟ ହୋଇଥିଲା । ଆଜି ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।


# ଉଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, (ସବ୍ୟୁ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲା ସଦରମହକୁମା ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳାକୁ ମନ୍ତ୍ରୀ ଓଡ଼ିଶା ସରକାର ଅବକାରୀ,ଆଇନ ଓ ପୂର୍ତ୍ତ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦଘାଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ. ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନାମୀ ମଣ୍ଡଳ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ମନ୍ତ୍ରୀରାଜ୍ୟ ସରକାରଙ୍କର ଏକ ବର୍ଷ ପୂର୍ତ୍ତି ଅବସରରେ ନିଆଯାଇଥିବା ବିଭିନ୍ନ ଯୁଗାନ୍ତକାରୀ ସୂଚନା ସମ୍ପର୍କରେ ନିଜର ମତ ବ୍ୟକ୍ତ କରିଥିଲେ । ଚାଷୀଙ୍କୁ ୩୧୦୦ ଏମଏସପି ,ସୁଭଦ୍ରା ଯୋଜନାରେ ବାର୍ଷିକ ଦଶ ହଜର ପ୍ରୋତ୍ସାହନ ରାଶି ମହିଳାମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିପାରିବ ବୋଲି ମତ ପ୍ରକାଶ କରିଥିଲେ । ସମଗ୍ର ଓଡ଼ିଶାରେ ନୂତନ କୋର୍ଟ ପ୍ରତିଷ୍ଠା କରିବା ପାଇଁ ସରକାର ଯୋଜନା କରୁଥିବା କଥା ମତ ବ୍ୟକ୍ତ କରିଥିଲେ । ପରେ ପରେ ମନ୍ତ୍ରୀଙ୍କ ଦ୍ୱାରା ଷ୍ଟାଡିୟମ୍ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ,ଅର୍ଥ ରାଶି, ପଟ୍ଟା ପ୍ରଦାନ, କାର୍ଯ୍ୟ ଆରମ୍ଭ ଆଦେଶ ନାମା ଓ ଏ ୱାନ ହାସଲ କରୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ବିଜ୍ଞାନ ନିରୀକ୍ଷକ ଓ ଶାରିରୀକ ର୍ନିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜିଲ୍ଲାର ବିଭିନ୍ନ ବିଭାଗର ଜନ କଲ୍ୟାଣକାରୀ ଯୋଜନା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛିଛ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣ ଅବଗତ ହେବେ ଏବଂ କେଉଁ ଯୋଜନାରୁ କିଭଳି ଲୋକେ ଉପକୃତ ହୋଇପାରିବେ ସେହି ସମ୍ପର୍କରେ ଏହି ସଚେତନତା କାର୍ଯ୍ୟକ୍ରମ ବିକାଶ ମେଳା । ଏହି ମେଳି ୨୦ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଆୟୋଜିତ ହେବ । ଗଜପତି ଷ୍ଟାଡିୟମ୍ ଠାରେଛ ଏହି ମେଳାରେ ବିଭିନ୍ନ ଲାଇନ୍ ବିଭାଗ ସମେତ ପଞ୍ଚୟତି ରାଜ ବିଭାଗ ପକ୍ଷରୁ ୭୭ ଗୋଟି ଷ୍ଟଲ ଗୁଡିକ ରେ ବିଭିନ୍ନ ବିଭାଗର ସରକାରଙ୍କ ଉନ୍ନତ ମୂଳକ କାର୍ଯ୍ୟକ୍ରମର ପ୍ରଦର୍ଶିତ କରାଯାଉଛି ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲାର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରିବଟା ହେବ । ମିଶନ୍ ଶକ୍ତି ମା ମାନଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଓ ପ୍ରଦର୍ଶନ ହେବ ।

ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବିଭିନ୍ନ ବିଭାଗ ଦ୍ୱାରା କର୍ମଶାଳା, ଆଲୋଚନା ଚକ୍ର ଏବଂ ପ୍ରଶିକ୍ଷଣ ଶିବିର ଆୟୋଜନ କରି ହିତାଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହିକାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବି ଓ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ଶ୍ରମିକରୁ ଉଚ୍ଚ ଶିକ୍ଷା ଲାଭ କରୁଥିବା ୨ଛାତ୍ର ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ପରିବାରର ପ୍ରତିପୋଷଣ ପାଇଁ ଅନେକ ଶିଶୁ ଶ୍ରମିକ ଭାବେ ନିୟୋଜିତ ଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ନେତୃତ୍ୱରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯାଇ ଥଇଥାନ କରାଯାଇଥିଲା । ତନ୍ମଧ୍ୟରୁ ସାରସକଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମର ସୋମନାଥ ନାଏକ ଓ ଶାନ୍ତିଲତା ନାଏକଙ୍କ ପୁତ୍ର ମାନସ ଏବଂ ଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମର ଚୈତନ ମହାନ୍ତ ଓ ଯମୁନା ମହାନ୍ତଙ୍କ ପୁତ୍ର ଶ୍ରୀକାନ୍ତ ପାରିବାରିକ ଦୁରାବସ୍ଥା ପାଇଁ ଅଧାରୁ ପାଠ ଛାଡି ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ । ଜିଲ୍ଲା ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇ ଉଭୟଙ୍କୁ ପୁଣି ଥରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରଖାଯାଇଥିଲା ।




ପରବର୍ତ୍ତୀ ସମୟରେ ଉଭୟେ ମ୍ୟାଟ୍ରିକ ପାସକରିବା ପରେ ମାନସ ସରକାରୀ ବହୁଶିଳ୍ପ ଅନୁଷ୍ଠାନ, ଟିକରପଡା, ଶ୍ୟାମାଖୁଣ୍ଟାରେ ଇଲେକଟ୍ରିକଲ ଇଞ୍ଜିନିୟରିଙ୍ଗ ଏବଂ ଶ୍ରୀକାନ୍ତ ଯୁକ୍ତଦୁଇ ପରେ ପିଆରଏମ ମେଡିକାଲ କଲେଜରେ ପାଥୋଲଜି କୋର୍ସ କରୁଛନ୍ତି । ଶିଶୁ ଶ୍ରମିକରୁ ଉଚ୍ଚ ଶିକ୍ଷାଲାଭ ଲାଭ କରୁଥିବା ଏହି ଦୁଇଛାତ୍ର ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦୁଇ ହୋଟେଲ ସିଲ୍ : ବ୍ୟବସାୟୀ ଆତଙ୍କିତ

ବ୍ୟାସନଗର, (ଜିପ୍ର) : ଖାଦ୍ୟର ମାନ ପରକ୍ଷିବାକୁ ଆଜି ମିଳିତ ଟିମ୍ ବ୍ୟାସନଗର ପୌରାଞ୍ଚଳର ବିଭିନ୍ନ ହୋଟେଲରେ ଚଢାଉ କରିଥିଲେ । ଚଢାଉ ବେଳେ ରୋଷେଇ ଶାଳରେ ଦୀର୍ଘଦିନର ଖାଦ୍ୟ ରହିଥିବା ଏପରିକି ଏକ୍ସପାଇର ଦହି ଦୁଧ ରଖାଯାଇଥିବା ଟିମ୍ ଦେଖିବାକୁ ପାଇଥିଲା । ଖାଦ୍ୟ ଉପଯୋଗୀ ବିଭିନ୍ନ ପ୍ରକାରର ଖାଦ୍ୟ



ରଖାଯାଇଥିବା ବେଳେ ଟିମ୍ ସାମ୍ପଲ ସଂଗ୍ରହ କରିଥିଲେ । ଡ଼ାଇରିଆ ପରେ ହଇଜା ବ୍ୟାପିବା ପରେ ଖାଦ୍ୟ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନିକ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୌରାଞ୍ଚଳ ବିଭିନ୍ନ ହୋଟେଲରେ କରାଯାଇଥିଲା ଚଢାଉ । ଚଢାଉ ବେଳେ ଖାଦ୍ୟ ଉପଯୋଗୀ ନଥିବା ଦୁଇଟି ହୋଟେଲକୁ ସିଲ କରିଦିଆଯାଇଛି । ଯାଂଚ ବେଳେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିବା ପାଣି ସାଧାରଣ ଥିବା ଏବଂ ରଖାଯାଇଥିବା ଖାଦ୍ୟ ବାସୀ ହୋଇଥିବାର ଜାଣିବାକୁ ପାଇଥିଲେ । ୪ଟି ହୋଟେଲରେ ଚଢାଉ ବେଳେ ଦୁଇଟି ହୋଟେଲ ରୟାଲ କଳିଙ୍ଗ ଏବଂ ଓଡ଼-୩୪କୁ ସିଲ୍ କରି ଦେଇଥିଲେ । ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ନେତୃତ୍ୱରେ ଚଢାଉରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ, ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ରାକେଶ କୁମାର ସାହୁ, କଟକ ପୌର କାର୍ଯ୍ୟାଳୟ ଡ଼େପୁଟେସନରେ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀ ମିଥୁନ ସାହା, ପୌର ସାନିଟାରୀ ଇନିସପେକ୍ଟର ମାଣିକ ରଂଜନ ନାୟକ ପ୍ରମୂଖ ସାମିଲ ହୋଇଥିଲେ । ଯାଂଚରେ ପୌର କର୍ମଚାରୀ ଏବଂ ପୁଲିସ ସାମିଲ ହୋଇଥିଲେ । ଆସନ୍ତାକାଲି ମଧ୍ୟ ଚଢାଉ ଜାରୀ ରହିବ ବୋଲି ଅତିରକ୍ତ ତହସିଲଦାର ଶ୍ରୀ ପୁହାଣ ସୂଚନା ଦେଇଛନ୍ତି ।

# ଧର୍ମଶାଳାରେ ଝାଡାବାନ୍ତି ସ୍ଥିତି ଗମ୍ଭୀର

## ଅକ୍ରାନ୍ତଙ୍କ ନମୁନା ପରୀକ୍ଷା ଡାଇରିଆ ପଜିଟିଭ ଚିହ୍ନଟ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକରେ ଗତ ୫ ଦିନ ହେଲା ଲାଗିରହିଥିବା ଝାଡାବାନ୍ତି ରୋଗରେ କିଛିଟା ସୁଦ୍ଧାର ଆସିଥିବା ବେଳେ ଏବେବିସ୍ଥିତି ଗମ୍ଭିର ରହିଛି । ବ୍ଲକର ବିଭିନ୍ନ ଗ୍ରାମରେ ଆଜି ସୁଦ୍ଧା ୨୫୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେଳେ ଅନେକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତମାନ ସୁଦ୍ଧା ୫୦ଜଣ ଝାଡାବାନ୍ତି ରୋଗୀ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ କିଛି ଦିନ ହେଲା ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଗତକାଲି ଠାରୁ କିଛିଟା କମିଥିବା ଦେଖିବାକୁ ମିଳିଛି । ଧର୍ମଶାଳା ବ୍ଲକର ବିଡିଓ, ତହସିଲଦାର ଓ ମେଡିକାଲ ଅଫିସର ମିଳିତ ଭାବେ ସ୍ଥିତି ଉପରେ ଧ୍ୟାନ ରଖିଥିବା ବେଳେ ଲୋକମାନେ ଭୟଭୀତ ନେହେବା ପାଇଁ ଅନୁରୋଧ କରିଛନ୍ତି । ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଝଡାବାନ୍ତି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିବା ବେଳେ ଜିଲ୍ଲାରେ ୧୧ଜଣ କଲେରା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ଧର୍ମଶାଳା ବ୍ଲକରେ କିଛି ରହିଥିବା ଜଣାପଡିଛି । ଏହି ଘଟଣା ଏବେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏହାର ପ୍ରକୃତ କାରଣ ଅଧ୍ୟାବଧି ସାମନାକୁ ଆସିପାରି ନାହିଁ । କାରଣ ଅନୁସନ୍ଧାନ ନିମନ୍ତେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡି ବୃନ୍ଦା ଧର୍ମଶାଳା ମେଡିକାଲରେ ପହଁଚି ସ୍ଥିତି ପରକ୍ଷୀଛନ୍ତି । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ବଳ ମେଡିକାଲରେ ରହି ଚିକିତ୍ସା ତଦାରଖ କରିଛନ୍ତି । ଜିଲ୍ଲାପ୍ରଶାସନ ପକ୍ଷରୁ ସଂକ୍ରମିତ ବ୍ଲକର ବିଭିନ୍ନ ଗ୍ରାମରେ ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇ ସଚେତନ କରାଯାଉଛି । ଏଥିସହ ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡୀ କର୍ମୀମାନେ ଘରକୁ ଘର ବୁଲି ସଚେତନ କରିବା ସହିତ ହାଲୋଜିନ ବଟିକା ବ୍ୟବହାର କରିବା ଏବଂ ଘରେ ଗରମ ଖାଦ୍ୟ ଖାଇବା ଓ ଗରମ ପାଣି ଥଣ୍ଡା କରି ପିଇବାକୁ ପରାମର୍ଶ ଦେଉଛନ୍ତି । ସେହିପରି ଆରଡବ୍ଲୁଏସଏସ ଡିପାର୍ଟମେଂଟ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ଥିବା ନଳକୂପ ଓ କୁପ ଗୁଡିକୁ ବ୍ଲିଚିଂ କରଯାଇ ବିଶୋଧନ କରାଯାଉଛି । ଦୁଷିତ ଜଳ ଓ ଭୋଜି ଖିଆରୁ ଏହି ଝାଡାବାନ୍ତି ବ୍ୟାପିଥିବା କୁହାଯାଉଥିବା ବେଳେ ଏହାର ପ୍ରକୃତ କାରଣ ଜଣାପଡି ନାହିଁ । ତେଣେ ରଜ ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଭୋଜି ଭାତ କରିବାକୁ ବାରଣ କରାଯାଇଛି । ତେବେ କଲେରା କୁ ନେଇ ଲୋକେ ଭୟଭିତ ନହେବା ଲାଗି ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ପୁର୍ବପେକ୍ଷା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ବେଳେ ସ୍ଥିତି ସମ୍ପୁର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଅଧିକାରୀ ଡା. ପ୍ରକାଶ ବଳ ସୂଚନା ଦେଇ କହିଛନ୍ତି ।

### ଧର୍ମଶାଳା ମେଡିକାଲରେ ପିସିସି ସଭାପତି

ଧର୍ମଶାଳା ବ୍ଲକରେ ଗତ ୫ ଦିନ ହେଲା ଝାଡାବାନ୍ତି ରୋଗ ବ୍ୟାପୁଥିବା ବେଳେ ଏବେବି ଅନେକ ଆକ୍ରାନ୍ତ ଡାକ୍ତରଖାନରେ ରହି ଚିକିତ୍ସିତ ହେଉଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରୁ ସଂଗୃହିତ ନମୁନାରୁ ୧୧ ଜଣ କଲେରା ପଜେଟିଭ ବାହାରିବା ପରେ ସାଧାରଣ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି । ତେବେ ମେଡିକାଲରେ ରୋଗୀମାନଙ୍କର ଚିକିତ୍ସା କିଭଳି ଚାଲିଛି । ତହା ପରଖିବା ଲାଗି ଆଜି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହିତ ଏକ ଟିମ ଆସି ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ଆକ୍ରାନ୍ତଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମ୍ପର୍କିୟମାନଙ୍କ ସହିତ ଆଲୋଚନା କରି ଚିକିତ୍ସା ସମ୍ପର୍କରେ ଅବଗତ ହୋଇଥିଲେ ।

## ବେକରେ ରସି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ସାଲେପୁର,(ସବ୍ୟୁ) : ରଜରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା । କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାରିଗୋଳ ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି । ମୃତକ ଜଣଙ୍କ ହେଉଛନ୍ତି ଅନୁଆର ମହମ୍ମଦଙ୍କ ପତ୍ନୀ ତଇମୁନ ବିବି(୪୭ ବର୍ଷ) ।ଶନିବାର ସକାଳେ ବାରିଗୋଳ ଗ୍ରାମର ଅନୁଆର ମହମ୍ମଦଙ୍କ ଘର ଠାରୁ କିଛି ଦୂରରେ ଥିବା ଏକ ନିମ୍ ଗଛରେ ତାଙ୍କ ପତ୍ନୀ ତଇମୁନ ବିବିଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏନେଇ ଗ୍ରାମବାସୀ ସାଲେପୁର ପୁଲିସକୁ ଖବର ଦେଇଥିଲେ । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ କଟକ ପଠାଇଛି । ଏହା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରୁ ତଦନ୍ତ ଚଳାଇଛି । କିଛି ଦିନ ହେବ ପାରିବାରିକ ଅଶାନ୍ତି କାରଣରୁ ତଇମୁନଙ୍କ ମାନସିକ ସ୍ଥିତି ଠିକ ନଥିବା ବେଳେ ସେ ଆଜି ଏପରି କାଣ୍ଡ ଘଟାଇଥିବା କିଛି ଗ୍ରାମବାସୀ ଆଲୋଚନା କରୁଥିବା ଶୁଣିବାକୁ ମିଳିଥିଲ । ଆଜି ପହିଲି ରଜ ଥିବା ବେଳେ ଏଭଳି ଆତ୍ମହତ୍ୟା ଘଟଣାରେ ପରିବାରରେ ଶୋକର ଛାୟା ଖେଳିଯାଇ।

## ପିଲା ଦିନର ସ୍ମୃତିକୁ ମନେ ପକାଏ ରଜ

ବରୀ,(ସବ୍ୟୁ) : ବରୀ ବ୍ଲକ୍ ଅନ୍ତର୍ଗତ ଧାରପୁର ପଞ୍ଚାୟତର କେନ୍ଦୁଆଠାରେ ଓଁକାର ମଣ୍ଡପ ନିକଟରେ ମହାସମାରୋହରେ ରଜ ପାଳିତ ହୋଇଯାଇଛି । ଧାରପୁର ରଜ କମିଟି ପକ୍ଷରୁ ତିନି ଦିନ ଧରି ପାଳିତ ହେବାକୁ ଥିବା ରଜ ମହୋତ୍ସବକୁ ବରୀ ବିଧାୟକ ବିଶ୍ୱ ରଂଜନ ମଲ୍ଲିକ୍ ଉଦ୍ଘାଟନ କରିଛନ୍ତି । ଉତ୍ସବକୁ ବିଧାୟକ ଶ୍ରୀ ମଲ୍ଲିକ ଉଦ୍ଘାଟନ କରି କହିଲେ ଯେ ରଜ ପିଲାଦିନର ଅନେକ ସ୍ମୃତିକୁ ଆଖି ସାମ୍ନାକୁ ଟାଣିଆଣେ । ଝିଅମାନଙ୍କର ରଜ ଦୋଳି, ପାନ, ଅନେକ ପ୍ରକାର ପିଠାପଣାର ସ୍ମୃତି କେବେ ବି ଭୁଲିବାର ନୁହେଁ । ଏହା ଆମ ପରମ୍ପରାକୁ ସବୁ ଦିନେ ମନେ ପକାଇ ଦେଇଥାଏ । ୨୧ ନଂ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ରଜ ମହୋତ୍ସବରେ ଶିଶୁ ସାହିତ୍ୟିକ ଡଃ ଅଜୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଧାରପୁର ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ପୂର୍ବତନ ସଭ୍ୟ ସୁରେଶ ମଳିକ, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ରଜ ମହୋତ୍ସବରେ ସ୍ୱୟଂ ସହାୟିକା ଗୋଷ୍ଠିର ମାଆମାନଙ୍କ ଦ୍ୱାରା ପୋଡପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବସନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଓ ନବୋଦୟ ବୃତ୍ତି ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବାରୁ ଧାରପୁର ପଞ୍ଚାୟତର ସାଇବ୍ରତ ମଳିକଙ୍କୁ ଏକ ହଜାର ଟଙ୍କା, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦୋଷୀକୁ ଗିରଫ ଦାବିରେ ରାସ୍ତାରୋକ : ଥାନା ଘେରାଉ

ବିଂଝାରପୁର,(ସବ୍ୟୁ) :ଗତକାଲି ବିଞ୍ଝାରପୁର ଥାନା ଅନ୍ତର୍ଗତ ଜଗନ୍ନାଥ ପୁରର ବିଲ ମଝିରୁ ଅଶୋକ ନାୟକଙ୍କ ମୃତ ଦେହ ଉଦ୍ଧାର କରିଥିଲା ବିଞ୍ଝାରପୁର ପୋଲିସ୍ । ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଥିବାରୁ ହତ୍ୟା ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଏ ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ। ଘଟଣାର କିଛି ଦିନ ପୂର୍ବରୁ ବିଞ୍ଝାରପୁର ଅଂଚଳର କେହି ଜଣେ ତାଙ୍କୁ ବାରମ୍ବାର ଟଙ୍କା ମାଗିବା ସହ ମାରିବାକୁ ଧମକ ଦେଉଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। କିନ୍ତୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଦୋଷୀକୁ ଗିରଫ କରାଯାଇନଥିବାରୁ ରାସ୍ତାରେ ଶବ ରଖି ବିଞ୍ଝାରପୁର -ସିଂହପୁର ମୁଖ୍ୟରାସ୍ତାରେ ରାସ୍ତାରୋକ କରିବା ସହିତ ବିଞ୍ଝାରପୁର ଥାନା ଘେରାଉ କରିଛନ୍ତି ଗ୍ରାମବାସୀ। ପରେ ପୋଲିସର ବୁଝା ସୁଝା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ବିଭିନ୍ନ ଦିଗରୁ ତଦନ୍ତ ଚାଲିଛି, ଖୁବ ଶୀଘ୍ର ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହେବ ବୋଲି ଥାନା ଅଧିକାରୀ ବାମଦେବ ନନ୍ଦ ସୂଚନା ଦେଇଛନ୍ତି।

## ମଦ ଜବତ : ୭ କୋର୍ଟ ଚାଲାଣ

କେନ୍ଦ୍ରାପଡା,(ସବ୍ୟୁ) : ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭରତପୁର ସତ୍ୟମ କୁମାର ରାଉତଙ୍କ ଠାରୁ ୩୪ ଲିଟର ଦେଶୀ ମଦ, ପୁରୁଷୋତ୍ତମପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୯ ଲିଟର ଦେଶୀ ମଦ, କନ୍ତଆ ଗ୍ରାମର ଜିତେନ୍ଦ୍ର କୁମାର ଜେନାଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଣଟି ଗ୍ରାମର ଅଲେଖ ମଳିକଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ଦାନପୁର ଗ୍ରାମର ନିର ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଳିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ଓ କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୩୨ ଲିଟର ଦେଶୀ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୨୩୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅ। ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ବନ୍ଦର ନଗରୀରେ ରଜର ମାହୋଲ



ପାରାଦୀପ, (ଜିପ୍ର) : ସଜେଇ ହୋଇଛି ବନ୍ଦର ନଗରୀ ପାରାଦୀପ । ଭଳିକି ଭଳି ସାଜସଜାରେ ସଜ ହୋଇ ଆସିଛନ୍ତି ଯୁବତୀ ଓ ମହିଳା। ପିଠାପଣାରେ ମହକୁଛି ସାରା ଅଞ୍ଚଳ । ଦୋଳି ଗୀତରେ ଉତ୍ସବ ମୁଖର ରଜ ପଡିଆ କେବଳ ପଣ୍ୟ କାରବାର ରେ ସର୍ବଭାରତୀୟ ସ୍ତରରେ ଏକ ନମ୍ବର ଖ୍ୟାତି ଅର୍ଜନ କରିବା ନୁହଁ , ଏଠାକାର ପରମ୍ପରା ସଂସ୍କୃତି ଓ ପର୍ବପର୍ବାଣୀକୁ ମଧ୍ୟ ବେଶ ଗୁରୁତ୍ୱ ଦେଇଥାନ୍ତି ବନ୍ଦର ପ୍ରଶାସନ । ଚଳିତ ବର୍ଷ ବେଶ ଧୁମଧାମରେ ପାଳନ କରାଯାଉଚି ଏଠି ରଜ ପର୍ବ । ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବନ୍ଦର ନଗରୀ ଅଞ୍ଚଳର ଝିଅବୋହୁ ମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଗୋପବନ୍ଧୁ ଷ୍ଟାଡିୟମରେ ଆସି ଏହି ପର୍ବରେ ସାମିଲ ହୋଇଛନ୍ତି । ବନ୍ଦର ଅଧକ୍ଷ ପିଏଲ ହାରନାଦ ଏହାକୁ ଆଜି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ପୋଡ଼ ପିଠା ,ମଣ୍ଡା ପିଠା, ଆରିଶା ପିଠା ସହ ଦୋଳି ଓ ପାନ ସହ ରଜଗୀତର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ତିନିଦିନ ଏହି ଉତ୍ସବରେ ଅନେକ ପ୍ରତିଯୋଗୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଆଜି ପହିଲି ରଜରେ ପ୍ରତିଯୋଗୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ପଡିଆରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଛି।

## ସମ୍ପତ୍ତି ପାଇଁ ବାପାକୁ ପିଟିପିଟି ଲହୁ ଲୁହାଣ କଲା ପୁଅ

ରାଜକନିକା,(ସବ୍ୟୁ) : ସମ୍ପତି ପାଇଁ ବାପା ,ମା କୁ ବାଡେଇ ବାଡେଇ ଲହୁ ଲୁହାଣ କଲା ମଝିଆଁ ପୁଅ । ଏମିତି ଏକ ଘଟଣା ଘଟିଛି ରାଜକନିକା ଥାନା ଅନ୍ତର୍ଗତ ଡାଳିକାଏନ୍ଦା ଗାଁ ର । ହୃଷିକେଶ ରାଉତ ଓ ସରୋଜିନୀ ରାଉତଙ୍କ ମଝିଆ ପୁଅ ସୁଧୀର ରାଉତ ସମ୍ପତି ପାଇଁ ବାପାଙ୍କ ବେକରେ ଛୁରୀ ଲଗେଇବା ଓ ବାପାଙ୍କୁ ଗଡେଇ ଗୋଡେଇ ବାଡେଇବା ଓ ବାପା ମା ଙ୍କୁ ଦୀର୍ଘ ୧୦ ବର୍ଷ ହେବ ଖାଇବାକୁ ନ ଦେବା ,ବାପା ମା ଙ୍କ ଅସୁବିଧା ରେ ସାହାଯ୍ୟ ନ କରିବା ଭଳି ସଂଗୀନ ଅଭିଯୋଗ ଆଣି ରାଜକନିକା ଥାନା ରେ ସୁଧୀରଙ୍କ ମା ସରୋଜିନୀ ଲିଖିତ ଅଭିଯୋଗ ଆଣିଛନ୍ତି । ତେବେ ଗତକାଲି ରାତ୍ରିର ପୁଅର ଏମିତି ଅ। ତର୍କିତ ଆକ୍ରମଣରୁ କ୍ଷତ ବିକ୍ଷତ ଅବସ୍ଥାରେ ଆସି ହୃଷିକେଶ ଓ ପତ୍ନୀ ସରୋଜିନୀ ପ୍ରାଣ ବିକଳରେ ପ୍ରଥମେ ରାଜକନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେବା ପରେ ହୃଷିକେଶ ଙ୍କ ପତ୍ନୀ ସରୋଜିନୀ ଗତ କାଲି ବିଳମ୍ବିତ ରାତିରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ନ୍ୟାୟ ପାଇଁ ଦାବୀ କରିଛନ୍ତି। ତେବେ ରାଜକନିକା ପୋଲିସ ଘଟଣାକୁ ନେଇ ତଦନ୍ତ କରୁଥିବା ରାଜକନିକା ଥାନା ଅଧିକାରୀ କହିଛନ୍ତି।


## କେରେଡ଼ାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରାଜନଗର,(ସବ୍ୟୁ) :ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ରାଜନଗର ତହସିଲଦାର ଯୀଶୁ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶାନ୍ତି ଶୃଙ୍ଖଳା ସହକାରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ ସେ ନେଇ ମତ ରଖୁଥିଲେ । ବୈଠକରେ ରଥ ନିର୍ମାଣ , ଭକ୍ତମାନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ରଥଦାଣ୍ଡକୁ ଅବରୋଧମୁକ୍ତ କରିବା, ଟ୍ରାଫିକ ପରିଚାଳନା, ଭକ୍ତଙ୍କ ଭିଡ ସମୟରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ମନ୍ଦିରର ବିଶୋଇ ପୀତାମ୍ବର ଦାଶ,ବିଡ଼ିଓ ଅନିରୁଦ୍ଧ ବେହେରା, ଆଇଆଇସି ନରେଶ କୁମାର ସାହୁ,ଡାକ୍ତର ଶିତମ ରଂଜନ ପାତ୍ର, ବିଦ୍ୟୁତ ବିଭାଗର ଜିତେନ୍ଦ୍ର ବଳ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ,ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ,ଅଗ୍ନିଶ୍ରମ ବିଭାଗର ସୁବାସ ଚନ୍ଦ୍ର ବାରିକ,ଆରଆଇ ପ୍ରଦ୍ୟୁମ୍ନ ବେହେରା, ଆର ଡବ୍ଲୁ ଏସଏସ ର ନକୁଳ ପଢିହାରୀ, ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଥ ନିର୍ମାଣ ବଶ୍ୱକର୍ମା ଅଲେଖ ଚନ୍ଦ୍ର ସୂତାର, ବଡପଣ୍ଡା ମଦନମୋହନ ରଥ, ରାଧାଚରଣ ମାଝି, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ ।

## ମାଲବାହୀ ଟ୍ରେନ ବଗି ଲାଇନଚ୍ୟୁତ

ପାରାଦୀପ,( ଜି . ପ୍ର ): ପାରାଦୀପ ପୁରୁଣା ରେଲୱେ ଷ୍ଟେସନ ନିକଟରେ ଏକ ମାଲବାହୀ ଟ୍ରେନର ୪ଟି ଖାଲି ବଗି ଆଜି ଲାଇନଚ୍ୟୁତ ହୋଇଯାଇଛି । ପାରାଦୀପ ବନ୍ଦରରୁ ଆସି ପୁରୁଣା ଷ୍ଟେସନରେ ରଖାଯାଉଥିବା ବେଳେ ଏହି ଟ୍ରେନ ବଗି ଲାଇନଚ୍ୟୁତ ହୋଇଥିଲା । ସୌଭାଗ୍ୟବଶତଃ ବିଦ୍ୟୁ ଖୁଣ୍ଟରେ ମାଡ଼ ହେବା ପୂର୍ବରୁ ଟ୍ରେନ୍ ଅଟକି ଯାଇଥିଲା । ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଅଳ୍ପକେ ବର୍ତ୍ତି ଯାଇଥିଲା । ଟ୍ରେନ ଟ୍ରାକ୍ ଉପରେ କୋଇଲା ଗଦା ହୋଇ ରହିଥିବାରୁ ବର୍ଷା ଯୋଗୁଁ କୋଇଲାଗୁଡିକ ଟାଇଟ୍ ହୋଇଯାଇଥିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି । ଗତ ଦୁଇଦିନ ତଳେ ମଧ ଏହି ରେଲୱେ ଟ୍ରାକ୍ରେ ଗୋଟିଏ ଟ୍ରେନ ଦୁଇଟି ବଗି ଲାଇନଚ୍ୟୁତ ହୋଇଥିଲା । ଫଳରେ ଟ୍ରାକ୍କୁ ସଫା କରିବା ପର୍ଯ୍ୟନ୍ତ ଏହି ଟ୍ରାକ୍ ଟ୍ରେନ୍ ନଛାଡିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି ।

## ଏମ୍ପାୟର୍ସ ରଜ ଷ୍ଟଲରେ ପୋଡ଼ପିଠା




ପାରାଦୀପ, ( ଜି . ପ୍ର ): ରାସ୍ତା କଡରେ ପୋଡ଼ ପିଠାର ବାସ୍ନା କେବଳ ପୋଡ଼ ପିଠା ନୁହଁ ଆରିଶା, କାକରା, ଲବଙ୍ଗଲତା ମଣ୍ଡା ପିଠା ଭଳି ସୁସ୍ୱାଦୁ ଖାଦ୍ୟର ବାସ୍ନାରେ ମହକୁଛି ସାରା ଅଞ୍ଚଳ । ବନ୍ଦର ନଗରୀ ପାରାଦୀପରେ ରଜ ପର୍ବକୁ ଦୃଷ୍ଟିରେ ରଖି ସମୁଦ୍ରକୂଳ ପାଖ ଏମ୍ପାୟର୍ସ ତରକା ହୋଟେଲ ପକ୍ଷରୁ ରାସ୍ତା କଡରେ ଖୋଲାଯାଇଛି ଏଭଳି ଷ୍ଟଲ ଲୋକେ ରଜ ବୁଲିବା ସହ ଭଳି ଭଳି ପିଠା ଖାଇବା ଓ ଗୁପଚୁପ ଲସି ଏବଂ ବନାରସ ପାନର ମଧ୍ୟ ମଜା ନେଇଛନ୍ତି । ରଜ ତିନିଦିନ ପର୍ଯ୍ୟନ୍ତ ଏହି ଷ୍ଟଲ ଖୋଲା ରହିବା ସହ ଲୋକେ ଏହାର ମଜା ଉଠାଇବାକୁ ହୋଟେଲ କର୍ତ୍ତୃପକ୍ଷ ଆହ୍ୱନ କରିଛନ୍ତି । ସହରୀ ସଭ୍ୟତା ମଧରେ ଥିବା ଲୋକମାନେ ଗାଁ ପରିବେଶ ଓ ରଜ ପିଠାର ମଜା ଉଠାଉଥିବା ଦେଖିବାକୁ ମିଳିଛି ।

## ୧୮ରେ ସମ୍ବିଧାନ ବଞ୍ଚାଅ ସମାବେଶ

ଜଗତସିଂହପୁର,(ସବ୍ୟୁ) : ଆସନ୍ତା ଜୁନ ମାସ ୧୮ ତାରିଖ ଦିନ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଅଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ,ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୁଷଣ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନ ବଞ୍ଚାଅ ସମାବେଶ କୁ ସଫଳ କରିବାକୁ ରଣନିତୀ ପ୍ରସ୍ତୁତ କରିଥିଲେ । ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ପିସିସି ସାଧାରଣ ସମ୍ପାଦକ ତଥା ବିଧାୟକ ଅଶୋକ ଦାସ, ପିସିସି ସାଧାରଣ ସମ୍ପାଦକ ୟାର୍ସି ନବାଜ, ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ଓ ରାଜ୍ୟର ବରିଷ୍ଠ କଂଗ୍ରେସ ନେତା ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ନୂଆପୋଲ ଠାରୁ ଏକ ବିଶାଳ ମଟର ସାଇକେଲ ରାଲିରେ ନେତୃମଣ୍ଡଳୀକୁ ସ୍ୱାଗତ କରାଯିବା ସହ ଜଗତସିଂହପୁର ସହରସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତ ଭବନ ଠାରେ ସାଧାରଣ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା, (ସବ୍ୟୁ) : ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହି ଶ୍ରଦ୍ଧାଞ୍ଜଳ ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ସମ୍ବିତ୍ ଶ୍ରୀଚନ୍ଦନ, ପିତବାସ ବେହେରା, ଧନୟ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ମରଣଯନ୍ତା ପାଲଟିଛି କେନ୍ଦ୍ରାପଡ଼ା କଲେଜ ଛକ -ଡେରାବିଶ ବ୍ଲକ ରାସ୍ତା



ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଗୁଆଲସିଂ ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜଛକରୁ ବାହାରିଥିବା କେନ୍ଦ୍ରାପଡ଼ା – ଗୋଲରାହଟ ରାସ୍ତାର ଉଦୟନଗର ଠାରେ ରହିଥିବା ପାଟନାଳୀ ଉପରେ ଆରଆଣ୍ଡବି ବିଭାଗ ପକ୍ଷରୁ ନିର୍ମାଣ ଏକ ପୋଲ ନିର୍ମାଣ ଚାଲିଛି । ତେବେ ଠିକାଦାର ଜଣକ ମନମାନୀ ଯୋଗୁ ଦୀର୍ଘ ୬ ମାସ ହେବ ଲୋକମାନେ ନାହିଁନଥିବା ହୀନସ୍ତା ଭୋଗୁଛନ୍ତି । କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଡେରାବିଶ କୃଷି ବିଭାଗ କାର୍ଯ୍ୟାଳୟ, ଡେରାବିଶ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସୁଦର୍ଶନ ହାଇସ୍କୁଲ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଦେଇ କାରବାର ହୋଇଥାନ୍ତି । ଠିକାଦାର ଜଣକ ଉଦୟନଗର ଠାରେ ରହିଥିବା ଏହି ପାଟନାଳୀ ପୋଲଟିକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛି । ନିର୍ମାଣ ଆରମ୍ଭ ସମୟରେ ଏହି ବ୍ୟସ୍ତବହୁ ରାସ୍ତାରେ ଲୋକମାନଙ୍କ ଯାତାୟତ ପାଇଁ ସଠିକ ଭାବରେ ଏକ ଆପ୍ରୋଚ ରୋଡ୍ ନିର୍ମାଣ ନକରି ଖବୁ ଅଣଓସାରିଆ ଓ ତୀଖ ଭାବେ ଏକ ଆପ୍ରୋଚ ରୋଡ୍ ନିର୍ମାଣ କରିଥିଲେ । ସେଥିପାଇଁ ଏହି ବିପଦସଙ୍କୁଳ ଓ ତୀଘ ଭାବେ ନିର୍ମିତ ଆପ୍ରୋଚ ରୋଡ୍‌ରେ ସେତେବେଳେ ବହୁ ସାଇକେଲ୍ ଓ ବାଇକ୍ ଆରୋହୀ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଏବେ ପୋଲ ନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ପୋଲକୁ ସଂଯୋଗୀକର ରାସ୍ତା ନିର୍ମାଣ ହୋଇନାହିଁ । ଗତ ତିନିଦିନ ହେବ ଲାଗିରହିଥିବା କାଳବୈଶାଖୀ ବର୍ଷାରେ ଏହି ଆପ୍ରୋଚ ରୋଡ୍‌ଟି ଏତେ ମାତ୍ରାରେ ବିପଦସଙ୍କୁଳ ପାଲଟିଛି ଯେ, ଯଦି କୌଣସି ସାଇକେଲ୍ କିମ୍ବା ବାଇକ୍ ଆରୋହୀ ଏହି ଆପ୍ରୋଚ୍ ରୋଡ୍ ବାଟଦେଇ ଯାଏ ତେବେ ସେ ନିଶ୍ଚିତ ଭାବରେ ଅଣାୟତ ହୋଇ ଗୋବରୀ ନଦୀକୁ ଖସିପଡ଼ିବ । ସ୍ଥାନୀୟ ଅଂଚଳବାସୀଙ୍କ କହିବାକଥା ଏଠାରେ ପ୍ରତ୍ୟେକ ଦିନ ଲୋକମାନେ ଦୁର୍ଘଟଣା ଗ୍ରସ୍ତ ହେଉଥିବାରୁ ଆମେ ଠିକାଦାରଙ୍କୁ ଏହି ଆପ୍ରୋଚ ରୋଡ୍‌ଟିକୁ ସଠିକ୍ ଢ଼ଙ୍ଗରେ ନିର୍ମାଣ କରିବା ପାଇଁ ଯେତେ କହିଲେ ମଧ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ଏଥିସହିତ ଏହି ନୂତନ ନିର୍ମିତ ପୋଲର ସଂଯୋଗୀ କରଣ ରାସ୍ତା ହୋଇନଥିବାରୁ ଏହାର ଦୁଇପଟରେ ସୁରକ୍ଷାବାଡ଼ ମଧ ନିର୍ମାଣ କରାଯାଇ ନାହିଁ । ଫଳରେ ରାତିରେ ଯଦି କୌଣସି ବାଇକ୍ ଆରୋହି ଏହି ରାସ୍ତାଦେଇ ଯାଆନ୍ତି ତେବେ ସୁନିଶ୍ଚିତ ଦୁର୍ଘଟଣାର ସମ୍ମୁଖିନ ହେବେ । ଏଥିପାଇଁ ଠିକାଦାର ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରଛନ୍ତି । ତୁରନ୍ତ ଏହି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଲୋକମାନଙ୍କ ଚଳାଚଳର ସୁବିଧା କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଜୟନ୍ତୀ ବିଦ୍ୟାପୀଠ ୧୯୯୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ଜୟନ୍ତୀ ବିଦ୍ୟାପୀଠ ନଗସପୁରର ୧୯୯୬ ମସିହା ମାଟ୍ରିକ୍ ବ୍ୟାଚ୍ ସାଙ୍ଗ ସାଥିମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଦୀର୍ଘ ବର୍ଷ ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପ୍ରଧାନଶିକ୍ଷକ ସୁଧୀର ଚନ୍ଦ୍ର ଷଡଙ୍ଗୀ, ଶିକ୍ଷକ ରଶ୍ମିରଂଜନ ମହାନ୍ତି, ଶିକ୍ଷୟିତ୍ରୀ ଯୋଗମାୟା ଓଝାଙ୍କ ସମେତ ଯୋଗଦେଇଥିବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନିହାରିକା ବେହେରା, ଜୟନ୍ତୀ ଦାସ, ରିଜୁଆନା ବିବି, କବିତା ବେହେରା, ଉଷାରାଣୀ ପରିଡା, ରଶ୍ମିରଂଜନ ମହାନ୍ତି, ସେକ୍ ଅବ୍ଦୁଲ ରଜାକ୍, ଅଶୋକ ଭୂୟାଁ, ଲକ୍ଷ୍ମୀପ୍ରିୟା ସାହୁ, ହେନାରାଣୀ ସାହୁ, ନଳିନୀ ଷଡଙ୍ଗୀ, ନିର୍ମଳ ଦାସ, ବୈଜୟନ୍ତୀ ଷଡଙ୍ଗୀ, ଭାରତୀ ଦାସ, ଅଶ୍ୱିନୀ, ଜ୍ୟୋତି, ତପନ, ଦେବେନ୍ଦ୍ର, ଟୁଟୁ, ସୁଶୀଲ, ଅକ୍ଷୟ, ଲୁଲା, ବେବି, ଛବି, ରାନୁ, ମଙ୍ଗୁଆ, ଗୁରିଆ, ପ୍ରତାପ, କାଳିଆ, ଯୋଗମାୟା, ଧୁମାଳୀ, ଗଗନ, ଗିରିଧାରୀ, ଝିଙ୍କା ଓ ଦୀପୁ ପ୍ରମୁଖ ଯୋଗଦେଇଥିଲେ । ଛାତ୍ର ଜୀବନର ସ୍ମୃତି ଅନୁଭୂତିକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିଥିଲେ।

## ୭୦ ତମ ବାର୍ଷିକ ସର୍ବଭାରତୀୟ କବାଡି ଦ୍ୱିତୀୟ ଦିବସ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ଖଣ୍ଡିତର ପଡିଆରେ ୧୩ ତାରିଖରୁ ସର୍ବଭାରତୀୟ ପୁରୁଷ ଓ ମହିଳା କବାଡି ଆରମ୍ଭ ହୋଇଛି । ଏଥି ପାଇଁ ପ୍ରଦୀପ କୁମାର ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ କବାଡି ଟୁର୍ନାମେଣ୍ଟକୁ ଉଦଘାଟନ କରି ଖଣ୍ଡିତର ଷ୍ଟାଡୟମକୁ ଇଣ୍ଡୋର ଷ୍ଟାଡୟମ କରିବାକୁ ସରକାରୀ ସ୍ତରରେ କାମ ଆରମ୍ଭ ହୋଇଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ଅଭୟ ମହାନ୍ତି, ହେମନ୍ତ କୁମାର କର, ସରପଞ୍ଚ ସୁରେନ୍ଦ୍ର ତିଆଡ଼ି ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ । ଆଜି ପୁରୁଷ କବାଡି ରେ କିଶୋର କ୍ଲବ ଭୁବନେଶ୍ୱର ୩୯ ,ଭୋପାଲ ୩୩, କଟକ ୩୩, ରେନବ ବାରଙ୍ଗ ୧୪, ଗୁଜୁରାଟ ୩୩ ,ଏନ ଏନ ଏସ ୱେଷ୍ଟ ବେଙ୍ଗଲ ୨୭, ଦିଲ୍ଲୀ ୨୭ ,ମହାବୀର ୧୦, ଇଷ୍ଟର୍ନ ରେଳବାଇ ୨୪, ଅଶୋକ ସଂଘ ୧୪ ଇଷ୍ଟ ର୍ନ ରେଳବାଇ ୨୫, କଟକ ୨୫ ପଏଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହିଳାରେ କିଟ ୩୨ କିଶୋର କ୍ଲବ ୧୫, ଲମହିଳା ଅଶୋକ ସଂଘ ୫୦ ,କଳିଙ୍ଗ ଅକାଦେମୀ ୧୩, ଇସ୍ତ୍ରେର୍ଣ ରେଳବାଇ ୩୯, କଟକ ୨, କିଟ ୫୨ଯାଜପୁର ୯, ଇଷ୍ଟନ ରେଳବାଇ ୩୪, କଳିଙ୍ଗ କବାଡି ଅକାଦେମୀ ୭ ପଏଣ୍ଟ ପାଇଛି । ଚଳିତ ବର୍ଷ ଚାମ୍ପିୟନ ପୁରୁଷ ପ୍ରଥମ ଦଳକୁ ୧'୫୦'୦୦୦ ଟଙ୍କା, ଦ୍ୱିତୀୟ ଦଳକୁ ୧'୦୦,୦୦୦, ଟଙ୍କାତୃତୀୟ ଦଳକୁ ୬୦,୦୦୦ ଟଙ୍କା ନଗଦ ସହ ଟ୍ରଫି ଦିଆ ଯିବ । ସେହିପରି ମହିଳା ଚମ୍ପିୟାନ ୫୦, ୦୦୦ ଟଙ୍କା ଦ୍ୱିତୀୟ ଦଳକୁ ୩୦,୦୦୦ ଟଙ୍କା ତୃତୀୟ ଦଳକୁ ୨୦,୦୦୦ ଟଙ୍କା ନଗଦ ଅର୍ଥ ସହ ଟ୍ରଫି ଦିଆଯିବାକୁ ସ୍ଥିର ହୋଇଛି । ସମ୍ପାଦକ ସମରେନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ଜେ କେ ର ସତ୍ୟନ୍ଦ୍ର ଦାଶ, ଅନାଦି ସାହୁ, ଚିତ୍ତ ରଞ୍ଜନ କର ସମସ୍ତ ସଭ୍ୟ ଯୋଗ ଦେଇ ସହଯୋଗ କରିଥଲେ ।

# ସାଙ୍ଗ ଛାତିକୁ ଛୁରୀ ଭୁସି ହତ୍ୟା



ଗଣିଆ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତର ପାଣ୍ଡରାସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାଙ୍ଗ ଛାତିକୁ ଅନ୍ୟ ଜଣେ ସାଙ୍ଗ ଛୁରୀ ଭୁଷି ହତ୍ୟା କରିଛି। ଏହି ଘଟଣା ଗଣିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଶନିବାର ଅପରାହ୍ନରେ ଖଲିସରା କ୍ଲବ ମଣ୍ଡପ ଉପରେ ପୁରୁଷୋତ୍ତମ ପ୍ରଧାନ (୩୭) ବସିଥିବାବେଳେ ସେହି ଗ୍ରାମର ଗଙ୍ଗାଧର (ସୁନିଆ)ରାଉତ (୪୨) ଅତ୍ୟଧିକ ମଦ୍ୟପାନ କରି କ୍ଲବ ମଣ୍ଡପକୁ ଯାଇଥିଲା। ଦୁଇଜଣଙ୍କ ମଧ୍ୟରେ କୌଣସି କାରଣ ନେଇ କଥା କଟା କଟି ହୋଇଥିଲା । ଏପରିକି ଉଭୟ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ପିଟ ହୋଇଥିଲେ । ଗଙ୍ଗାଧର ରାଉତ ପାଖରେ ପଡ଼ିଥିବା ଏକ ଠେଙ୍ଗାରେ ପୁରୁଷୋତ୍ତମ ରାଉତକୁ ପଟିଥିଲା। ପୁରୁଷୋତ୍ତମ ମାଡ଼ଖାଇ ଗ୍ରାମ ମନୋରଂଜନ ପ୍ରଧାନଙ୍କୁ ଧରି ଗ୍ରାମ ଭଦ୍ରଲୋକଙ୍କ ନିକଟକୁ ଯାଇ ଏହାର ସମାଧାନ କରିବାକୁ ଯିବାବେଳେ ଏଥିରେ ବ୍ୟଥିତ ହୋଇ ଗଙ୍ଗାଧର ପ୍ରଧାନ ଭଦ୍ରଲୋକଙ୍କ ପାଖକୁ ଗଲେ ଜୀବନରେ ମାରିଦେବ ବୋଲି କହି ନିଜଘରକୁ ଦୌଡ଼ିଯାଇ ଘରୁ ଗୋଟିଏ ଛୁରୀ ଆଣି ପୁରୁଷୋତମର ଛାତିକୁ ଭୁଷି ଦେଇଥିଲା । ଭଦ୍ରଲୋକମାନେ ଅଟକାଇଥିଲେ ମଧ୍ଯ ଗଙ୍ଗାଧର କାହାକୁ ଖାତିର ନକରି ଗାଁ ମୁଣ୍ଡଆଡ଼େ ଦୌଡ଼ି ପଳାଇଥିଲା । ଗ୍ରାମର କିଛି ପିଲା ତାକୁ ଧରିବା ପାଇଁ ତା ପଛରେ ଗୋଡ଼ାଇ ତାକୁ କାବୁ କରିବା ସହିତ ଅଟକ ରଖି ଗଣିଆ ଥାନାକୁ ଖବର ଦେଇଥିଲେ । ତେବେ ଗ୍ରାମବସୀମାନେ ସଙ୍ଗେ ସଙ୍ଗେ ପୁରୁଷୋତମକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ପୁରୁଷୋତମକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ଗଣିଆ ଥାନା ଅଧିକାରୀ ଶବକୁ ଜବତ କରିବା ସହିତ ଏକ ୮୧/୨୫ରେ ଏପ ଅପମୃତ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପଂହଚି ଅଭିଯୁକ୍ତକୁ ଆଣି ଗଣିଆ ଥାନାରେ ଅଟକ ରଖିଛନ୍ତି ।ତେବେ ଘଟଣାସ୍ଥଳରେ ସାଇଂଟିଫିକ ଟିମ ସହିତ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଓ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ଏ ଏସଆଇ ମନୋରଂଜନ ପ୍ରଧାନ ତଦନ୍ତ ଜାରି ରଖିଛନ୍ତି । ଶବକୁ ଶବ ବ୍ୟବଛେଦ ପାଇଁ ଦଶପଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦିଆଯାଇଛି ବୋଲି ଥାନା ଅଧିକାରୀ ସୁଚନା ଦେଇଛନ୍ତି ।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ : ୮ ଆହତ

ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅସନ ଗ୍ରାମରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ମାରିବାକୁ ନେଇ ଶନିବାର ପୂର୍ବାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଷ୍ଠି ସଂଘର୍ଷ ହୋଇଛି।ଏଥିରେ ୮ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏ ସଂପର୍କରେ ଆସନ ଗ୍ରାମର ଦେବକୀ ମଲ୍ଲିକଙ୍କ ପକ୍ଷରୁ ଥାନାରେ ୧୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ହୋଇଛି।ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆର ସିଂ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ବ୍ଲକ ଆପତକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟ ବରାଦରେ ଅସନ ବାତ୍ୟା ଆଶ୍ରୟସ୍ଥଳକୁ ମରାମତି ଓ ରଙ୍ଗ କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସମ୍ପୃକ୍ତ ଆଳସାହି ଗ୍ରାମପଞ୍ଚାୟତ ବିଜେଡ଼ି ସମର୍ଥିତ ସରପଞ୍ଚ ସେଠାରେ ଥିବା ୱାର୍ଡ ସଭ୍ୟମାନଙ୍କୁ ଦାୟିତ୍ୱ ଦେଇଥିଲେ।ଗତ ତିନି ଦିନ ଧରି ୱାର୍ଡସଭ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଆଜି ବାତ୍ୟା ଆଶ୍ରୟସ୍ଥଳୀକୁ ରଙ୍ଗ ମାରୁଥିବା ସମୟରେ ବିଜେପି ସମର୍ଥିତ ପଡୋଶୀ ପାଟସୁନ୍ଦରପୁର ଗ୍ରାମ ଓ ଆସନ ଗ୍ରାମର ଅନ୍ୟ ଏକ ମିଳିତ ଗୋଷ୍ଠୀ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ର ଧରି ରଙ୍ଗ କାମ କରୁଥିବା ଲୋକମାନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଅଚାନକ ମାରଣାତ୍ମକ ଆକ୍ରମଣ କରିଥିବା ଆହତ ହୋଇ ଚିକିତ୍ସିତ ଥିବା ଲୋକମାନେ କହିଛନ୍ତ।ଏହି ଆକ୍ରମଣରେ ୮ ଜଣ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏ ସଂପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆର ସିଂ କୁହନ୍ତି, ପରିସ୍ଥିତି ଉପରେ ପୁଲିସ ନଜର ରଖିବା ସହ ହୋଇଥିବା ଗୋଟିଏ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି।

# ଯାତ୍ରୀ ନିବାସ ଠାରେ ତ୍ରିଦିବସୀୟ ରଜ ଉତ୍ସବ ଶୁଭାରମ୍ଭ



କୋଣାର୍କ ,(ସବ୍ୟୁ) :ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଯାତ୍ରୀ ନିବାସ ଠାରେ ଓଡିଶାର କୃଷି, ଗଣପର୍ବ ଓ ପ୍ରାଚୀନ ପରମ୍ପରାର ପର୍ବ ରଜ ପାଳିତ ହୋଇଯାଇଛି। ତ୍ରିଦିବସୀୟ ରଜ ପର୍ବର ପହିଲି ରଜ ଅବସରରେ ଯାତ୍ରୀ ନିବାସ ପକ୍ଷରୁ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ପୋଡ ପିଠା, ମଣ୍ଡା ପିଠା, ଚକୁଳି ପିଠା, କାକରା ପିଠା, ମୁଆଁ ପିଠା ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏକ ନିଆରା ଢଙ୍ଗରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ଯାତ୍ରୀ ନିବାସ ପରିଚାଳକ ସାହୁ, ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ ଓ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କୋଣାର୍କ ଯାତ୍ରୀ ନିବାସ ପକ୍ଷରୁ ପ୍ରସ୍ତୁତ ସମସ୍ତ ଓଡିଆ ପିଠା ଓ ଖାଦ୍ୟ ସମେତ ରଜ ପାନ ଏବଂ ରଜଦୋଳି ବିଦେଶୀ ଓ ଦେଶୀୟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥିଲା। ଏହି ଏହି କାର୍ଯ୍ୟକ୍ରମକୁ କୋଣାର୍କ ଯାତ୍ରୀ ନିବାସର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ରଜ ମହୋତ୍ସବ ଅବସରରେ ମେଧାବୀ ସମ୍ବର୍ଦ୍ଧନା

ଫୁଲନଖରା,(ସବ୍ୟୁ) : ଫୁଲନଖରା ଅଂଚଳର ମର୍ଣ ଟି ଫେଷ୍ଟ ଓ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସହଯୋଗ-ଓଡ଼ିଶା ପକ୍ଷରୁ ଉତ୍କଳୀୟ ପରମ୍ପରାରର ଗଣପର୍ବ 'ରଜ ଉତ୍ସବ' ଅବସରରେ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହଯୋଗ-ଓଡ଼ିଶାର ସଭାପତି ଗଣେଷ ପ୍ରସାଦ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ତଥା ଆଧାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ସଂପାଦକ ଡକ୍ଟର ଶରତ କୁମାର ରଥ ଯୋଗଦେଇ ଆଧୁନିକତା ଭିତରେ ରଜ ଗ୍ରାମୀଣ ପରିବେଶରୁ ହଜି ଯାଉଥିବା ବେଳେ ଅନୁଷ୍ଠାନ ତରଫରୁ ଏଭଳି ଆୟୋଜନ ପରିଣତ ବୟସରେ ଆମମାନଙ୍କୁ ପୁଣି ରଜ ମନସ୍କ କରାଇବାରେ ସାହାଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନିଜ ବକ୍ତବ୍ୟରେ ମାଟି ଓ ମେଘର ମହାମିଳନର ପରିବେଶ ହେଉଛି ରଜ ବୋଲି କହିବା ସହ ପ୍ରକୃତି ସହ ନିବିଡ ହେବାର ଏବଂ ଏହାର ସୁରକ୍ଷା ପାଇଁ ରଜ ବାର୍ତ୍ତା ଦେଇଥାଏ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବରେ ସମାଜସେବୀ ସ୍ୱାଧୀନ ଚେତା ମହାନ୍ତି , ଶିକ୍ଷାବିତ ଆରତୀ ପଣ୍ଡା, ଆଇନଜୀବୀ ଦିଲ୍ଲିପ ମହାରଣା ଓ ସାମ୍ବାଦିକ ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରାରେ ରଜ ଉତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଘରୋଇ ଉପାୟରେ ପ୍ରସ୍ତୁତ ହୋଇଥିବା 'ପୋଡପିଠା'କୁ ଅତିଥିମାନେ ଈଶ୍ୱରଙ୍କୁ ସମର୍ପଣ କରିସାରିବା ପରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା ଛ ପ୍ରେମ, ପ୍ରୀତି ଓ ବନ୍ଧନର ସ୍ୱରୂପ 'ରଜପାନ'କୁ ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇ ବନ୍ଧୁର ସଦ୍ଭାବନା ସୃଷ୍ଟି କରାଯାଇଥିଲା। ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ୯୦%ରୁ ଉର୍ଦ୍ଧ ପ୍ରାପ୍ତାଙ୍କ ରଖି ଏ-୧ ଗ୍ରେଡ୍ ପାଇଥିବା ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ସର୍ମିଷ୍ଠା ବେହେରା ଓ ସଇନ୍ଧା ନୋଡାଲ ହାଇସ୍କୁଲର ଛାତ୍ରୀ ଅଙ୍କିତା ଦାସଙ୍କୁ ମେଧା ସମ୍ମାନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମନୋରଂଜନ ମହାନ୍ତି, ସୁକାନ୍ତ କୁମାର ସାହୁ, ପ୍ରଭାତ ସାହୁ, ଟୁନା ଜେନା, କୃଷ୍ଣ ଚନ୍ଦ୍ର ଭୋଇ, ବାବାଜି ସାହୁ, ରାଜକିଶୋର ବେହେରା, ନରେଶ ମହାନ୍ତି ଓ ବୈକୁଣ୍ଠ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସାମ୍ବାଦିକ କୈଳାସ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଧାର ୧୯ ତମ୍ପ ସାପ ଅଣ୍ଡାରୁ ୮ ଛୁଆଙ୍କ ଜନ୍ମ

ନିରାକାରପୁର, (ସବ୍ୟୁ) : ଗତ ମେ ମାସ ୨୬ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବଘେଇପୁଟ ଗ୍ରାମର ସାପ ଉଦ୍ଧାରକାରୀ ସଦସ୍ୟ ବସନ୍ତ କୁମାର ବେହେରା ଏକ ୫ ଫୁଟିଆ ତମ୍ପ ସାପ ଓ ୧୯ ଅଣ୍ଡା ଉଦ୍ଧାର ଉଦ୍ଧାର କରିଥିବା ବେଳେ ଏବେ ଉକ୍ତ ଅଣ୍ଡାରୁ ୮ ଟି ଛୁଆ ଜନ୍ମ ନେଇଥିବା ଜଣାପଡିଛି। ଆଉ ୪ ଟି ଅଣ୍ଡାରୁ ଛୁଆ ହେବାର ରହିଥିବା ବେଳେ ଅନ୍ୟ ଅଣ୍ଡା ଗୁଡିକ ନଷ୍ଟ ହୋଇଯାଉଛି। ଶନିବାର ଦିନ ଉଦ୍ଧାରକାରୀ ସଦସ୍ୟ ବସନ୍ତ କୁମାର ବେହେରା ଛୁଆ ଗୁଡ଼ିକୁ ତମ୍ପ ସାପ ବଞ୍ଚିବା ପରିବେଶରେ ଛାଡ଼ି ଦେଇଥିବା ଜଣାପଡିଛି। ପ୍ରକାଶ ଥାଉ କି ନିକଟସ୍ଥ ତେଲେଙ୍ଗାପଡ଼ା ଗ୍ରାମର ଜ୍ଞାନ ମାର୍ଥା ନିଜର ନୂତନ ଗୃହ ନିର୍ମାଣ କରିବାକୁ ପଥର ରଖିଥିବାବେଳେ ଉକ୍ତ ପଥର ତଳେ ଏକ ସାପ ରହି ଗର୍ଜନ କରୁଥିବା ଶୁଣିବାକୁ ପାଇଥିଲେଛ ପରେ ସେମାନେ ସାପ ଉଦ୍ଧାରକାରୀ ସଦସ୍ୟ ବସନ୍ତ ଙ୍କୁ ଜଣାଇଥିଲେଛ ପରେ ବସନ୍ତ ସେଠାରୁ ବିଷାକ୍ତ ତମ୍ପ ସାପଟିକୁ ଉଦ୍ଧାର କରିବା ସହିତ ୧୯ ଟି ସାପ ଅଣ୍ଡା ଉଦ୍ଧାର କରିଥିଲେଛ ସାପଟିକୁ ଜଙ୍ଗଲରେ ଛାଡ଼ି ଦେଇଥିବାବେଳେ ସୁରକ୍ଷିତ ୧୬ ଟି ଅଣ୍ଡାକୁ ରଖି ଛୁଆ ଜନ୍ମ ହେବା ପର୍ଯ୍ୟନ୍ତ ରଖିଥିଲେ।

# ତୃତୀୟ ଦିନରେ ଜିଲ୍ଲାସ୍ତରୀୟ ବିକାଶ ମେଳା

ନୟାଗଡ଼,(ସବ୍ୟୁ): ଶନିବାର ନୟାଗଡ଼ ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା ତୃତୀୟ ଦିନରେ ପହଞ୍ଚିଛି। ଗୁରୁବାର ସନ୍ଧ୍ୟାରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଏହି ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଘାଟନ କରିମହିଳା ଓ ଶିଶୁଙ୍କ ବିକାଶରେ ରାଜ୍ୟ ଓ ଦେଶ ସମୃଦ୍ଧ ହୋଇ ପାରିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରିବାକୁ ଜିଲ୍ଲାସ୍ତରୀୟ ବିକାଶ ମେଳାର ଆୟୋଜନ ହୋଇଛି। ନୟାଗଡ଼ ଷ୍ଟାଡିୟମ ପଡ଼ିଆରେ ଉଦଘାଟିତ ହୋଇଛି ୭ ଦିନିଆ ବିକାଶ ମେଳା। ଏଥିରେ ଅନେକ ବିକାଶ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଖ୍ୟଦ୍ୟ ସାମଗ୍ରୀ ର କିଣା ବିକା ସାଙ୍ଗକୁ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି।ପିଲାଙ୍କ ପାଇଁ ଦୋଳି ଓ ବିଭିନ୍ନ ରକମର ଖଦ୍ୟ ପଦାର୍ଥ ଆକୃଷ୍ଟ କରୁଛି।ଉଦ୍ଘାଟନି ସମାରୋହରେ ବାଚସ୍ପତି



ଶ୍ରୀମତୀ ପାଢ଼ୀ ସହିତ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଏସ୍ ପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଗୀତାଜଂଳୀ ସାହୁ ଏବଂ ଡାକ୍ତର ଅଭିଷାର ପଣ୍ଡା ଉପସ୍ଥିତି ରହି ୭ ଦିନିଆ ବିକାଶ ମେଳା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଉଦଘାଟନୀ ସନ୍ଧ୍ୟାରେ ଅନେକ ମହିଳା ଓ ପୁରୁଷ ବିକାଶ ଉତ୍ସବରେ ସାମିଲ ହୋଇଥିଲେ। ସଭା ପରେ ବିଭିନ୍ନ ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରଜ ମହୋତ୍ସବ ପାଳିତ

କାକଟପୁର (ସବ୍ୟୁ): ଶନିବାର ବାଜପୁର (କେରେଣ୍ଡିଆପାଳ) ଗ୍ରାମରେ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହିଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ବିଜୟ କୁମାର ବିଶ୍ୱାଳ, ଅନ୍ନଦା କୁମାର ବେହେରା,ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କିଶୋର ପୃଷ୍ଟି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳ ନନ୍ଦ, ଆଚାର୍ଯ୍ୟା ସୁଶ୍ରୀ ପ୍ରତିଭା ବିଶ୍ୱାଳ, ଗ୍ରାମ୍ୟ କମିଟି ସଭାପତି ତଥା ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ଆଇନଜୀବି ବିରେନ କୁମାର ମହାନ୍ତି, କ୍ଷେତ୍ର ମୋହନ ଗିରି ପ୍ରମୁଖ ଯୋଗଦେଇ ଥିଲେ । ଓଡିଶା ର ଗ୍ରାମୀଣ କଳା ସଂସ୍କୃତି କୁ ଉଜ୍ଜୀବିତ କରି ରଖିଥିବା ଏହି ମହାନ ପର୍ବ ରେ ଶଙ୍ଖ ଧ୍ୱନି, ହୁଳହୁଳି, ରଜ ପୋଡ଼ ପିଠା, ପୁଚି ଖେଳ, ଦଉଡି ଡ଼ିଆ, ଜଣା ଅଜଣା, ଅନ୍ତାକ୍ଷରୀ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବ କୁ ସୁଶ୍ରୀ ସୁମନ ସରିତା ମାଣିକ, ଦିବ୍ୟା ଦିବ୍ୟଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ ।

# ଏନଏସିରେ ବିକାଶ ବାହନ ଶୁଭାରମ୍ଭ କଲେ ବାଚସ୍ପତି

ରଣପୁର,(ସବ୍ୟୁ) : ଶନିବାର ପୂର୍ବାହ୍ନ ୯ଟାରେ ରେ ରଣପୁର ଏନ.ଏସି ସ୍ଥିତ ମା ମଣିନାଗ ପୀଠ ଠାରେ ରାଜ୍ୟ ସରକାରଙ୍କ ବିକାଶ ବାହନକୁ ମୁଖ୍ୟ ଅତିଥି ରଣପୁର ବିଧାୟିକା ତଥା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରୁମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି। ଏହି ବିକାଶ ବାହନ ଦ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ରଣପୁର ଏନ.ଏସି ର ସମସ୍ତ ୱାର୍ଡ ପରିକ୍ରମା କରିବା ସହିତ ରାଜ୍ୟ ସରକାର ଙ୍କ ଏକବର୍ଷ ପୂର୍ତ୍ତି ର ବିକାଶବାର୍ତ୍ତା ସହିତ କେନ୍ଦ୍ର ସରକାର ଙ୍କ ୧୧ବର୍ଷ ସମସ୍ତ ଜନହିତକର କାର୍ଯ୍ୟ ସମ୍ପର୍କରେ ସଚେତନ କରିବା।ଏହି ଉଦଘାଟନ ଅବସରରେ ରଣପୁର ଏନ.ଏସି ଅଧକ୍ଷା ରଙ୍ଗୀନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ବଣ୍ଟନ ୮୦ବର୍ଷ ରୁ ଅଧିକ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ବଣ୍ଟନ ସହିତ ପୁରୁଣା ପାଇଖାନା ଗୃହ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା ।ଏଥିସହ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ଦିଆ ଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା ଏବଂ ଆଗାମୀ ଦିନରେ ରଣପୁର ଏନ.ଏସି କୁ ସରସ ସୁନ୍ଦର କରିବା ଲକ୍ଷ ରେ ସମସ୍ତ ପନ୍ଦର ଗୋଟି ୱାର୍ଡ କୁ ୨୪ଘଣ୍ଟିଆ ପିଇବା ପାଣି ବ୍ୟବସ୍ଥା, ମା ମଣିନାଗ ଉନ୍ନତି ରଣ ପାଇଁ ୨କୋଟି ଟଙ୍କା ସାଗର ପୋଖରୀ ଉନ୍ନତି କରଣ ପାଇଁ ୧.୫କୋଟି ଟଙ୍କା ସହିତ ଏନ.ଏସି ସମସ୍ତ ପୋଖରୀ ର ପୁନଃଉଦ୍ଧାର ପାଇଁ ୨କୋଟି ଟଙ୍କା ସମସ୍ତ ଅର୍ଥ ରାଜ୍ୟ ସରକାରଙ୍କ ଅନୁଦାନ ଅପେକ୍ଷାରେ ଥିବା ସହିତ ସମସ୍ତ ଜନକଲ୍ୟାଣ ଯୋଜନା ପକୃତ ହିତାଧିକାରୀ ଙ୍କ ପାଖରେ ପହଞ୍ଚେଇବା ବଦ୍ଧପରିକର ବୋଲି ଶ୍ରୀମତୀ ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଣପୁର ଏନ.ଏସି କାଉନସିଲ କର୍ମଚାରୀ ଯୁବନେତା ଅଭିଷେକ ସାମନ୍ତରାୟ. ପରେଶ ମିଶ୍ର. ଜୟନ୍ତ ନାୟକ ସ୍ୱରାଜ ମହାନ୍ତି ଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।





## ମହିଳା ଆରଆଇ ପ୍ରତି ଅସଦାଚାରଣ ମାମଲା

# ନ୍ୟାୟ ପାଇଁ ପୁରା ପରିବାର ଥାନାର ଦ୍ୱାରସ୍ଥ

ପିପିଲି,(ସବ୍ୟୁ): ପିପିଲିର ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି ଜଣେ ମହିଳା ଆରଆଇଙ୍କ ପ୍ରତି ଦେଖାଇଥିବା ଅସାଦାଚରଣ ମାମଲା ଏବେ ଭିନ୍ନ ମୋଡ ନେଇଛି । ନ୍ୟାୟ ନମିଳିଲେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ମହିଳା ଆରଆଇ ତାଙ୍କ ପରିବାରଙ୍କ ଉପସ୍ଥିତିରେ ପିପିଲି ଥାନା ଅଧିକାରୀଙ୍କ ନିକଟରେ କୋହଭରା କଣ୍ଠରେ ଗୁହାରୀ କରିଛନ୍ତି ।ଅନ୍ୟପଟେ ଅତିରିକ୍ତ ତହସିଲଦାରଙ୍କୁ ପୋଲିସ ପାଉନଥିବା କହୁଥିବା ବେଳେ ତାଙ୍କର ବ୍ରହ୍ମଗିରି ତହସିଲ ଅଫିସକୁ ବଦଳି ହେବା ପରେ ସେଠାରେ ସେ କାର୍ଯ୍ୟ କରୁଥିବା ପରିବାର ଲୋକ ପୋଲିସ ନିକଟରେ ସଙ୍ଗିନ ଅଭିଯୋଗ କରିଥିଲେ । ତେବେ ମହିଳା ଆରଆଇଙ୍କ ପ୍ରତି ହୋଇଥିବା ଅସାଦାଚରଣ ମାମଲାକୁ ୨୧ ଦିନ ବିତି ଯାଇଛି । ପିପିଲି ପୋଲିସ ମାମଲା ରୁଜୁ କରି ଚୁପ ବସିବା ଅଭିଯୋଗରେ ମହିଳା ଆରଆଇଙ୍କ ସମେତ ତାଙ୍କର ପୁରା ପରିବାର ଶନିବାର ପିପିଲି ଥାନା ଅଧିକାରୀଙ୍କୁ ଭେଟି ସେଠାରେ ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ । ଉକ୍ତ ଘଟଣା ପାଇଁ ତାଙ୍କ ପରିବାର ବର୍ଗ ମାନସିକ ଚାପରେ ରହିଥିବା ବି ପୋଲିସ ଆଗରେ କହିଥିଲେ ।ଥାନା ଅଧିକାରୀ ଏହି ଘଟଣାରେ ତଦନ୍ତ ଚାଲିଥିବା କହି ପରିବାର ଲୋକଙ୍କୁ ବୁଝାଇଥିବା ଜଣାପଡିଛି ।ଅନ୍ୟପଟେ ଅତିରିକ୍ତ ତହସିଲଦାରଙ୍କ ପ୍ରତି କୋହଳ ମନୋଭାବ ରଖି ତାଙ୍କୁ ମାମଲାରୁ ଖସାଇ ଦେବାକୁ ବିଭିନ୍ନ ମହଲରୁ ଉଦ୍ୟମ ଜାରି ରହିଥିବା ମହିଳା ଆରଆଇ ଜଣକ ସଙ୍ଗିନ ଅଭିଯୋଗ କରିଛନ୍ତି। ପିପିଲି ତହସିଲଦାର ଘଟଣା ଘଟିବା ଦିନ ଠାରୁ ଏକ ତଦନ୍ତ କମିଟି (ସେକ୍ସୁଆଲ ହାରାସମେଂଟ) ଗଠନ କରିଥିଲେ ବି ଅତିରିକ୍ତ ତହସିଲଦାର ହାଜର ହେଉନଥିବା, ଘଟଣା ଆହୁରୀ ବୁଦ୍ଧିଜୀବୀ ମହଲରେ ସନ୍ଦେହ ବଢାଇଛି । ମହିଳା ଆରଆଇ ଜଣକ ନ୍ୟାୟ ପାଇବା ଆଶାରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

# ନିମାପଡାରେ ରଜ ଉତ୍ସବ ପାଳନ

ନିମାପଡା,(ସବ୍ୟୁ) : ଶନିବାର ନିମାପଡା ଅଂଚଳରେ ରଜ ପର୍ବ ଲୋକେ ଧୁମଧାମରେ ପାଳନ କରିଛନ୍ତି । ନୟା ସବେରା ନିମାପଡା ୟୁଥ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ସହୀଦ ଭବନ ଓ ମୁକ୍ତାକାଶ ରଙ୍ଗମଂଚ ପରିସରରେ ୩ ଦିନ ବ୍ୟାପି ରଜ ମହୋତ୍ସବ ଆୟୋଜିତ ହୋଇଛି । ଶନିବାର ଅପରାହ୍ନରେ ଅତିଥିଭାବେ ଜଗତସିଂହପୁର ସାଂସଦ ଡଃ. ବିଭୁପ୍ରସାଦ ତରାଇ,ପିପିଲି ବିଧାୟକ ଅଶ୍ରୀତ ପଟ୍ଟନାୟକ,ବିଡିଓ ଡଃ. ଅଭିଜୟ ଷଡଙ୍ଗୀ ଯୋଗଦେଇ ଏହି ରଜର ପ୍ରଥମ ଦିବସ ମହୋତ୍ସବକୁ ଉଦ୍ଘାଟନ କରିଥିଲେ । ଟ୍ରଷ୍ଟର ଉପଦେଷ୍ଟା ପ୍ରତାପ ସାବୁତ,ସଂପାଦକ ନିର୍ମଳ ପରିଜାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତଥିଲେ । ତିନିଦିନ ବ୍ୟାପି ଆୟୋଜିତ ଏହି ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ । ସେହିପରି ଭିଲିଗ୍ରାମ ପଂଚାୟତ ବିଷ୍ଣୁପୁର ଗ୍ରାମରେ ୮ମ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ଉକ୍ତ ମହୋତ୍ସବକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ ଧନୁଯାତ୍ରାର କଂସ ମହାରାଜ ଦେବରାଜ ଛତ୍ରିଆ ,ମିସ୍ ଇଣ୍ଡିଆ ୨୦୨୪ର ବିଜେତା ସଂଚିତା ଦାସ ,ଶିକ୍ଷାବିତ୍ ସଂଗୀତା ଦାଶ,ସରପଂଚ ଅରବିନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତଥିଲେ । ରଜ ଦୋଳି,ସୁସ୍ୱାଦୁ ପାନ,ବିଭିନ୍ନ ପିଠା ଏବଂ ଓଡିଆ ପରମ୍ପରା ସାଂସୃତିକ କାର୍ଯ୍ୟକ୍ରମ ଏହି ମହୋତ୍ସବରେ ସ୍ଥାନ ପାଇଛି ।

# ପହିଲି ରଜରେ ଉଗ୍ରତାରା ପୀଠ ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ

ନିରାକାରପୁର,(ସବ୍ୟୁ) : ଶନିବାର ରଜ ପାଇଁ ମା ଉଗ୍ରତାରା ପୀଠ ଚଳ ଚଞ୍ଚଳ ।ଶହ ଶହ ଶ୍ରଦ୍ଧାଳୁ ମା ଙ୍କୁ ଦର୍ଶନ କରିବା ସହିତ ରଜ ପଡିଆର ପଡିଥିବା ଦୋକାନରୁ କିଣାକିଣି କରୁ ମଜା ନେଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ୍ ଅଧିନସ୍ଥ ରାଜ ପ୍ରତିଷ୍ଠିତ ପ୍ରସିଦ୍ଧ ତନ୍ତ୍ର ପୀଠ ମା ଉଗ୍ରତାରଙ୍କ ପୀଠରେ ପ୍ରତିବର୍ଷ ରଜ ପର୍ବ ଦୀର୍ଘ୪ଦିନ ଧରି ପାଳିତ ପାଳିତ ହୋଇ ଆସୁଛି । ମା' ଉଗ୍ରତାରା ବି ଏହି ମାନବୀୟ ଲୀଳାକୁ ଗ୍ରହଣ କରି ପାଳୁଛନ୍ତି ରଜପର୍ବ।ମା'ପ୍ରତ୍ୟୁଷରୁ ହଳଦୀ, ଚୁଆ ଚନ୍ଦନ, ଆଗୁରୁ, କର୍ପୁର ମିଶ୍ରିତ ସୁବାସିତ ଜଳରେ ସ୍ନାନ କରି ବାର ରଙ୍ଗି ପାଟ ରେ ସଜେଇ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଉଛନ୍ତି ।ଏ।ରଜ ପର୍ବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।ଉଗ୍ରତାରା ପୀଠରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ର ସମସ୍ତ ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଚଳିତ ରଜପର୍ବ ପାଇଁ ଦୁରଦୁରାନ୍ତରୁ ଲୋକେ ମା ଉଗ୍ରତାରା ଦର୍ଶନ କରି ରଜ ପାଳିବା ପାଇଁ ଛୁଟି ଆସିଛନ୍ତି।ଶାନ୍ତିଶୃଙ୍ଖଳାର ସହିତ ଭକ୍ତମାନେ ମା ଉଗ୍ରତାରାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି।

# ଟାଉନ କ୍ଲବ୍ ଆନୁକୁଲ୍ୟରେ ରଜ ମହୋତ୍ସବ ଉଦଘାଟିତ

ଆଠଗଡ,(ସବ୍ୟୁ) : ଆଠଗଡ଼ ଟାଉନ କ୍ଲବ୍ ଆନୁକୁଲ୍ୟରେ ରଜ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ସମ୍ମାନିତ ଅତିଥି ଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ମଣିପାଲ ବିଶ୍ୱବିଦ୍ୟାଳୟ ଇଟା ନଗରର ରାଜନୀତି ବିଜ୍ଞାନର ପ୍ରଫେସର ରେବତୀ ବଲ୍ଲଭ ତ୍ରିପାଠୀ ଯୋଗ ଦେଇ ଆଠଗଡ଼ ର ଐତିହାସିକ ପୃଷ୍ଠଭୂମି ସହିତ କଳା ସାହିତ୍ୟ ସଂସ୍କୃତିର ଦିଗ ଉପରେ ଆଲୋକପାତ କରିଥିଲେ।କ୍ଲବ୍ ର ସଭାପତି ରାମ ନାରାୟଣ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରଞ୍ଜନ କୁମାର ଦାସ ସହ ସମ୍ପାଦକ ସୋମନାଥ ଭକ୍ତା ନିଜର ବକ୍ତବ୍ୟ ରଖି ଥିଲେ। ଗୁରୁ ପ୍ରଫୁଲ୍ଲ କୁମାର ସାହୁ ଙ୍କ ସଂଯୋଜନା ରେ ସଙ୍ଗୀତ ପରିବେଷିତ ହୋଇ ଥିଲା। ପରେ ପରେ ଆଠଗଡ଼ କଲଚରାଲ ଏକାଡେମୀ ବଲିଉଡ ଡ୍ୟାନ୍ସ ଗ୍ରୁପ ଆଠଗଡ଼ କଳାକେନ୍ଦ୍ର ପକ୍ଷରୁ ଓଡିଶୀ,ସମ୍ବଲପୁରୀ ଏବଂ ଭଜନ ରେ ନୃତ୍ୟ ପରିବେଷଣ ହୋଇ ଥିଲା। ତିନି ଦିନ ଧରି ଏହି ମହୋତ୍ସବ ପାଳନ କରାଯିବ। ଶନିବାର କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥି ପଟ୍ଟନାୟକ ସଂଯୋଜନା କରିଥିଲେ।

# ମାସିକ ଓଡ଼ିଆ ଖବରକାଗଜ ଶାନ୍ତିସ୍ତୁପର ବାର୍ଷିକୋତ୍ସବ



ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ଲୋକପ୍ରିୟ ମାସିକ ଖବର କାଗଜ ଶାନ୍ତିସ୍ତୁପର ଚତୁର୍ଥ ବାର୍ଷିକୋତ୍ସବ ମହାଡମ୍ବରରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିସ୍ତୁପର ସଂପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ଅରବିନ୍ଦ ଢାଲି ଉଦଘାଟକ ଭାବେ ଯୋଗଦାନ କରିଥିବାବେଳେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ପରିବେଶବିତ ଡ.ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗ୍ରାମାଞ୍ଚଳରୁ ପ୍ରକାଶ ପାଉଥିବା ଶାନ୍ତିସ୍ତୁପ ଖବରକାଗଜର ଶତାପ୍ରଶଂସା କରିଥିଲେ । ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର , ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦାନ କରି ଏହାର ଭୂୟସୀ ସଫଳତା କାମନା କରିଥିଲେ । ଏହି ଅବସରରେ ୨୨ ଜଣଙ୍କୁ ବିବିଧ କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା ।ସ୍ୱାଗତ ଭାଷଣ ଦିନବନ୍ଧୁ ଭୋଇ ଦେଇଥିଲା ବେଳେ ଉପସ୍ଥାପକ ସୁଭୋଜିତ ପଣ୍ଡା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ତାପସ ରଂଜନ ମଲ୍ଲିକ, ପ୍ରଳୟ କୁମାର ଦାସ, ଆଶୁତୋଷ ଚୌଧୁରୀ, ଗୋପାଳ ବେହେରା, ଦୀପକ କୁମାର ସ୍ୱାଇଁ, ଲକ୍ଷ୍ମଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନାରେ ସହଯୋଗ କରିଥିଲେ।

# ମେଧାବୀ ଛାତ୍ରଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର



ଖଣ୍ଡପଡ଼ା, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତ ଅଧୀନ ପଣ୍ଡିତ ଜମ୍ବେଶ୍ୱର ବିଦ୍ୟାପୀଠର ଛାତ୍ର ଶୁଭମ ରାଉତଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ସହରାଞ୍ଚଳ ଅଧୀନ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଝାଡେଶ୍ୱର ଦାସ ଯୋଗଦେଇ ମେଧାବୀ ଛାତ୍ର ଶୁଭମଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ, ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଏବଂ ସ୍ୱର୍ଗତ ଅଞ୍ଜଳି ମିଶ୍ରଙ୍କ ପୁଅ ତଥା ବରିଷ୍ଠ ସାମ୍ବାଦିକ ଶତ୍ରୁଜିତ ମଞ୍ଚାସୀନ ରହିବା ସହିତ ଶୁଭମଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରକାଶ ଥାଉକି ୨୦୦୩ ମସିହାରୁ ସ୍ବର୍ଗତା ଅଞ୍ଜଳି ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବାର ଲୋକେ ମାଟ୍ରିକ ପରୀକ୍ଷାରେ ଖଣ୍ଡପଡ଼ା ବ୍ଲକର ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରି ଆସୁଛନ୍ତି।

# ମା ତାରା ଦେବୀଙ୍କ ପୀଠରେ ରଜ ମଉଜ ଉଦଘାଟିତ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳ ମା ତାରା ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ରଜ ମଉଜ ୨୦୨୫ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ କମାଗୁରୁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି ମୁଖ୍ୟ ଅତିଥି, ଟାଙ୍ଗୋଳ ସରପଞ୍ଚ ବିରେଶ କୁମାର ରାଜଗୁରୁ ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ରତ୍ନାକର ସାହୁ, ସୋମନାଥ ବେହେରା, ଗଙ୍ଗାଧର ସାହୁ, ଅରକ୍ଷିତ ନାୟକ , ବୁଦ୍ଧଦେବ ବିଷୋଇ, ପ୍ରଭାକର ଜୟସିଂହ, ସମାଜସେବୀ ଟଙ୍କଧର ମହାପାତ୍ର ପ୍ରମୁଖ ମଞ୍ଚ ମଣ୍ଡନ କରିଥିଲେ। ଭାଗିରଥି ବେହେରା ପରିଚାଳନା କରିଥିଲେଛ ଗନ୍ଧର୍ବ ସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନିକୁନି ପିଲାମାନେ ଏବଂ ବନ୍ଦନା ନାଚ କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ପିଲା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଶେଷ ଦିବସରେ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯିବ।

# ମେଘନା କୂଳରେ କବିତା ଉତ୍ସବ



## ଡ. ମନୋରମା ବିଶ୍ୱାଳ ମହାପାତ୍ର

ବାଙ୍ଗଲା ଦେଶରେ ପଦ୍ମା ଏବଂ ମେଘନା ଦୁଇଟିଯାକ ଆବେଗମୟ ନଈ। ଖୁବ୍ ଚମତ୍କାର ଏହି ନଈ ଦୁଇଟି। ବସନ୍ତ ଯେତେବେଳେ ଆସିବ ଆସିବ ହେଉଛି, ସେତେବେଳେ ଢାକା ବିଶ୍ୱବିଦ୍ୟାଳୟରୁ ନିମନ୍ତ୍ରଣ ଆସି ପହଞ୍ଚିଥିଲା କବିତା ସେମିନାରରେ ଯୋଗ ଦେବା ପାଇଁ । ଆଗରେ ବସନ୍ତ ପଞ୍ଚମୀ । କବିତା ଉତ୍ସବ ସମୟରେ ବାର୍ଷିକ ବହି ମେଳାର ଆୟୋଜନ ମଧ୍ୟ ହୋଇଥାଏ ପ୍ରତିବର୍ଷ ।

ବିଦେଶରୁ କବିତା ପାଇଁ ନିମନ୍ତ୍ରଣ ଆସି ପହଞ୍ଚିଲେ ବିଭିନ୍ନ ପ୍ରକାର ସମସ୍ୟା ଆସି ପହଞ୍ଚିଯାଏ । ସେମିନାର ହେଉ କି କବି ସମ୍ମିଳନୀ ହେଉ ସେଥିପାଇଁ ଅର୍ଜିତ ଛୁଟି (Earned leave) ନେଇଯିବାକୁ ହୁଏ। ତା' ଛଡ଼ା ବିଦେଶ ଯିବାକୁ ହେଲେ ସରକାରଙ୍କ ଅନୁମତି ପତ୍ର ମଧ୍ୟ ଦରକାର। ଏତେ ପ୍ରକାର ଅର୍ଗଳି ଅତିକ୍ରମ କରୁ କରୁ ବିଦେଶ ଯାତ୍ରାର ଆନନ୍ଦ ଆପେ ଆପେ ପାଣିଚିଆ ହୋଇଯାଏ । ଗତବର୍ଷ ଗ୍ରୀସ୍ ଯିବାବେଳେ ସରକାରଙ୍କ ଅନୁମତି ପତ୍ର ପାଇବାରେ ବିଳମ୍ବ ହେତୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି ।

କିନ୍ତୁ ଏଥର ବିଦେଶ ଯାତ୍ରା ସଂପୂର୍ଣ୍ଣ ଅଲଗା । ବାଙ୍ଗଲାଦେଶର ଭିସାଠାରୁ ଆରମ୍ଭ କରି ଉଡ଼ାଜାହାଜ ଟିକେଟ୍ ପର୍ଯ୍ୟନ୍ତ ମୋତେ କିଛି କରିବାକୁ ପଡ଼ିନଥିଲା। ମୋର ସମ୍ମତି ପତ୍ର ପାଇବା ମାତ୍ରେ ନିର୍ଦ୍ଦିଷ୍ଟ ଦିନ କୋରିୟରରେ ଭିସା ଏବଂ ଟିକେଟ ସବୁ ପହଞ୍ଚି ଯାଇଥିଲା। ଜାନୁଆରୀ ଶେଷ ସପ୍ତାହ ବେଳକୁ ଭୁବନେଶ୍ୱରରେ ବସନ୍ତ ଋତୁ ଆରମ୍ଭ ହୋଇଯାଇଥାଏ । କୃଷ୍ଣଚୂଡ଼ା ଏବଂ ସପ୍ତପର୍ଣ୍ଣି ଫୁଲରେ ରାସ୍ତାଘାଟ ପୁଷ୍ପିତ ହୋଇ ଉଠିଥାଏ । ଭୁବନେଶ୍ୱରରୁ କୋଲକାତା ବିମାନରେ ଉଠିଲାବେଳେ କାହିଁ କେତେ ପଛରେ ରହି ଯାଇଥିଲା ମୋର ପ୍ରିୟ ଗାଁ, ପ୍ରିୟ ନଈ ଏବଂ ପ୍ରିୟ ମଣିଷମାନେ । ମେଘର ବୋଇତ ଭିତରେ ପକ୍ଷୀରାଜ ଘୋଡ଼ାରେ ବସି ମନ ମୋର କାହିଁ କେତେ ସୁଦୂରକୁ ଉଠିଯାଉଥିଲା ଯେମିତିଓ। ସେହି ମେଘର ବୋଇତ ଭିତରୁ ମୁଁ ନିଜକୁ ଅନାଇ ରହିଥିଲି । କାଳେ ମୋ ପ୍ରିୟ ନଈ ସାଳନ୍ଦୀକୁ ଦେଖିପାରିବି ବୋଲି ।

କୋଲକାତାର ପ୍ରଫେସର ନବନୀତା ଦେବସେନ୍ ମୋ ସହିତ ଢାକା ଯିବା କଥା । କବି ସୁନୀଲ ଗଙ୍ଗୋପାଧ୍ୟାୟ ଏବଂ ସମରେନ୍ଦ୍ର ସେନ୍‌ଗୁପ୍ତ ପୂର୍ବ ଦିନ ଚାଲି ଯାଇଥିବେ । ସୁଭାଷ ବୋଷ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ନବନୀତା ଦେବସେନ୍‌ଙ୍କ ସହିତ ଦେଖା ହେବ । ଜାନୁଆରୀ ୩୧ରେ ଉତ୍କଳ ଭବନରେ ରହି ଖୁବ୍ ସକାଳୁ ବିମାନ ବନ୍ଦରରେ ପହଞ୍ଚିବା କଥା । ଖୁବ୍ ପ୍ରତ୍ୟୁଷରୁ ନ ଉଠିଲେ ଫ୍ଲାଇଟ୍ ହୁଏତ ନ ପାଇପାରେଁ । ଗତ ରାତିରୁ ଟ୍ୟାକ୍ସି ଠିକ୍ କରି ରଖାଯାଇଥିଲା । ଟେଲିଫୋନ୍‌ରୁ ଜାଣିଲି ଗାଡ଼ି ଆସିଯାଇଛି ବୋଲି । ଭୀଷଣ କୁହୁଡ଼ି । ବୋଧହୁଏ ଏତେବର୍ଷ ଭିତରେ ଏପରି ଘନକୁହୁଡ଼ିର ଅନୁଭବ ମୋର ହୋଇ ନଥିଲା ।

ରଣକ୍ଷେତ୍ରକୁ ଯିବାର ଲୋକଟିକୁ ପଛଘୁଞ୍ଚା ସାଜେ ନାହିଁ । ମୋର ପ୍ରତ୍ୟେକ ଯାତ୍ରା ଯୁଦ୍ଧଯାତ୍ରା ସହିତ ସମାନ । ପ୍ରତିକୂଳ ପରିବେଶ ସହିତ ସଂଗ୍ରାମ । ଅନ୍ୟ କଥାରେ କହିଲେ ଅନ୍ୟ ଭାଷାର ସାହିତ୍ୟ ଏବଂ ସଂସ୍କୃତି ସହିତ ନିଜ ଭାଷାକୁ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରିବାର ମାନସିକ ସଂଘର୍ଷଓ। ଅସମ୍ଭବ କୁହୁଡ଼ି ହେତୁ ଆକାଶ ତଥାପି ନିର୍ମଳ ହୋଇନାହିଁ । ସମୁଦ୍ରରେ ପହଁରି ପହଁରି ଯିବାର ଅନୁଭୂତି । ଚାରିଆଡ଼େ କୁହୁଡ଼ିର ସମୁଦ୍ର । କୂଳ-କିନାରାହୀନ । ଡ୍ରାଇଭର ହେଡ଼ଲାଇଟ୍ ଦେଇ ଗାଡ଼ି ଚଳାଉଛି । ଗାଡ଼ିର ବେଗ ଖୁବ୍ ଦ୍ରୁତ । ଏ କ୍ଷେତ୍ରରେ ସର୍ବଶକ୍ତିମାନଙ୍କୁ ସ୍ମରଣ କରିବା ଛଡ଼ା ଅନ୍ୟ ଉପାୟ ଆଉ ନାହିଁ । ପଦ୍ମା, ମେଘନା ନଦୀର ଆକର୍ଷଣ କ'ଣ ଏତେ ବେଶୀ ଜଣେ କବି ପାଇଁ ? 'ବିମାନ୍ ବାଙ୍ଗଲା' ନିଶ୍ଚୟ କ୍ୟାନ୍‌ସେଲ୍ ହେବ ଏ ପାଗରେ । ଏତେ ପ୍ରତିକୂଳ ପାଗରେ ପ୍ଲେନ୍ ଛାଡ଼ିବ କେମିତି ? କୁହୁଡ଼ିର ସମୁଦ୍ର ଭିତରେ ଅସହାୟ ଡଙ୍ଗାଟି ପରି ଗାଡ଼ି ଗତି କରୁଛି । ଦୀର୍ଘ ଏକଘଣ୍ଟା ପରେ ସୁଭାଷ ବୋଷ ଆନ୍ତର୍ଜାତୀୟ ବିମାନ ଘାଟିରେ ପହଞ୍ଚି ନିଃଶ୍ୱାସ ନେଲି ।

ମୋତେ ପ୍ରଫେସର ନବନୀତା ଦେବସେନ୍ ଅପେକ୍ଷା କରିଥିଲେ । ନୋବେଲ୍ ପୁରସ୍କାର ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ ପ୍ରଥମ ପତ୍ନୀ ନବନୀତା । 'ଭାଲୋବାସା' ତାଙ୍କର ଘରର ନାଁ । ମଣିଷ ଏହି ଭଲ ପାଇଁ ବେଳେ ବେଳେ କେତେ କାଙ୍ଗାଳ ନହୁଏ । ନବନୀତାଙ୍କ ଆଭିଜାତ୍ୟ ପୂର୍ଣ୍ଣ କଥାବାର୍ତ୍ତା ମୋତେ ମୁଗ୍ଧ କରିଛି । ସବୁବେଳେ କବି ସମରେନ୍ଦ୍ର ସେନ୍‌ଗୁପ୍ତ ବାମପନ୍ଥୀ କବି ଭାବରେ ବଙ୍ଗଳା କବିତା ରାଜ୍ୟରେ ସୁପରିଚିତ । ଆଗଦିନ ହଠାତ୍ କାମ ପଡ଼ିବାରୁ ଆମର ସତୀର୍ଥ ସେ ଆଜି । ଢାକା ତାଙ୍କର ଜନ୍ମଭୂମି । ଜନ୍ମଭୂମିକୁ ଦେଖିବା ପାଇଁ ପ୍ରତିବର୍ଷ ସେ ଢାକା ଯିବାକୁ ଗୋଡ଼ ଟେକି ବସିଥାଆନ୍ତି । ନିଜର ଜନ୍ମଭୂମି ପ୍ରତି ଏହି ଦୁର୍ବାର ଆକର୍ଷଣ ନ ଦେଖିଲେ ବିଶ୍ୱାସ କରି ହୁଏନାହିଁ । ପ୍ରାୟ ଦଶବର୍ଷ ତଳେ ସିକିମ୍ ଦ୍ୱାରା ନିମନ୍ତ୍ରିତ ହୋଇ ଗ୍ୟାଙ୍ଗଟକ୍ ଯିବା ସମୟରେ ଏହି ଯଶସ୍ୱୀ କବି ସମରେନ୍ଦ୍ର ସେନ୍‌ଗୁପ୍ତ ମଧ୍ୟ ମୋର ସତୀର୍ଥ ଥିଲେ । ତାଙ୍କର ପ୍ରାଣଖୋଲା କଥାବାର୍ତ୍ତାରୁ ତାଙ୍କ ବ୍ୟକ୍ତିତ୍ୱ ସହଜରେ ଅନୁମାନ କରିହୁଏ । ଏହି ବର୍ଷୀୟାନ୍ କବି ଜଣକ ଆଲୋଚନା କଲାବେଳେ ଅତ୍ୟନ୍ତ ମୁକ୍ତ କଣ୍ଠରେ ଆନ୍ତରିକତାର ସହ କହିଚାଲନ୍ତି ।

ବିମାନ ଉଦ୍‌ଘୋଷିକା ବାରମ୍ବାର ଘୋଷଣା କରୁଥିଲେ ପ୍ରତିକୂଳ ପାଗ ହେତୁ ପ୍ଲେନ୍ ଛାଡ଼ିବାରେ ଯଥେଷ୍ଟ ବିଳମ୍ବ ହୋଇପାରେ । ସୁଭାଷ ବୋଷ ବିମାନ ଘାଟିରେ ଅନେକ ଦେଶବିଦେଶର ଉଡ଼ାଜାହାଜମାନ ଅପେକ୍ଷାରତ । ଏଗୁଡ଼ିକ ଖେଳନା ରି ଦୂରକୁ ଦିଶୁଥିଲେ । ସୁଲଳିତ ସ୍ୱର ଭାସି ଆସିଲା 'ପ୍ଲେନ୍ ଛାଡ଼ିବାକୁ ଡେରି ହେତୁ 'ବଳାକା' ରେଷ୍ଟୁରାଣ୍ଟରେ ଜଳଖିଆ ଖାଇ ନେବାକୁ ଅନୁରୋଧ ।' 'ବିମାନବାଂଲା' ତରଫରୁ ସୁସ୍ୱାଦୁ ଜଳଖିଆର ନିମନ୍ତ୍ରଣ । କବି ସମରେନ୍ଦ୍ର ସେନ୍‌ଗୁପ୍ତ ମଜାକରି କହିଲେ, କୋଲ୍‌କାତାଠାରୁ ଢାକାର ଦୂରତ୍ୱ ବେଶୀ ନୁହେଁ । କିନ୍ତୁ ପ୍ରତିଥର ଏହିପରି ଗୋଟିଏ ଦିନ ଲାଗିଯାଏ ଢାକାରେ ପହଞ୍ଚିବା ପାଇଁ । ଏତେ ଅତିଥିବତ୍ସଳ ଯେ ଏମାନେ ନ ଖୋଇ ଛାଡ଼ିବେନି । **ରବୀନ୍ଦ୍ର ନାଥଙ୍କ ରଚିତ କବିତା ପୁସ୍ତକ 'ବଳାକା'ର ନାଁ ଅନୁସାରେ ଏମାନେ ଏହି ରେଷ୍ଟୁରାଣ୍ଟର ନାମକରଣ କରିଛନ୍ତି । ସବୁଠାରେ ସେମାନଙ୍କର କଳା ଏବଂ ଭାସ୍କର୍ଯ୍ୟର ଅପୂର୍ବ ସମନ୍ୱୟ ଘଟିଛି । ମୋ ପାଖରେ ବାଙ୍ଗଲଦେଶୀ ମୁଦ୍ରା 'ଟାକା' ବେଶୀ ନଥିଲା । କାଉଣ୍ଟରରୁ ମୁଁ ଏବଂ ନବନୀତା ଦେବସେନ୍ ଭାରତୀୟ ଟଙ୍କା ବଦଳରେ ବାଙ୍ଗଲାଦେଶର ମୁଦ୍ରା ବଦଳାଇ ଆଣିଲୁ । ସମୟ ବାରଟା ବାଜିଲାଣି । ତଥାପି କୁହୁଡ଼ିମୁକ୍ତ ହୋଇନାହିଁ ଆକାଶ । ଧୀରେ ଧୀରେ ଶୁଦ୍ଧ ଏବଂ ସୁନ୍ଦର ବଙ୍ଗଳାରେ ଭାସିଆସିଲା ସୁଲଳିତ ସ୍ୱରର ଘୋଷଣା– 'ଢାକା ଅଭିମୁଖେ 'ବିମାନ ବାଙ୍ଗଲା' ଚାରିଟାରେ ଛାଡ଼ିବ'।**

କବି ସମରେନ୍ଦ୍ର ସେନଗୁପ୍ତ ଭାବନାର ସୁଷୁପ୍ତିରୁ ଜାଗ୍ରତ ହେଲେ ଅବା ଏହି ଘୋଷଣାରେ କ'ଣ ଏପରି ଥିଲା ଯେ ଜାତିପ୍ରେମରେ ସେ ଉଦ୍‌ବୁଦ୍ଧ ହୋଇ ଗାଇ ଉଠିଲେ – 'ଓ ଆମାର ସୋନାର ବାଙ୍ଗଲା, ଆମି ତୋମାୟା ଭାଲୋବାସି'।

ପାକିସ୍ତାନୀ ଶାସକ ଗୋଷ୍ଠୀର ଶୋଷଣର ନିପୀଡ଼ନରୁ ମୁକ୍ତିଲାଭ କରିବା ପାଇଁ ଧୀରେ ଧୀର ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଉଠିଥିଲା ଏହି ବଙ୍ଗାଳୀ ଜାତି । ଯେତେବେଳେ ସେମାନେ ଜଳି ଉଠିଥିଲେ ସ୍ୱାଧିକାର ଏବଂ ସ୍ୱାଧୀନତାର ନିଆଁରେ, ଠିକ୍ ସେତିକିବେଳେ ତତ୍‌କାଳୀନ ପଶ୍ଚିମ ପାକିସ୍ତାନୀ ସାମରିକ ଶାସକମାନେ ରାତିରେ ଅନ୍ଧକାର ଭିତରେ ଲମ୍ଫ ଦେଇଥିଲେ ନିରୀହ, ନିରପରାଧ ବଙ୍ଗାଳୀମାନଙ୍କ ଉପରେ । ୨୫ ମାର୍ଚ୍ଚ ୧୯୯୧ ସାଲ୍‌ରେ ଏହି ଦେଶର ଜନତା ଉପରେ ଏକ ରକ୍ତାକ୍ତ ଯୁଦ୍ଧର ଘନଘଟା ଘନେଇ ଆସିଥିଲା । ୧୯୯୦ ମସିହା ଡିସେମ୍ବର ପର୍ଯ୍ୟନ୍ତ ବଙ୍ଗଳା ଦେଶର ଚାରିଆଡ଼େ ନିର୍ମମ ହତ୍ୟା, ଧର୍ଷଣ, ଲୁଣ୍ଠନର ଧ୍ୱଂସ ଯଜ୍ଞ ଆରମ୍ଭ ହୋଇଯାଇଥିଲା । ପାକିସ୍ତାନୀ ସାମରିକ ବାହିନୀ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ବୀର ବଙ୍ଗଳୀମାନେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇଥିଲେ । ଲକ୍ଷ ଲକ୍ଷ ମୂଲ୍ୟବାନ ଜୀବନ ବିନିମୟରେ ଶେଷରେ ବାଙ୍ଗଲାଦେଶ ମୁକ୍ତ ହୋଇପାରିଛି । ଏହି ମୁକ୍ତି ଯୁଦ୍ଧର ବିଜୟ ମୁହୂର୍ତ୍ତର ସ୍ମୃତି ଏବଂ ଦେଶପ୍ରେମର ଅନୁଭୂତି, ତ୍ୟାଗ ଏବଂ ରକ୍ତର ବିନିମୟରେ ଅର୍ଜନ କରିଛି ବଙ୍ଗାଳୀ ଜାତି ।

ଏକଥା କହିଲା ବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଉଠିଥିଲେ । ଏବେ ମଧ୍ୟ ତାଙ୍କର ସୁନ୍ଦର ଶୈଶବ ଗୁମୁରି ଉଠେ ଢାକା ନଗରୀ ଉପକଣ୍ଠରେ । ପାକିସ୍ତାନ ଦ୍ୱାରା ଦୁଇବର୍ଷ ଧରି ଭାଷାଗତ ପରାଧୀନତାର ଦୁଃଖ ହୁଏତ ଏହି ଜାତୀୟ ଆବେଗର ମୂଳଦୁଆ ସ୍ଥାପନ କରିଥିଲା । ମାତୃଭାଷାର ସୁରକ୍ଷା ନିମନ୍ତେ ସ୍ୱାଭିମାନୀ ବଙ୍ଗାଳୀ ଜାତି ଏହିଭଳି ଏକ ମୁକ୍ତି ଯୁଦ୍ଧକୁ ଆହ୍ୱାନ କରିଥିଲା । ସେହି ମୁକ୍ତି ଯୁଦ୍ଧର ଫଳସ୍ୱରୂପ ଏକ ସ୍ୱତନ୍ତ୍ର ଦେଶ ବାଙ୍ଗଲାଦେଶର ଜନ୍ମ ସମ୍ଭବ ହୋଇପାରିଥିଲା । ବାଙ୍ଗଲା ଦେଶର ରାଜଧାନୀ ଢାକା ଦିନେ ଏକ ଛୋଟ ଗାଁ ଥିଲା । ଢାକେଶ୍ୱରୀ ମନ୍ଦିର ସୁପ୍ରସିଦ୍ଧ ଦେବୀ ମନ୍ଦିର ଭାବରେ ଖ୍ୟାତିଲାଭ କରିଥିଲା । ହିନ୍ଦୁ, ମୁସଲମାନ ଏବଂ ଖ୍ରୀଷ୍ଟିଆନ– ସମସ୍ତଙ୍କର ପ୍ରିୟ ଭାଷା ଏଠାରେ ବଙ୍ଗଳା । ସବୁଠାରେ ବଙ୍ଗଳାରେ ଲେଖାମାନ ଆଖିରେ ପଡୁଥିଲା । ଏପରିକି ଦୋକାନ ବଜାର, ପେଟ୍ରୋଲ ପମ୍ପ ସବୁଠାରେ ବଙ୍ଗଳା ଭାଷାର ନାମଫଳକ ଝୁଲୁଥିଲା । ବଙ୍ଗଳାଦେଶରେ ସମ୍ପ୍ରତି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ, ଆଇନ୍ ଅଦାଲତ, ପ୍ରଯୁକ୍ତି ବିଦ୍ୟା, ଦର୍ଶନ ଏବଂ ଗବେଷଣା କାର୍ଯ୍ୟ ବଙ୍ଗଳା ଭାଷା ମଧ୍ୟରେ ହିଁ ହୋଇଥାଏ ବୋଲି ଜାଣିଲି । ମାତୃଭାଷା ପ୍ରତି ଏଭଳି ସ୍ୱାଭିମାନ ବାସ୍ତବିକ ଅନୁକରଣୀୟ । ପ୍ରତିବର୍ଷ ଫେବୃଆରୀ ୨୧ ତାରିଖରେ ସେମାନେ ମାତୃଭାଷା ଦିବସ ପାଳନ କରନ୍ତି । ଏହି ମାତୃଭାଷା ଦିବସ ପାଳନ ଅବସରରେ ବିଭିନ୍ନ ରାଜ୍ୟରୁ କବି ଏବଂ ଲେଖକମାନଙ୍କୁ ନିମନ୍ତ୍ରଣ କରନ୍ତି ।

ଏଥର କବିତା ଉତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନ ଉଦ୍‌ଘାଟନ ଉତ୍ସବର ଆରମ୍ଭରେ ଜାତୀୟ ସହିଦ୍ ସ୍ମୃତିସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରାଗଲା । ବଙ୍ଗଳାଦେଶର ଜାତୀୟ ସ୍ପନ୍ଦନ ଏଥିରେ ଲିପିବଦ୍ଧ ଥିବାର ଅନୁମାନ ହେଲା ମୋର । ଢାକା ବିଶ୍ୱବିଦ୍ୟାଳୟର ମୁକ୍ତାକାଶ ମଞ୍ଚରେ ଏହି କବିତା ଉତ୍ସବର ଆୟୋଜନ କରାଯାଇଥିଲା । ପ୍ରାରମ୍ଭିକ ସଙ୍ଗୀତ 'ଆମାର ସୋନାର ବାଙ୍ଗଲା, ଆମି ତୋମାୟା ଭାଲୋବାସି'ର ଭାବାବେଗପୂର୍ଣ୍ଣ ମୂର୍ଚ୍ଛନା ଯେପରି ଆକାଶ ଏବଂ ପବନକୁ ଧ୍ୱନିତ କରିଦେଲା। ବାଙ୍ଗଲାଦେଶର ବିଭିନ୍ନ ପ୍ରାନ୍ତରରୁ କବିମାନେ ଆସିଥିଲେ କବିତା ପଢ଼ିବା ପାଇଁ । କବି ଶ୍ୟାମସୁନ୍ଦର ରହମାନ, ସୁନୀଲ ଗଙ୍ଗୋପାଧ୍ୟାୟ, ନବନୀତା ଦେବସେନ୍ ଏବଂ ସମରେନ୍ଦ୍ର ସେନ୍‌ଗୁପ୍ତ ପ୍ରଭୃତି ପ୍ରଥମ ଅଧିବେଶନରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

**ଅପରାହ୍ନ ଅଧିବେଶନ ଥିଲା କବିତା ପାଇଁ ଅଭିପ୍ରେତ । କବିତା ପଢ଼ିବା ଏବଂ କବିତା ଶୁଣିବା ପାଇଁ ଏପରି ଜନସମାବେଶ ଆଗରୁ କେବେ ଦେଖିନଥିଲି । କବି ସୁନୀଲ୍ ଗଙ୍ଗୋପାଧ୍ୟାୟ ତାଙ୍କର ପ୍ରସିଦ୍ଧ କବିତା 'ହଠାତ୍ ନୀରାର୍ ଜନ୍ୟୋ' କବିତାଟିକୁ ଆବୃତ୍ତି କଲେ । ଶ୍ରୋତାମାନେ ବାରମ୍ବାର ଅନୁରୋଧ କରୁଥିଲେ ଆହୁରି ଅଧିକ କବିତା ପଢ଼ିବା ପାଇଁ । ମୁଁ ପ୍ରଥମେ ମୋ ମାତୃଭାଷାର କବିତା ଆବୃତ୍ତି କରି ସାରିବା ପରେ ତା'ର ମର୍ମାନୁବାଦ ପାଠ କରିଥିଲେ ବଙ୍ଗଳାଦେଶର କବି ବେଲାଳ ଚୌଧୁରୀ ।** ନବନୀତା ଦେବସେନ୍ ଏକାଧାରରେ ପ୍ରଫେସର ଏବଂ କବି । ତାଙ୍କ କବିତାରେ ବୌଦ୍ଧିକତା ଅଧିକ । ସମରେନ୍ଦ୍ର ସେନ୍‌ଗୁପ୍ତ ତାଙ୍କର ସଦ୍ୟ ପ୍ରକାଶିତ 'କଫି ହାଉସେର୍ ସିଡ଼ି' କବିତା ଗ୍ରନ୍ଥରୁ କେତୋଟି କବିତା ପଢ଼ିଲେ । ମଝିରେ କେବଳ ଚା' ବିରତି ଅଧଘଣ୍ଟା । ତା' ପରେ ପୁଣି କବିତାର ଅଧିବେଶନ । କ୍ରମଶଃ ଶ୍ରୋତାମଣ୍ଡଳୀ ଅଧିକ ବଢ଼ିବାର ଲକ୍ଷ୍ୟ କରି । ବସିବା ପାଇଁ ଆଉ ସ୍ଥାନ ନଥିଲା । ମୁକ୍ତାକାଶ ମଞ୍ଚର ଚାରିପାଖରେ ଶ୍ରୋତାମାନେ ଛିଡ଼ା ହୋଇ କବିତା ଶୁଣୁଥିଲେ ଶେଷ ପର୍ଯ୍ୟନ୍ତ । ଢାକା ମ୍ୟୁଜିୟମ୍ ପରିସରରେ ରାତ୍ର ଭୋଜନର ଆୟୋଜନ କରିଥିଲେ ଢାକା ବିଶ୍ୱବିଦ୍ୟାଳୟର କୁଳପତି ।

ତା'ପରଦିନ ଥିଲା କବିତାର ସେମିନାର । 'କବିର ପ୍ରତିବଦ୍ଧତା' ସମ୍ପର୍କରେ ମୋର ନିବନ୍ଧ ଥିଲା । ସକାଳଓଳି ତିନୋଟି ପ୍ରବନ୍ଧ ପାଠ ହେଲା । ଉପରଓଳି ଆଲୋଚନା । ଶ୍ରୋତାମାନଙ୍କର ଅବାରିତ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା । ରାତିରେ ଢାକା ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ଥିଲେ ଆମ ହୋଷ୍ଟ । ପଦ୍ମାର ଇଲିଶି ପ୍ରସଙ୍ଗରେ ଜଣେ କବିବନ୍ଧୁ ଖୁବ୍ ସୁନ୍ଦର ମନ୍ତବ୍ୟ ଦେଲେ । ତସ୍‌ଲିମା ଢାକାର ଝିଅ । ନିର୍ବାସନ ଦଣ୍ଡରେ ଦଣ୍ଡିତ ସେ – ଏ ସମ୍ପର୍କରେ ପ୍ରସଙ୍ଗ ଉଠିବା କ୍ଷଣି ଦେଖିଲି, ଏହି ପ୍ରସଙ୍ଗ ସେମାନେ ଏଡାଇ ଯାଉଛନ୍ତି । ସେ ଯେ କାହାରି ଶ୍ରଦ୍ଧାଭାଜନ ନୁହେଁ, ଏହା ଜାଣିବାକୁ ଡେରି ଲାଗିଲାନି ମୋତେ । ତସ୍‌ଲିମା ନିଶ୍ଚିତ ଭାବରେ ସ୍ପଷ୍ଟବାଦିନୀ–ତାଙ୍କ ବ୍ୟକ୍ତିଗତ ଜୀବନ ଆଲୋଚନା କରିବାକୁ ମୁଁ ଇଚ୍ଛା ପ୍ରକାଶ କଲିନାହିଁ । ଦେଖିଲି ସମସ୍ତେ କିପରି ନୀରବ ହୋଇଗଲେ ତସ୍‌ଲିମା କଥା ପଢ଼ିବା କ୍ଷଣି।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର,ମୋ–୦୯୪୩୭୦୧୧୦୦୩**

# କବିତା

## ଗୁପ୍ତର ଘାଟରେ ସକାଳ



### ରତ୍ନାକର ରାଉତ

ମୟୂର ପୁଚ୍ଛରେ ମୁରୁଜ ବୁଣୁଛି
ସକାଳ କଅଁଳ ଖରା,
ସରଜୁ ନଦୀର ଶୀତୁଆ ପବନ
ଆଉଁସୁଛି ଦେହ ସାରା ।
ନଈକୁ ଚାହିଁଲେ ଦିଶିଯାଏ କା'ର
ଶ୍ୟାମଳ ସୁନ୍ଦର ରୂପ
ଗୁପ୍ତର ଘାଟରେ ପାଣି ଛୁଇଁଦେଲେ
ଧୋଇଯାଏ ସବୁ ପାପ ।
ପ୍ରଭୁ ରାମଚନ୍ଦ୍ର ପାତାଳି ହେବାରେ
ବିତିଲାଣି କେତେ କାଳ
ତଥାପି ଏ ତୁଠେ ନିତିପ୍ରତି କେତେ
ଭକତ ହୁଅନ୍ତି ଠୁଳ ।
ଭକତିରେ ଏହି ଧୂଳିକୁ ଦେହରେ
ଭକତ ହୁଅନ୍ତି ବୋଳି
ରାମ ଅବଶେଷ ଯେଉଁଠାରେ ଲୀନ
ସଭିଙ୍କ ପାଇଁ ସେ ମହାନ୍ ପୁଣ୍ୟସ୍ଥଳୀ ।
କାହିଁ କେତେ ଦୂରୁ ଭକତ-ଜନଙ୍କ
ହୁଏ ଏଠି ସମାଗମ
କର୍ପୂର ଯାଇଛି ଏ ସ୍ଥାନରୁ ହଜି
ବାକି ଅଛି ରାମନାମ ।
ସେ ନାମକୁ ଧରି ଜପାମାଳି କରି
ବୁହାନ୍ତି ଜୀବନ ତରୀ
ରାମ ପୁଣ୍ୟ ନାମ ଶ୍ରବଣ ମାତ୍ରକେ
ହୃଦୟ ଉଠଇ ପୂରି ।
ଜୀବନର ତରୀ ଯାଏ ଭାସିଭାସି
ସରିସରି ଆସେ ଆୟୁ
ଶ୍ରୀରାମ କରୁଣା ଅଜାଡ଼ି ପଡ଼ିଲେ
ଏକାକାର ଲୁହ ଲହୁ ।
ଯେଉଁଠାରେ ରାମ ସେହିଠାରେ ଧାମ
ଆଶିଷର ବାରିଧାରା
ପାଣି ପବନରେ ଧୂଳି ଓ ଧରାରେ
ସବୁଠାରେ ଭରାଭରା ।

**ପ୍ଲଟ. ନଂ–୭୬୭P,ଜୟଦୁର୍ଗା ନଗର**
**ଭୁବନେଶ୍ୱର–୭୫୧୦୦୧**
**ମୋ–୯୪୩୭୩୮୨୨୮୧**



## ଆହେ ଯୋଗଜନ୍ମା ଫକୀରମୋହନ

### ମୈତ୍ରେୟୀ କମିଳା

ଏ ଜାତିର ସିଲଟକୁ ପୋଛି ଟାଣିଟୁଣି
ଗାରଟେ ଆଙ୍କିଲ
ଗାରରୁ ଗଢ଼ିଲ ନାରୀଶିକ୍ଷା
ଭାରି ବୋଝଟେ ମୁଣ୍ଡରୁ ଉତୁରିଗଲା
ଆଙ୍କିବା ଏତେ ସହଜ ନଥିଲା
ରେବତୀର ଜିଦ୍ ଆଗରେ ସବୁ ଫିକା
ନ'ଅଙ୍କ ଦୁର୍ଭିକ୍ଷରୁ ସଳଖି ଉଠିଥିବା ଭୂଖଣ୍ଡ
ବାଡ଼ି ଧରିଉଠିବାକୁ ବଳ ପାଉନଥିଲା
ସମାଜ ଆଖିରେ
ଚେନାଏ ଘାସର ସବୁଜ ରଙ୍ଗ
ତୁମେ ହିଁ ବହି ଭିତରେ ଲୁଚେଇ ରଖିଲ
ବାନ୍ଧିଲ ସାହସ
ସେଦିନ ସଞ୍ଜରେ ମୋତିଗଞ୍ଜ ବଜାର
ଛପାକଳ ଆଗରେ
ସାଦା କାଗଜ ଉପରେ ମେଞ୍ଚାଏ କାଳି,
ଦୋକାନ ସାମ୍ନାରେ ଲୋକ ଠେଲା ପେଲା
ଛପାକାଗଜ ଦେଖିବେ
ଦୃଢ ଚିତ୍ତରେ କହିଥିଲ
ଆଜି କାଳି ଲାଗିଲା
ପରବର୍ତ୍ତୀ ସମୟରେ କାଳି ସବୁ ଅକ୍ଷର
ହୋଇଯିବ ।
ନିଃସ୍ୱ ଜୀବନ ଭିତରୁ ସାଉଁଟି ଆଣୁଥିଲ
ଭିନ୍ନ ଭିନ୍ନ ଚରିତ୍ର
ମାଟିଦେଲ, ପାଣି ସିଞ୍ଚି ପୁଟିଦେଲ
ନିଃଶ୍ୱାସରେ ଭରିଲ ଜାତି ଗଢିବାର ବିଶ୍ୱାସ
ତାକୁ ଜୀବନ୍ତ କଲ
ଲେଖନୀରେ ତୀକ୍ଷଣ ହେଲା
ଖୋଦା ହୋଇ ଶାଶ୍ୱତ ଭୂଇଁରେ
ଗଢ଼ା ହେଲା ଇତିହାସ
ଶତାବ୍ଦୀର ପୂର୍ଣ୍ଣ ସୂର୍ଯୋଦୟରେ
ମାମୁଁ, ଲଛମା, ପ୍ରାୟଶ୍ଚିତ
ଅଖ୍ୟାତ ଗାଁରୁ ଅସଜଡ଼ା ନାରୀ ଚମ୍ପା
ନିପଟ ମଫସଲିଆ ଭଗିଆ
ସାରିଆର ଜୀବନ ନାଟିକା ନେତ
ଜମିଦାର ରାମଚନ୍ଦ୍ର ମଙ୍ଗରାଜ
ତୁମ ଲେଖନୀରେ ଛ'ମାଣ ଆଠଗୁଣ୍ଠ,
ରାଣ୍ଡୀ ପୁଅ ଅନନ୍ତା, ଡାକ୍‌ମୁନସୀ,
ଆଜି ମଧ୍ୟ ରହିରହି କଡ ଲେଉଟାଏ ଓଡ଼ିଆ
ସାହିତ୍ୟ ଆକାଶରୁ ରେବତୀର
ଅକୁହା ଅବଗୁଣ୍ଠନ
ଜେଜେମାର ଦୋରଟି ଗାଳିରେ
ଅଭିଶପ୍ତ ଜୀବନ
କୋହରେ ଭିଜେ
ମାଟିକୁ ଥରାଏ
ଜାତିକୁ ମନେ ପକେଇଦିଏ
ଆଉ କିଏ ହେବ
ଭାଷା ଆନ୍ଦୋଳନ
ପୁରୋଧା ତୁମଛଡା
ଆହେ ଯୋଗଜନ୍ମା

**ନବୀ ମୁମ୍ବାଇ**

## ଗାଆଁର ପରବ ରଜ

### ଚିତ୍ତରଞ୍ଜନ ମହାନ୍ତି

ଆସନ୍ତେ ରଜ ପରବ
ଚହଲେ ମନ ମଗଜ
ସବୁଠି ଚଳଚଞ୍ଚଳ
ଆମ ଗାଆଁ ପାଳଇ
ରଜ ଉତ୍ସବ ।
ସବୁ ଘରେ କୋଳାହଳ
କୁଣିଆ ବନ୍ଧୁବାନ୍ଧବ
ପିଠାପଣା ମହକ !
ଅତିଥି ଦେବୋ ଭବଃ
କରୁ ସ୍ୱାଗତ ।
ଗାଆଁମୁଣ୍ଡ ବରଗଛ
ଲାଗିଛି ଦୋଳିଖେଳ
ନୂଆ ପୋଷାକ ପିନ୍ଧି
ଦିଶୁଥାନ୍ତି ପ୍ରଜାପତି
ରଙ୍ଗର ଚମକ !।
ଏମିତି ପରବ ପରା
ସବୁ ଘରୁ ଡାକରା
ଥାଏ ଆପଣା ଭାବ
ବନ୍ଧା ମମତାଡୋର
ସମତା ପୁର ।
ଗାଆଁ ଆମ ଜନ୍ମମାଟି
ମାଟି ସାଥେ ମାଟି ହୋଇ
ସୁନାର ଫସଲ ଉପୁଜାଇ
ସବୁରି ମୁହେଁ ଦାନା ଦେଇ
ପାରୁ ଜୀବନ ଜିଇଁ ।
ଏତେ ବଡ ଦୁନିଆ
ଛୋଟ ମୋର ଗାଆଁ
ଗାଆଁ ମୋର ମାଆ
ସିନ୍ଥିରେ ରକତ ସିନ୍ଦୂର
ଦାଉ ଦାଉ ଜଳୁଥା ।

**ତଗିରା , ଭଦ୍ରକ**
**ମୋ–୮୨୪୯୬୮୨୨୨୮**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ସେଇ ବର୍ଷାଭିଜା ରାତି

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଗଳ୍ପ

ସୁରେଖା ଆଉ ଅନୁପ୍ରିୟାର ପରିବାର ଉତ୍ତରାଖଣ୍ଡ ସୀମାର ସୁଦୂର ପାହାଡି ଇଲାକାର ଏକ ନିପଟ ମଫସଲି ଗାଆଁରେ ବସବାସ କରୁଥିଲେ । ଦୁହେଁ ପିଲାଦିନୁ ଘନିଷ୍ଠ ବାନ୍ଧବୀ । ସୁରେଖା ଓ ଅନୁପ୍ରୀୟାର ବାପା ଢାଲୁ ଜାଗାକୁ ସମତଳ କରି ଚାଷବାସ କରି ପରିବାରର ପ୍ରତିପୋଷଣ କରୁଥିଲେ । ପାହାଡି ଜମିରେ ବିନ୍‌ସ, ମକ୍କା, ମଟର, କାକୁଡି, ଧାନ, ରାଜମା, ତରଭୂଜ ଆଦି ଚାଷ କରିବା ସଙ୍ଗେ ସଙ୍ଗେ ଗାଈ ଗୋରୁ ମଧ୍ୟ ପାଳୁଥିଲେ । ସୁରେଖା ବାପା ରାମଲୁଭାୟା ଓ ଅନୁପ୍ରୀୟା ବାପା ଜଗତସିଂହଙ୍କ କାମଧନ୍ଦା ବେଶ୍ ସୁରୁଖୁରୁରେ ଚାଲୁଥିଲା । ଦୁହେଁ ଗ୍ରାମୀଣ ଜନ-ଜୀବନକୁ ଆପଣାଇ ନେଇ ବେଶ୍ ଖୁସି ଆନନ୍ଦରେ ଜୀବନଯାପନ କରୁଥିଲେ । ହେଲେ ପାହାଡ ପର୍ବତ ପରିବେଷ୍ଟିତ ଅଞ୍ଚଳ ହୋଇଥିବାରୁ ତୁହାକୁ ତୁହାକୁ ବର୍ଷା, ଭୂସ୍ଖଳନ ଓ ବନ୍ୟାର ବିପ୍ତାତ ଯୋଗୁ ସେମାନେ ଉଦ୍‌ବିଗ୍ନ ରହୁଥିଲେ । କାହିଁକି ନା ସେ ଦୁହିଁଙ୍କ ଘର ପାହାଡ ତଳ ନିମ୍ନଭୂମିର ଏକ ନଦୀ ତଟରେ ଅବସ୍ଥିତ ।

ଗାଆଁରେ ସେମାନଙ୍କ ଘରଠୁ ସରକାରୀ ସ୍କୁଲଟି ମାତ୍ର ଦେଢ଼ କିଲୋମିଟର ଦୂର । ସେଇ ସ୍କୁଲରେ ସୁରେଖା ଆଉ ଅନୁପ୍ରୀୟା ଏକା ଶ୍ରେଣୀର ଛାତ୍ରୀ । ଦୁହେଁ ଦଶମ ଶ୍ରେଣୀରେ ପଢୁଥିଲେ । ଏକା ସାଙ୍ଗରେ ସ୍କୁଲ ଯିବା ଆସିବା କରୁଥିଲେ । ବର୍ଷାଦିନେ ପାହାଡି ଅଞ୍ଚଳରେ ବନ୍ୟା ସୁ ସୁ ଗର୍ଜନ କରି ମାଡ଼ିଆସେ । ଭୂସ୍ଖଳନରେ ରାସ୍ତାଘାଟ ଅବରୁଦ୍ଧ ହେବାଟା ଏକ ସାଧାରଣ କଥା । ପାହାଡି ଲୋକମାନେ ମାଳ ମାଳ ପାହାଡ ଓ ଢେଉଢେଉକା ପର୍ବତ ମଧ୍ୟରେ ରହି ଖୁବ୍ ସଂଘର୍ଷମୟ ଜୀବନ କଟାନ୍ତି । ପାହାଡ ଭୂମିରେ ରହୁଥିବା ଲୋକଙ୍କୁ ସମତଳ ଅଞ୍ଚଳର ବାସିନ୍ଦାଙ୍କ ଭଳି ଡାକ୍ତରୀ ସୁବିଧା ଉପଲବ୍ଧ ହୁଏନାହିଁ । ଗମନାଗମନ ସମେତ ଘରକରଣା, ସଉଦା ଓ ଅନ୍ୟାନ୍ୟ ଉପକରଣ କିଣିବା ପାଇଁ ଦୋକାନ ବଜାର ସୁବିଧା ମଧ୍ୟ ସେମାନଙ୍କୁ ଅପହଞ୍ଚ । ଛୋଟଛୋଟ ଜମିରେ ଚାଷବାସ କରିବା ,ବାଡ଼ି ବଗିଚାର ସବୁଜ ପନିପରିବା ଉପୁଜାଇବା ଓ ପଶୁପାଳନ ଇତ୍ୟାଦି ସେମାନଙ୍କ ଜୀବନ ଜୀବିକାର ପ୍ରମୁଖ ପେସା । ଗାଁର ଲୋକବାକ ଏକଜୁଟ ହୋଇ ପରସ୍ପରକୁ ଅଭାବ ଅସୁବିଧାରେ ସାହାଯ୍ୟ ସହାୟତାର ହାତ ପ୍ରସାରି ଦିଅନ୍ତି ।

ସୁରେଖା ଆଉ ଅନୁପ୍ରୀୟା କେବେ ବି ଚାକଚକ୍ୟ ସହରୀ ପ୍ରତି ଆକର୍ଷିତ ହୋଇ ନ ଥିଲେ । ଦୁହେଁ ଥିଲେ ଆପଣା ବାପାମାଆ ଭଳି ପ୍ରକୃତିପ୍ରେମୀ । ପ୍ରତିପୋଷିତ ହୋଇ ବଢିଥିଲେ ନୈସର୍ଗିକ ପ୍ରକୃତି କୋଳରେ । ପାହାଡିଆ ଅଞ୍ଚଳରେ ପର୍ଯ୍ୟଟନ କରିବା , ଭ୍ରମଣ କରିବା, ବିଶେଷକରି ତପତ ନିଦାଘରେ ଅବକାଶ ଛୁଟି କଟାଇବା ସମତଳ ଇଲାକାର ବାସିନ୍ଦାକୁ ଖୁବ୍ ପସନ୍ଦ ଲାଗେ ବୋଲି ସେମାନଙ୍କୁ ଭଲ ଭାବରେ ଜଣା ଥିଲା । ହଜାର ହଜାର ଟଙ୍କା ପାଣି ଭଳି ବ୍ୟୟକରି ସେମାନେ ପାହାଡିଆ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ସବୁ ଭ୍ରମଣ କରିବାକୁ ଯାତ୍ରା କରନ୍ତି । ଈଶ୍ୱର ପାହାଡି ଲୋକଙ୍କୁ ପ୍ରକୃତି କୋଳରେ ରହି ଜୀବନଯାପନ କରିବାର ସୁଯୋଗ ପ୍ରଦାନ କରିଛନ୍ତି ଏହା ତାଙ୍କର ବରଦାନ ଓ ଅନୁକମ୍ପା ଛଡ଼ା ଆଉ କିଛି ନୁହେଁ ।

ଦୁହେଁଯାକ ଦଶମଶ୍ରେଣୀର ଛାତ୍ରୀ ହୋଇଥିବାରୁ ସେମାନେ ପ୍ରକୃତି ସହିତ ହେଉଥିବା ଲଗାତର ଚରମ ଅବିଚାର ଓ ଘୋର ଅନ୍ୟାୟ ବାବଦରେ ବେଶ୍ ଭଲ ଭାବରେ ଅବଗତ । ଦୁହେଁ ଆହୁରି ମଧ୍ୟ ଜାଣିଥିଲେ ଏବର ସ୍ୱାର୍ଥପର ମଣିଷ– ଜୀବ ଅଦମ୍ୟ ଓ ଅସରନ୍ତି ଲୋଭ ଲାଳସାର ବଶବର୍ତ୍ତୀ ହୋଇ ପାହାଡ଼ ହାଣି କାଟି ପଦା କରୁଛନ୍ତି, ଖଣିଖାଦାନ ଖନନ କରି ମୂଲ୍ୟବାନ ପଥର ଓ ଖଣିଜପଦାର୍ଥ ସବୁ ଲୁଟି ନେଇଛନ୍ତି । ଗଛଲତା ଓ ଚାରା ରୋପଣ, ବନସ୍ପତିର ବିକାଶର ଦ୍ୱାହିଦେଇ ପ୍ରଶସ୍ତ ସଡ଼କ, ବନ୍ଧ ଓ ପୋଲ ନିର୍ମାଣର ବାହାନା କରି ଆଖିବୁଜା ଗଛ କଟା ଚାଲୁଛି । ଖାଲି ପାହାଡି ଲୋକ ନୁହେଁ, ପ୍ରକୃତି ପ୍ରତି ମଧ୍ୟ ଘୋର ଅନ୍ୟାୟ କରାଯାଉଛି । କିନ୍ତୁ ଦୁହେଁ ଭାବିଥିଲେ ପ୍ରକୃତି ଆଉ ପାହାଡ ବିଶାଳ ହେଲେ ମଧ୍ୟ କେବେ କାହା ପ୍ରତି ଅନ୍ୟାୟ ଅବିଚାର କରିନାହାନ୍ତି କି ଭବିଷ୍ୟତରେ କରିବେ ନାହିଁ ।

ଦିନେ ଦୁହେଁ ପାହାଡ଼ରୁ ସୃଷ୍ଟ ନଦୀଟି ତଟରେ ଭ୍ରମଣ କରିବାକୁ ସ୍ଥିରକଲେ । ଘେରାଏ ଇଆଡ଼େ ସିଆଡେ ବୁଲାବୁଲି କରି ପାହାଡ କୋଳରୁ ବହିଯାଉଥିବା ଝରଣା ନିକଟରେ ପହଞ୍ଚି ସାରିଥିଲେ । ମୁହଁସଞ୍ଜ ଗଡି ଯାଇଥିଲା । ଏବେ ଦୁହେଁ ନିଜ ନିଜର ଘର ଆଡେ ମୁହାଁଇବା କଥା । କିନ୍ତୁ ଝରଣାର ଅପରୂପ ସୌନ୍ଦର୍ଯ୍ୟ ଓ ପ୍ରକୃତିର ଅନୁପମ ସୁଷମା ସେ ଦୁହିଁଙ୍କୁ ବିମୋହିତ କରିନେଲା । ପ୍ରଖର ଗତିରେ କଳକଳ ଓ ଛଳ ଛଳ ହୋଇ ଝରୁଥିବା ଝରଣାର ଜଳରାଶିର ସୌନ୍ଦର୍ଯ୍ୟକୁ ଅବଲୋକନ କରୁଥିଲେ । ପ୍ରାକୃତିକ ଶୋଭାରାଜିକୁ ଅପଲକ ଆଖିରେ ଦେଖି ମନଭରି ଉପଭୋଗ କରୁଥିଲେ । ଠିକ୍ ସେତିକିବେଳେ ସେଠାରେ ଧୂମ୍ରାଭ ବେଲୁନଟେ ପରି ଅଦ୍ଭୁତ ଜୀବଟେ ଆବର୍ଭାବ ହୋଇଗଲା । ଦୁହେଁ ସାପ ଦେଖିଲା ଭଳି ଚମକି ପଡିଲେ । ସେମାନଙ୍କ ଭିତରେ ଗୋଟ ଅଦ୍ଭୁତ ବେପଥୁ ଖେଳିଗଲା । ଅଜଣା ଶିହରଣ ସଞ୍ଚରି ଗଲା ମନ ଓ ହୃଦୟର । କିନ୍ତୁ ସେମାନେ ଦୃଷ୍ଟି ପ୍ରସାରିତ କରି ଦେଖିଲେ ଖୁବ୍ ସୁନ୍ଦରୀ ପରିଟିଏ ଉଭା ହୋଇଛି । ପରୀଟି ଦେବଦୂତ ସାଜି ଆସିଥିଲା ସେଠିକି । ଦେଖୁ ଦେଖୁ ସେ କହି ପକାଇଲା– ପିଲାଏ, ତୁମେ ଦୁହେଁ ଏଇଠୁ ବେଗାବେଗୀ ଘରକୁ ଚାଲିଯାଅ, କାରଣ କିଛି ସମୟ ମଧ୍ୟରେ ମହା ବିପଦ ଘନେଇ ଆସୁଛି ଏଇ ଗାଆଁ ଉପରେ ,ଏଠିକାରେ ପାଳିତ ପଶୁସଂପଦ ଉପରେ । ଧନ ଜନ ସମସ୍ତଙ୍କୁ କବଳିତ କରିନେବ । ମୌସୁମୀ ପ୍ରବାହ ପ୍ରଭାବିତ ହେଉଛି । କାରଣ ପାହାଡମାଳା ଓ ପ୍ରକୃତିକୁ ଅବିଚାରିତ ଭାବେ ଅଣଦେଖା କରାଯାଉଛି । ଆମର ବିକାଶ ସେତେବେଳେ ସମ୍ଭବ ହେବ ଯେତେବଳେ ଆମେ ପ୍ରକୃତିଠୁ ନିଜର ଆବଶ୍ୟକତା ମୁତାବକ ସଂପଦ ନେବାରେ ସକ୍ଷମ ହେବା । ଭବିଷ୍ୟତ ପିଢ଼ିମାନେ ମଧ୍ୟ ନିଜର ଜରୁରୀ ଆବଶ୍ୟକତାକୁ ପୂରଣ କରି ପାରିବେ ।

**ଭୁବନେଶ୍ୱର, ମୋ– ୯୪୩୮୩୩୨୧୩୮**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇଞ୍ଜିନରୁ...

ସମ୍ପର୍କରେ ଶନିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ଏଟିସିକୁ ବିମାନର ପାଇଲଟ ଅପରାହ୍ନ ୧ଟା ୩୯ ମିନିଟରେ ମେଡେ କଲ କରିଥିଲେ । ଏହାର ଅର୍ଥ ହେଉଛି 'ଏମର୍ଜେନ୍ସି' । ଏହାପରେ ଯେତେବେଳେ ଏଟିସି ବିମାନ ପାଇଲଟ ସହ ଯୋଗାଯୋଗ ଉଦ୍ୟମ କରିଥିଲେ କୌଣସି ଉତ୍ତର ମିଳି ନଥିଲା । ଠିକ୍ ଗୋଟିଏ ମିନିଟ୍ ପରେ ମେଘାନିନଗରରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗତ ୨ଦିନ ଅତ୍ୟନ୍ତ କଠୋର ଥିଲା । ଦୁର୍ଘଟଣାଟି ସାରା ଦେଶକୁ ଦୋହଲାଇ ଦେଇଛି । ବିଭାଗୀୟ ସଚିବ ସମୀର କୁମାର ସିହ୍ନା କହିଛନ୍ତି ଯେ ୧୨ ତାରିଖ ଅପରାହ୍ନ ୨ଟାରେ ଦୁର୍ଘଟଣା ନେଇ ଖବର ଆସିଥିଲା । ଏଟିସି ଅହମ୍ମଦାବାଦ ଜରିଆରେ ବିସ୍ତୃତ ସୂଚନା ମିଳିଥିଲା । ବିମାନଟି ୬୫୦ ଫୁଟ ଉଚ୍ଚତାରେ ପହଞ୍ଚିବା ପରେ ସମସ୍ୟା ଦେଖାଦେଇଥିଲା ଓ ଏହା ଖସିବା ଆରମ୍ଭ କରିଥିଲା । ଉଡ଼ାଣର ଗୋଟିଏ ମିନିଟ ପରେ ବିମାନବନ୍ଦରରୁ ଦୁଇ କିମି ଦୂରରେ ଏହା ଖସିପଡ଼ିଥିଲା । ସେହିଭଳି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ଅଧ୍ୟକ୍ଷତାରେ ୧୧ ଜଣିଆ କମିଟି ଗଠନ ହୋଇଛି । ଉକ୍ତ କମିଟି ୩ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ସୋମବାର କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ । ଏହି ବିମାନ ଦୁର୍ଘଟଣାର କାରଣ ଖୋଜିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏକ କମିଟି ଗଠନ କରାଯାଇଛି ।

### ଦ.ଆଫ୍ରିକା...

ଜିତିଥିଲା ୧୯୯୯ ବିଶ୍ୱକପରେ ସେମିଫାଇନାଲରେ ଦଳ ଅଷ୍ଟ୍ରେଲିଆ ସହ ମ୍ୟାଚ ଡ୍ର ରଖିଥିଲେ ମଧ୍ୟ ଭଲ ରନରେଟ୍ କାରଣରୁ ଅଷ୍ଟ୍ରେଲିଆ ଫାଇନାଲକୁ ଉଠିଥିଲା।

୨୦୨୩ ବିଶ୍ୱକପ୍ ସେମିଫାଇନାଲରେ ଦ.ଆଫ୍ରିକାକୁ ନ୍ୟୁଜିଲାଣ୍ଡ ପରାଜିତ କରିବାରୁ ଖେଳାଳିମାନେ ଦୁଃଖରେ ପଡିଆ ଛାଡି ଥିଲେ।୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦ.ଆଫ୍ରିକା ଭାରତଠାରୁ ହାରିବାକୁ ପଡିଥିଲା। ସେହିପରି ଚାମ୍ପିଅନ୍ସ ଟ୍ରଫି ସେମିରେ ମଧ୍ୟ ନ୍ୟୁଜିଲାଣ୍ଡ ଦ.ଆଫ୍ରିକା ପରାଜିତ ହୋଇଥିଲା। ଦ.ଆଫ୍ରିକା ପୁରୁଷ ବିଶ୍ୱକପରେ ୧୯୯୨,୧୯୯୯,୨୦୦୭, ୨୦୧୫, ୨୦୨୩ ସେମିଫାଇନାଲ ଖେଳିଥିଲା। ୧୯୯୬ ଓ ୨୦୧୧ ବିଶ୍ୱକପ୍ ର କ୍ୱାର୍ଟରଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ଟି-୨୦ ବିଶ୍ୱକପ୍ ଫାଇନାଲ,୨୦୦୯ ଓ ୨୦୧୪ ବିଶ୍ୱକପ୍ ସେମିଫାଇନାଲରେ ଦ.ଆଫ୍ରିକା ଖେଳିଥିଲା। ଏହାବାଦ ୨୦୦୦ ଓ ୨୦୦୨, ୨୦୦୬, ୨୦୧୩, ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ଖେଳିଥିଲେ ହେଁ ଏଯାଏଁ ଟ୍ରଫି ଜିତିବାକୁ ସଫଳ ହୋଇନଥିଲା। ସମସ୍ତେ ଦ.ଆଫ୍ରିକାକୁ ହାରିଗାରୀ ଓ ଚୋକର୍ସ କହୁଥିଲେ। ୨୭ ବର୍ଷ ହେଲା ଟ୍ରଫି ଜିତି ନପାରିବାର ଦୁଃଖ ଦ.ଆଫ୍ରିକାରେ ରହିଥିଲା। ଏବେ ସେ ସବୁ ଦୁଃଖ ଚାଲିଯାଇଛି। କାରଣ ଦ.ଆଫ୍ରିକା ଟେଷ୍ଟ କ୍ରିକେଟ୍‌ରେ ବିଶ୍ୱବିଜେତା ହୋଇଛି।

### ଯାଜପୁରରେ...

ଶିବାନୀ ଲାହିରି , ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର ଡାକ୍ତର ଭାଗିରଥୀ ଦ୍ୱିବେଦୀ, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତାସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି । ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତାସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ ନୟନା, ଏଫ୍‌ଏସ୍‌ଏସଏଆଇର ପୂର୍ବାଞ୍ଚଳ ଉପନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି । ଏଫ୍‌ଏସଏସଏଆଇର ସ୍ୱତନ୍ତ୍ର ଟିମରେ ନିର୍ଦ୍ଦେଶକ ସ୍ୱିଟି ବେହେରା, ସହନିର୍ଦ୍ଦେଶକ ସୋନିକା ବର୍ମା, ସହନିର୍ଦ୍ଦେଶକ ପ୍ରସନ୍ନ ସିଂହ ଏବଂ ଉତ୍ତରାଞ୍ଚଳ କେନ୍ଦ୍ରୀୟ ଖାଦ୍ୟ ନିରାପତ୍ତା ଅଧିକାରୀ ନନ୍ଦିତା ଦାସ ପ୍ରମୁଖ ସଦସ୍ୟ ଅଛନ୍ତି ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକ= ମିଶ୍ର କହିଛନ୍ତି, ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି । ଶନିବାର ବିଭିନ୍ନ ହସ୍ପିଟାଲରେ ନୂଆ ରୋଗୀଙ୍କ ଆଡମିଶନ ସଂଖ୍ୟା ବହୁ ପରିମାଣରେ କମିଛି । ନୂଆ ଅଞ୍ଚଳ କଲେରାରେ ପ୍ରଭାବିତ ହୋଇଥିବାର ସୂଚନା ମିଳିନାହିଁ । ଗତକାଲି ସୁଦ୍ଧା ଯେଉଁମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲରେ ଆଡମିଶନ ହୋଇଥିଲେ, ସେମାନେ ଧିରେ ଧିରେ ଆରୋଗ୍ୟ ଲାଭ କରି ଘରକୁ ଫେରୁଛନ୍ତି । ଭଦ୍ରକ ଓ କଟକ ଜିଲ୍ଲାରେ କାଁଭାଁ କେତେକ ଘଟଣା ଘଟିଥିଲେ ମଧ୍ୟ ତାହା ସାଧାରଣ ଏବଂ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱାସ୍ଥ୍ୟ ଟିମ୍, ରାପିଡ୍ ଆକ୍ସନ ଟିମ୍, ଜନସ୍ୱାସ୍ଥ୍ୟ ଟିମ୍‌କୁ ନେଇ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି । ତୃଣମୂଳସ୍ତରୀୟ କର୍ମଚାରୀମାନେ ପୂର୍ଣ୍ଣ ସଜାଗ ଏବଂ ତତ୍ପରତାର ସହ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଛନ୍ତି ।୨୪ ଘଣ୍ଟିଆ ଭିତ୍ତିରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଓ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ହସ୍ପିଟାଲମାନଙ୍କରେ ସଂକ୍ରମିତ ଲୋକମାନଙ୍କର ଚିକିତ୍ସା ତଦାରଖ କରିଥିଲେ ।

### ରଥ ଉପରେ...

ଚଳିତ ବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନ ଉପରେ ଗୁରୁତ୍ୱ ଦିଆଯାଇଛି । ଗତବର୍ଷର ପହଣ୍ଡି ଅଘଟଣ ଏଡାଇବାକୁ ସ୍ଲିପି ଅନୁଯାୟୀ ସେବା ସଂପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍ । ୩ ଜଣିଆ କମିଟିର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ ହେବ । ରଥ ଉପରେ ଓ ପହଣ୍ଡି ସମୟରେ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ । ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି ନିଯୋଗ ସମ୍ପାଦକ । ୪ ଟି ପହଣ୍ଡି ଦଳ ପ୍ରସ୍ତୁତ କରିସାରିଛି ଦଇତାପତି ନିଯୋଗ । ଉତ୍ତମ ସମନ୍ୱୟ, ଶୃଙ୍ଖଳିତ ନୀତି, ବ୍ୟବସ୍ଥାବଳି ଅନୁପାଳନ୍ ଉପରେ ଫୋକସ୍ ଦିଆଯାଇଛି । ସେବକଙ୍କ ସହାୟକ କେବଳ ଆବଶ୍ୟକ ସମୟରେ ରଥ ଉପରକୁ ଯାଇପାରିବେ । ଅନ୍ୟ ସମୟରେ ଗଲେ ଆକ୍ସନ ନିଆଯିବ । ସ୍ନାନ ପୂର୍ଣ୍ଣିମାରେ ଭକ୍ତ ମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାରେ ଚାଲିଛି ତଦନ୍ତ । ଭିଡିଓ ଫୁଟେଜର ଯାଞ୍ଚ୍ ପରେ ହେବ ଆକ୍ସନ ୨୮ ଜୁନ ଠାରୁ ୬ ଜୁଲାଇ ମଧ୍ୟରେ ସମସ୍ତ ସଂରକ୍ଷଣ କାର୍ଯ୍ୟ ଶେଷ କରିବାକୁ ଏଏସ ଆଇକୁ ପତ୍ର ଲେଖିଛନ୍ତି ମୁଖ୍ୟ ପ୍ରଶାସକ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ରହିବ ମ୍ୟାଟେରିଆଲ । ରଥଯାତ୍ରା ସମୟରେ ହେବ ମରାମତି କାର୍ଯ୍ୟ । ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ଓ ପାର୍ଶ୍ୱର୍ ଦେବାଦେବୀ ମନ୍ଦିର ରେ ହେବ ଆଲୋକିକରଣ । ବୈଷୟିକ ସଂସ୍ଥା ପ୍ରେଜେଣ୍ଟେସନ ଦେଇସାରିଛନ୍ତି ।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱର୍ରେ ଥିବା ଭସାଡ ଲାଇଟ୍ ଆହୁରି ସୁଦୃଢ଼ୀକରଣ ହୋଇ ଝଲସିବ ଶ୍ରୀମନ୍ଦିର । ଶ୍ରୀ ଗୁଣ୍ଡିଚା ମନ୍ଦିରରେ ସରିଛି ବାହାର ସୋନ୍ଦର୍ଯ୍ୟକରଣ କାର୍ଯ୍ୟ । ନୂଆ ଏକ ସୂଚନା କେନ୍ଦ୍ର ଯୋଡ଼ି ହେବାସହ ସିଂହଦ୍ୱାର ଓ ନାକଚଣା ଦ୍ୱାରରେ ହୋଇଛି ସୌନ୍ଦର୍ଯ୍ୟକରଣ । ଭକ୍ତ ଙ୍କୁ ଶ୍ରୀମନ୍ଦିର ନୀତିକାନ୍ତି ବିଷୟରେ ସୂଚନା ଦେବାକୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ନୂଆକରି ଲାଗିଛି ଏଲଇଡି । ସେପଟେ ଦିବ୍ୟାଙ୍ଗ ଦର୍ଶନକୁ ବ୍ୟବସ୍ଥିତ କରିବାକୁ ଉତ୍ତରଦ୍ୱାରରେ ସରିଛି ରାମ୍ପ । ସେବା ସଂପୃକ୍ତ ନିଯୋଗ ସହ ଆଲୋଚନା ଓ ପରାମର୍ଶ ପରେ ଲାଗୁ ହେବ ବ୍ୟବସ୍ଥା । ପରମ୍ପରା ନ ଭାଙ୍ଗି ହେବ ଦିବ୍ୟାଙ୍ଗ ଦର୍ଶନ ବ୍ୟବସ୍ଥା ଛଆବଶ୍ୟକ ପଡିଲେ ରହିବେ ଅଧିକରୁ ଅଧିକ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ।

ଶ୍ରୀମନ୍ଦିର ନାଟମଣ୍ଡପରେ ଖୁବ୍ ଶୀଘ୍ର ଏସି ବ୍ୟବସ୍ଥା ଲାଗୁ କରିବାକୁ ଏଏସଆଇର ଅନୁମତି ଲୋଡ଼ିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଛ ସେପଟେ ସୁନାବେଶରେ ଶ୍ରୀ ପୟର,ଶ୍ରୀ ଭୁଜକୁ ଭକ୍ତଙ୍କ ଦର୍ଶନ ପାଇଁ ଅବରୋଧ ନକରିବାକୁ ସେବକଙ୍କୁ ପରାମର୍ଶ ଦିଆଯାଇଛି ।

### ଆଜିଠୁ...

କହିବାନୁସାରେ, ଆସନ୍ତାକାଲି(ରବିବାର) ଗଜପତି, ରାୟଗଡ଼ା, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୧୮ ତାରିଖ ସୁଦ୍ଧା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର ଓ ମାଲକାଗିରି ଜିଲ୍ଲାର ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର କାଳବୈଶାଖୀ ବର୍ଷା ହେବା ସହିତ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ବୋହିପାରେ ।

### ନିଟ୍ ୟୁଜିରେ...

ହୋଇଥିଲା ବେଳେ ଉତ୍କର୍ଷ ଓ୍ୱାଧିୟା ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିଭଳି କ୍ରିଷ୍ଣାଂ ଯୋଶୀ ତୃତୀୟ ସ୍ଥାନରେ ଥିଲାବେଳେ ମ୍ରିଣାଳ କିଶୋର ଝା ୪ର୍ଥ, ଅଭିକା ଅଗ୍ରୱାଲ ୫ମ, ଜେନିଲ ବିନୋଭାଇ ୬ଷ୍ଠ, କେଶବ ମିତଲ ୭ମ, ଝା ଭବ୍ୟଚିରାଗ ୮ମ, ହର୍ଷ କେଡେୱାଟ ୯ମ, ଆରବ ଅଗ୍ରୱାଲ ୧୦ମ ସ୍ଥାନରେ ରହିଛନ୍ତି । ସେହିଭଳି ଛାତ୍ରୀଙ୍କ କ୍ଷେତ୍ରରେ ଦିଲ୍ଲୀର ଅଭିକା ଅଗ୍ରୱାଲ ଟପ୍ପର ହୋଇଛନ୍ତି । ଏଥିସହ ଜୁନ୍ ୧୭ ତାରିଖରେ ହେବାକୁ ଥିବା ନିଟ୍ ପିଜି ପରୀକ୍ଷା ଏବେ ଅଗଷ୍ଟ ୩ ତାରିଖରେ ହେବ ବୋଲି ସୂଚନା ମିଳିଛି ।

## ଜନଆରୋଗ୍ୟ ସମିତି ଓ ଗାଁ କଲ୍ୟାଣ ସମିତିର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର

ମାହାଙ୍ଗା ୧୪.୬ : ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରାୟୋଜିତ ଉତ୍ତମ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଏବଂ ପୋଷଣ ପ୍ରତି ସଯନି ଓ ତ୍ୱରାନ୍ୱିତ ହେବାର ଲକ୍ଷ୍ୟ ନେଇ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଦୁଇ ଦିନ ବ୍ୟାପୀ ଜନଆରୋଗ୍ୟ ସମିତି ଓ ଗାଁ କଲ୍ୟାଣ ସମିତିର ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ତନୁସ୍ମିତା ବିନ୍ଧାଣୀ ଉଦXାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଧାଂଶୁ କୁମାର ଦାସ ଙ୍କ ସଂଯୋଜନାକ୍ରମେ ଜାତୀୟ ସ୍ୱାସ୍ଥ୍ୟମିଶନ ଜିଲ୍ଲା ପ୍ରଶିକ୍ଷକ ପ୍ରମୋଦ କୁମାର ଦାଶ, ଆୟୁଷ ଡାକ୍ତର ସ୍ୱାଗତିକା ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରି ଜନଆରୋଗ୍ୟ ସମିତିର ଲକ୍ଷ୍ୟ, ଉଦ୍ଦେଶ୍ୟ, ବାର ପ୍ରକାର ସେବା ପ୍ରଦାନ, ଗୋଷ୍ଠୀସ୍ୱାସ୍ଥ୍ୟ- ଜନସ୍ୱାସ୍ଥ୍ୟର କାର୍ଯ୍ୟାନ୍ୱୟନ, ସ୍ୱାସ୍ଥ୍ୟ ଭିତ୍ତିକ "ବିଶ୍ୱାସ' କାର୍ଯ୍ୟକ୍ରମ ତଥା ଗାଁ କଲ୍ୟାଣ ସମିତିର ଭୂମିକା ଆଦି ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ସଂପର୍କୀତ ବିଷୟବସ୍ତୁ ଗୁଡିକ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରମୋଦ କୁମାର ସ୍ୱାଇଁଙ୍କ ପରିଚାଳନାକ୍ରମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ନଡିଆସାସ୍‌ପୁର, ବାସୁଦେବପୁର, ଭଦ୍ରେଶ୍ୱର ଓ ଶ୍ରୀକୃଷ୍ଣପୁର ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ସରପଂଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ବିଦ୍ୟାଳୟ ସ୍ୱାସ୍ଥ୍ୟ ଦୂତ ପ୍ରମୁଖ ୬୦ ଜଣରୁ ଉର୍ଦ୍ଧ୍ୱର୍ ପ୍ରଶିକ୍ଷାର୍ଥୀ ସକ୍ରିୟ ଯୋଗଦାନ କରିଥିଲେ।

## ସହଦେବ ଖୁଣ୍ଟାରେ ରଜମହୋତ୍ସବ

ବାଲେଶ୍ୱର,(ସବ୍ୟୁ) :ଶିଶୁ ବିକାଶ ବିଦ୍ୟାମନ୍ଦିର ସହଦେବଖୁଣ୍ଟାରେ ରଜ ମହୋତ୍ସବ ପାଳିତ ହୋଇଛ । ଏହି ଅବସରରେ ମୁଖ୍ୟଅତିଥି ଭାବେ ରେମୁଣା ସହକାରି ଶିକ୍ଷା ଅଧିକାରୀଣି ମଞ୍ଜୁରାଣୀ ବେହେରା ଓ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଲିଆପାଳ ଏବଂ ଜଣେ ଗୀତିକାର, ସମାଜସେବୀ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ ଆଜିର ଦିନରେ କିପରି ପିଲାମାନଙ୍କୁ ରଜପର୍ବର ବିଶେଷତ୍ୱ ଓ ମହତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଜିତେନ୍ଦ୍ର ଉପାଧ୍ୟାୟ, ଦେବାଶିଷ ସିଂହ, ବିଦ୍ୟାଳୟର ଉପଦେଷ୍ଟା ଅଶୋକ କୁମାର ପୁରୀ , ସମ୍ପାଦକ ଜିତେନ୍ଦ୍ର ପ୍ରହରାଜ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିବା ସହିତ ଭାରତୀୟ ସଂସ୍କୃତି ଏକ ବିଜ୍ଞାନ ସମ୍ମତ ସଂସ୍କୃତି ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ପିଲାମାନଙ୍କ ଦ୍ୱାରା କବାଡ଼ି ପ୍ରତିଯୋଗିତା , କଟା ପ୍ରତିଯୋଗିତା , ଲୁଡୁ ପ୍ରତିଯୋଗିତା, କାରାମ୍ ପ୍ରତିଯୋଗିତା , ଚେସ ପ୍ରତିଯୋଗିତା, ବାଘଛେଳି ପ୍ରତିଯୋଗିତା ଇତ୍ୟାଦି କିଛି ବିଲୁପ୍ତ ପ୍ରାୟ ପ୍ରତିଯୋଗିତାକୁ ସାମିଲ କରି ଏହି ଭଳି ପ୍ରତିଯୋଗିତକୁ ଉଦୀୀବିତ କରିବା ପାଇଁ ପ୍ରୟାସ କରିଥିଲେ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ସାହର ସହିତ ଏହିପରି ଖେଳକୁ ଉପଭୋଗ କରିଥିଲେ । ଏହା ସହିତ ରଜ ଦୋଳି ଏବଂ ରଜଗୀତରେ ଛାତ୍ରଛାତ୍ରୀ , ଗୁରୁମା ଗୁରୁଜୀ ଓ ଅତିଥିମାନେ ଝୁମିବାରେ ଦେଖାଯାଇଥିଲା । ଏହି ଅବସରରେ ପାରମ୍ପାରିକ ଖାଦ୍ୟ ଯଥା- ପୋଡ଼ପିଠା , ଆମ୍ବ, ପଣସ, ମିଠା ରଜ ପାନ ଆଦିର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏହି ବର୍ଷର କୁଇନ୍ ଭାବେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଙ୍କିତା ମଲ୍ଲିକ୍ ବିବେଚିତ ହୋଇଥିଲେ ।

## ମାଓବାଦୀଙ୍କ ଆଇଡି ବିସ୍ଫୋରଣରେ ଯବାନ ସହିଦ

ଭୁବନେଶ୍ୱର (ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ସୀମାନ୍ତ ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ମାଓ୍ୱାଦୀଙ୍କ ଆଇଡି ବିସ୍ଫୋରଣରେ ଜଣେ ଜବାନ ସହିଦ ହୋଇଛନ୍ତି । ଯବାନ ଜଣଙ୍କ ଉତ୍ତରପ୍ରଦେଶର ସତ୍ୟବାନ ସିଂ ବୋଲି ଜଣାପଡ଼ିଛି । ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସେକ୍ଟର ୧୯ ଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଯବାନଙ୍କ ମରଶରୀରକୁ ରାଉରକେଲାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଞ୍ଚି ନିଆଯାଇ ୧୬୪ ସିଆର୍‌ପିଏଫ୍ ବାଟାଲିଅନର ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଛି । ଯବାନ ସହିଦ ହେବା ପରେ ସହିଦ ଅପରେସନକୁ ଜୋରଦାର କରାଯାଇଛି ।

## ଡ଼. ବିଜୟ ମହାନ୍ତିଙ୍କ ଅନୁଦିତ ହିନ୍ଦୀ ଗଳ୍ପମାଳା ଉନ୍ମୋଚିତ

ବାଲେଶ୍ୱର (ସ.ବ୍ୟୁ): ପ୍ରଖ୍ୟାତ ଅନୁବାଦକ ଡ଼. ବିଜୟ କୁମାର ମହାନ୍ତିଙ୍କ ଦ୍ୱାରା ଅନୁଦିତ ନିର୍ବାଚିତ ହିନ୍ଦୀ ଗଳ୍ପମାଳା ଶୁକ୍ର ବାର ସନ୍ଧ୍ୟା ରେ ସ୍ଥାନୀୟ ବହିଘର ସଭଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଥାକାର ଡ଼. ପବିତ୍ର ପାଣି ଗ୍ରାହୀ, ସମାଲୋଚକ ଡ଼. ରାଧା ରଞ୍ଜନ ପଟ୍ଟନାୟକ, ଗବେଷକ ତଥା ସାହିତ୍ୟିକ ଡ଼. ସନ୍ତୋଷ କୁମାର ନାୟକ, ସମ୍ମାନିତ ଆଲୋଚକ ଭାବେ ଯୋଗ ଦେଇ ଡ଼ ମହାନ୍ତିଙ୍କ ଅନୁବାଦ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସର ରେ ପ୍ରମୁଖ ଅତିଥି ଭାବେ କବି ପ୍ରଶାନ୍ତ ଦାସ,ପ୍ରକାଶକ କାଳିପଦ ପଣ୍ଡା,ଅଧ୍ୟାପିକା ପଲ୍ଲିଶ୍ରୀ ଆଇଚ ପ୍ରମୁଖ ନିର୍ବାଚିତ ହିନ୍ଦୀ ଗଳ୍ପ ମାଳା ରେ ସ୍ଥାନିତ ୧୫ଜଣ ହିନ୍ଦୀ ସାହିତ୍ୟିକ ଙ୍କ ଗଳ୍ପ ଗୁଡ଼ିକ ଉପରେ ସମୀକ୍ଷା କରିବା ସହ ଡ଼. ମହାନ୍ତି ଙ୍କ ଅନୁବାଦ ର ଶୈଳୀ ର ପ୍ରଶଂସା କରିଥିଲେ । ଅନୁବାଦ ସାହିତ୍ୟ ନ ଥିଲେ ଆମେ ସାଧାରଣ ପାଠକ ମାନେ ଅନ୍ୟ ଭାଷା ରେ ପ୍ରକାଶିତ ପୁସ୍ତକ, ଉପନ୍ୟାସ, କ୍ଷୁଦ୍ର ଗଳ୍ପ କବିତା ଆଦି ପଢ଼ିବାର ସୁଯୋଗ ପାଇ ନ ଥାନ୍ତେ । କାଉଣ୍ଟଲିଓ ଟଲଷ୍ଟୟ ଙ୍କ ଉପନ୍ୟାସ ହେଉ ଅଥବା କବି ଗୁରୁ ରବୀନ୍ଦ୍ର ନାଥ ଟାଗୋର ଓ ବ୍ୟାସ କବି ଫକୀରମୋହନ ସେନାପତି ଙ୍କ ଛ ମାଣ ଆଠ ଗୁ= କିମ୍ବା ରେବତୀ ଗଳ୍ପ ବିଶ୍ୱ ରେ ପଠକୀୟ ଆଦୃତି ଲାଭ କରିପାରିନ ଥାନ୍ତା । ତେବେ ଛାୟା ଅନୁବାଦ, ଶବ୍ଦ ଅନୁବାଦ, ବ୍ୟତୀତ ମୁଳ ଲେଖା କୁ କଦର୍ଥ ନ କରାଯିବା ଆବଶ୍ୟକ ବୋଲି ବକ୍ତା ମାନେ ଉଲ୍ଲେଖ କରିଥିଲେ । ଏହି ଉନ୍ମୋଚନ କାର୍ଯ୍ୟକ୍ରମ ରେ ବିଦ୍ୟା ଭାରତୀ ପ୍ରକାଶନୀ ସଂସ୍ଥା ର ନିର୍ଦ୍ଦେଶକ କବି ଅଭୟ ଦାସ ପୌରହିତ୍ୟ କରି ଡ଼ ବିଜୟ ମହାନ୍ତି ଙ୍କ ଅନୁବାଦ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଅନୁବାଦକ ଡ଼. ବିଜୟ କୁମାର ମହାନ୍ତି ନିଜ ଅନୁବାଦ ର ଜୀବନ ଓ ଆଜିର ପୁସ୍ତକ ସମ୍ପର୍କରେ ଉଲ୍ଲେଖ କରିଥିଲେ । ବିଜୟ କୁମାର ଦାସ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ):ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର,ଭଦ୍ରକ,ରାଣୀତାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ବିଶ୍ୱରଂଜନ ସାମନ୍ତରାୟ,ଭୁବନେଶ୍ୱରସ୍ଥିତ ଆଇସିଏଆର ସିଆଇଡବ୍ଲ୍ୟୁଏ ବୈଜ୍ଞାନିକ ତାନିଆ ସେଠ୍,କୃଷି ଉଦ୍ୟାନ ପରିଚାଳକ ମଣ୍ଟୁ ଚୌଧୁରୀ,ସରପଂଚ ପ୍ରତିନିଧି ବନମାଳୀ ବେହେରା,ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସହ ବୈଷୟିକ ପରିଚାଳକ ମଦନମୋହନ ରାଉତ,ତାପସ କୁମାର ବେହେରା,ଅମ୍ଲାନ ମଲ୍ଲିକ,ଗ୍ରାମ୍ୟ କୃଷି କର୍ମଚାରୀ ନୀଳକ= ବାରିକ,ଶିବଶଙ୍କର ମୁର୍ମୁ,ଦିପ୍ତି ରଂଜନ ନାୟକ,ତପନ କୁମାର ସେଠୀ,ଚିନ୍ମୟୀ ଜେନା,ବିମ୍ବାଧର ସେଠୀ,ରଶ୍ମିରଞ୍ଜନ ଜେନା,ମନ୍ଦାକିନୀ ସେଠୀ,ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀ,କୃଷି ଅଧିଦର୍ଶକ ବଳଭଦ୍ର ବାର୍ଦ୍ଦାଙ୍କ ସମେତ କୃଷକ ସାଥି ଭାଗିରଥି ବେହେରା ଓ ମଧୁସୁଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଉପଖଣ୍ଡରେ ସାର ଡିଲରଙ୍କୁ ଇ-ପିଓଏସ ମେସିନ ବଣ୍ଟନ

ପାଞ୍ଚପୀଢ ,(ସବ୍ୟୁ):ପାଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକରେ ଥିବା ସାର ଡିଲର ମାନଙ୍କୁ ଶୁକ୍ରବାର ଦିନ କୋରାମାଣ୍ଡେଲ ଇଣ୍ଟରନେସନାଲ ଲିମିଟେଡ଼ ଓ କୃଷି ବିଭାଗ ମିଳିତ ସହଯୋଗରେ କରଞ୍ଜିଆ ବ୍ଲକ ସମ୍ମିଳନୀ କକ୍ଷରେ ନୂତନ ଇ-ପିଓଏସ ମେସିନ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମର ପରିଚାଳନା କରଞ୍ଜିଆ ବ୍ଲକ କୃଷି ଅଧିକାରୀ ଅଜିତ କୁମାର ମଲ୍ଲିକ କରିଥିବା ବେଳେ ଅତିଥି ମାନଙ୍କ ମଧ୍ୟରେ କରଞ୍ଜିଆ କୃଷି ଜିଲ୍ଲା ଅଧିକାରୀ ରବିନ୍ଦ୍ର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମୟୂରଭଞ୍ଜ ତଥା ଯୋଜନା ଅଧିକାରୀ ରମ୍ୟରଞ୍ଜନ ମହାନ୍ତ, ରାଜ୍ୟ ମୋବିଓସେନ ଅଧିକାରୀ ଗୋବିନ୍ଦ ସାହୁ, କରୋମାଣ୍ଡେଲ ଇଣ୍ଟରନେସନାଲ ଲିମିଟେଡ଼ ଫିଲ୍ଡ ଅଫିସର ଶ୍ରୀକାନ୍ତ ମହାନ୍ତ,ଯଶିପୁର ବ୍ଲକ କୃଷି ଅଧିକାରୀ ରାଜେଶ କୁମାର ମହାପାତ୍ର, ରରୁଆଁ ବ୍ଲକ କୃଷି ଅଧିକାରୀ ରାଜେଶ କୁମାର ମହାପାତ୍ର, ଠାକୁରମୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ ବିଶ୍ୱଭୂଷଣ ନାୟକ, ଶୁକ୍ଳି ବ୍ଲକ ସହକାରୀ କୃଷି ଅଧିକାରୀ ବିଦ୍ୟୁତ କୁମାର ସାହୁ, କରଞ୍ଜିଆ ସହକାରୀ କୃଷି ଅଧିକାରୀ ରଞ୍ଜିତା ମହାନ୍ତି,ଏଓ ଶିଳନ କୁମାର ଦାସ,ଏଓ ରଞ୍ଜନ କୁମାର ବେଉରିଆ,ବିଟିଏମ ପ୍ରମୋଦ କୁମାର ମହାନ୍ତ, ଏଟିଏମ ଶକ୍ତି କାନ୍ତ ସାମଲ ଉପସ୍ଥିତ ଥିଲେଛ ଏହି କାର୍ଯ୍ୟକ୍ରମରେ କରଞ୍ଜିଆ, ଯଶିପୁର, ଶୁକ୍ଳି, ରରୁଆଁ ଓ ଠାକୁରମୁଣ୍ଡା ବ୍ଲକରେ ସାର ଡିଲରମାନଙ୍କ ମଧ୍ୟରୁ ୨୮ ଜଣ ଡିଲରଙ୍କୁ ନୂତନ ଇ-ପିଓଏସ ମେସିନ ବଣ୍ଟନ କରାଯାଇଥିଲା । ଏହି କ୍ରମରେ କରଞ୍ଜିଆ, ଯଶିପୁର, ଶୁକ୍ଳି, ରରୁଆଁ ଓ ଠାକୁରମୁଣ୍ଡା ବ୍ଲକର ସାର ଡିଲର ମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୩୩ ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୧ ଟି ମେସିନ ବଣ୍ଟନ କରାଯାଇଥିଲା ବୋଲି ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଏହି ନୂତନ ମେସିନର କାର୍ଯ୍ୟ କାରିତା ବିଷୟରେ ଅତିଥି ମାନେ ପ୍ରକାଶ କରିଥିଲେ । ଡିଲର ମାନଙ୍କ ସମସ୍ତ ନଥିପତ୍ର ଯାଞ୍ଚ୍ କରି ସେମାନଙ୍କୁ ଏହି ମେସିନ ବଣ୍ଟନ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି ଠାକୁରମୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ ବିଶ୍ୱଭୂଷଣ ନାୟକ ।

## ପରିଚାଳନା ନିର୍ଦ୍ଦେଶକ ଓ ରାଜ୍ୟ ସମବାୟ ନିବନ୍ଧକଙ୍କ ମଣ୍ଡି ପରିଦର୍ଶନ

ସି ମୁ ଳି ଆ , ( ସ ବୁ ୟ) :ରାଜ୍ୟରେ ବିଭିନ୍ନ ମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉ ଥିବାର ଓଡିଶା ବିଧାନସଭା ପବ୍ଲିକ ଅଣ୍ଡରଟେକିଙ୍ଗ କମିଟି ଅଧ୍ୟକ୍ଷ ଓ ଅନ୍ୟ ସଭ୍ୟ ମାନଙ୍କର ଅଭିଯୋଗ କରିବା ପରେ କମିଟିର ଅଧ୍ୟକ୍ଷଙ୍କ ସହିତ ଓଡିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଓ ରାଜ୍ୟ ସମବାୟ ନିବନ୍ଧକ ସମସ୍ତ ଅଧିକାରୀଙ୍କ ଉପସ୍ଥିତରେ ସିମୁଳିଆରେ ବିଭିନ୍ନ ମଣ୍ଡିରେ ଧାନ କିଣାର ବାସ୍ତବ ସ୍ଥିତି ସମୀକ୍ଷା କରିଥିଲେ ଏବଂ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉ ଥିବାର ଚାଷୀଙ୍କ ଠାରୁ ଜାଣିବାକୁ ପାଇଥିଲେ । କଟଣୀ ଛଟଣୀରେ ଅନିୟମିତତା, ସିଧାସଳଖ ମିଲରେ ଧାନ ଏଣ୍ଟ୍ରି କରିବା ସମ୍ପର୍କରେ ଅଭିଯୋଗ ହୋଇଥିଲା । ଓଡିଶା ବିଧାନସଭା ପବ୍ଲିକ ଅଣ୍ଡର ଟେକିଙ୍ଗ କମିଟିର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ଓଡିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀ ଓ ରାଜ୍ୟ ସମବାୟ ନିବନ୍ଧକ ସିଦ୍ଧାର୍ଥ କୁମାର ଦାସ, ମାର୍କୋଣା ଡାକବଙ୍ଗଳାରେ ପହଞ୍ଚିବା ପରେ ବାଲେଶ୍ୱର ଜିଲ୍ଲା ଯୋଗାଣ ଅଧିକାରୀ ଓ ରାଜ୍ୟ ସମବାୟ ଉପ ନିବନ୍ଧକ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ । ଡାକବଙ୍ଗଳାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସିମୁଳିଆରେ ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଥିବାର ଚାଷୀ, ସ୍ଥାନୀୟ ଲୋକ ପ୍ରତିନିଧି, ମାନେ ଅଭିଯୋଗ କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିଷା ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲା ଉଦିନ ଖାଁ ଏଏସସିଓ ହିମାଂଶୁ ସାହୁ, ଏସି,ଏସ, ଓ ଦୀପକ ରଞ୍ଜନ ବେହେରା, ଦେବାଶିଷ ସାହୁ ଓ ଆରଏମସିର ଅମର୍ଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।


**AFFIDAVIT**

By virtue of an affidavit No.36, dtd.10.4.25 Executive Magistrate, Bhubaneswar I Marua Nayak, W/o- Jagabandhu Nayak, resident of At- Gadakana Sabar Sahi, PO- Mancheswar Railway Colony, PS- Mancheswar, Bhubaneswar, Dist- Khordha-751017 declare that I have changed my name from Maru Naik to Marua Nayak. Henceforth I shall be known as **Marua Nayak** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bhuban on dated 1388/ 10.06.2025. I Mr Prakash kumar kanar s/o sudam charan kanar . address palashpithia po. garhnurshingh prasad ps bhuban dist dhenkanal have changed my name from Prakash chandra kanar " to "Prakash kumar kanar". Henceforth I shall be known as "Prakash kumar kanar" for all purpose .

**Prakash kumar kanar**

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.14-KUR-TRD-OT-2025-26

[illegible] PSC [illegible] 12.20 [illegible] 08 [illegible] OHE [illegible]

[illegible]: 29,13,414.02, EMD (ଟଙ୍କାରେ): 58,300/-, [illegible]: 180 ଦିନ।

[illegible]: ତା.16.06.2025 [illegible], [illegible]: ତା.30.06.2025 ଦିନ 1300 [illegible]

[illegible]

[illegible] www.ireps.gov.in [illegible]

[illegible] (TRD), ଖୋର୍ଦ୍ଧା ରୋଡ୍

PR-236/Q/25-26

**ହଜିଛି**

[illegible]

**Invitation for Expression of Interest**

**I-155 :** Panchayat Samiti Tirtol invites sealed bid on Expression of Interest for selection of Vendor and unit price for various types of Solar LED Street Light & Solar High Mast lighting as well as High Mast Electrical Light and Electrical Street light from the reputed manufacturing companies, Electrical/ Solar contractor, suppliers and authorized dealers with valid License wherever as applicable from the Govt. of Odisha and any other state renewable energy department agencies in 2(Two) bid system. The bidder who fulfils all qualifications and criteria as specified can submit the expression of interest for the purpose. The quoted price shall exclusive of GST but inclusive of other taxes and conveyance charges for supplying installation, commissioning including erection and installation and post maintenance for 2 years warranty for replacement in-site in different Grama Panchayat of Tirtol Block.

The detailed specifications, General Terms & Conditions Scope of work has been provided in scheduled Bid document at Annexure-I, II, III. The bid documents can be obtained from the office of Panchayat Samiti Tirtol on payment of Rs.10000/- (Rupees ten thousand) (non refundable) in shape of Bank Draft drawn in favour of Block Development Officer Tirtol office hours from 10 A.M to 5 P.M til 21.06.2025 (Excluding holidays) towards cost of bid papers. The filled up bid documents shall be enclosed in a sealed envelope super scribing "Bid for supply and installation of LED based Solar Light System/ Solar LED Street Light/Solar High Mast lighting/High Mast Electrical Light and Electrical Street light may be dropped in drop box placed at office of the Block Development Officer Tirtol, The last date for submission of EOI is 21.06.2025 till 11 AM and EOI will be opened on dated 21.06.2025 at 4 PM in presence of the bidder or their authorized representatives who so ever is present. The bid papers completed in all aspect shall be submitted to Block Development Officer Tirtol, also the bid documents received beyond the stipulated date & time agencies shall be rejected.

The scheduled bid documents can also be downloaded from Jagatsinghpur District website i.e.jagatsinghpur.nic.in. In such case the bidder shall enclose Bank Draft/Cash/Demand Draft of Rs. 10,000/- (non-refundable) drawn in favour of Block Development Officer Tirtol along with the bid papers as a cost of bid documents. The successful bidder, if approved by the competent authority may be enlisted/ empanelled as vendor for the block for one year from the date of approval.

The authority reserves the rights to cancel any or all the quotations without assigning any reason thereof.

Block Development Officer
Tirtol

OIPR : 19283/11/0005/2526

**GOVERNMENT OF INDIA**
**MINISTRY OF DEFENCE**
**EX-SERVICEMEN CONTRIBUTORY HEALTH SCHEME**
**ECHS CELL, STATION HQ, SAMBALPUR**
PHONE: **0663-2412050**, E-Mail: **echs.sambalpur@gmail.com**

**EMPLOYMENT NOTICE**

1. ECHS invites applications to engage following Officer, Para Medical & Non Medical Staff on contractual basis for **ECHS Polyclinic, Sambalpur and Rourkela** for civilian 11 months only and for ESM 12 months renewable for additional period of one year OR till attaining the maximum age subject to performance of candidates / other conditions according to the criteria as mentioned against each:

| Appointment | Max Age Limit | Minimum Qualification and Experience | No. of Vacancies | Name of Policlinic | Fixed Remuneration (per Month) |
|---|---|---|---|---|---|
| Officer-in-Charge | 65 Yrs | Graduate (100% Reserved for Armed Forces Retd Officers) (Min 05 years work experience in Health care instt or Managerial Positions) | 01 | Rourkela | Rs.75,000/- |
| Medical Officer | 68 Yrs | MBBS & minimum 05 years experience after internship preferable addl. qualification in Medicine / Surgery | 01 | Sambalpur | Rs.75,000/- |
| | | | 01 | Rourkela | |
| Nursing Assistant | 58 Yrs | GNM Diploma / Class 1 Nursing Assistans Course (Armed Forces) & Min 05 years work experience | 01 | Sambalpur | Rs.28,100/- |
| Pharmacist | 58 Yrs | B. Pharmacy from recognized institute OR 12th from recognized board & Approved diploma in Pharmacy recognized by the Pharmacy Council of India and registered as Pharmacist under the Pharmacy Act 1948 & Minimum 03 years work experience. | 01 | Sambalpur | Rs.28,100/- |
| Dental Assistant / Technician / Hygienist | 58 Yrs | Diploma Holder in Dental Hygienist / Class-1 & Min 05 years work experience in Dental Laboratory | 01 | Sambalpur | Rs.28,100/- |
| | | | 01 | Rourkela | |
| Laboratory Technician | 58 Yrs | B.Sc (Med Lab Tech) OR 12th from recognized board & diploma in Med Lab Tech from a recognized Institute & minimum 03 years work experience | 01 | Sambalpur | Rs.28,100/- |
| Lab Assistant | 58 Yrs | DMLT or Class-1 laboratory Tech course (Arm Forces) & min 05 years work experience in Laboratory | 01 | Rourkela | Rs.28,100/- |
| DEO/Clk | 55 Yrs | Graduate / Class one clerical trade (Armed Forces) & Min 05 yrs work experience. | 01 | Sambalpur | Rs.22,500/- |
| | | | 01 | Rourkela | |
| Driver | 55 Yrs | Class 8 pass & Driving Licence / Class one MT Driver (Armed Forces) & Min 05 years work experience | 01 | Sambalpur | Rs.19,700/- |
| Chowkidar | 55 Yrs | Class 8 / GD Trade (Armed Forces) | 01 | Sambalpur | Rs.16,800/- |
| | | | 01 | Rourkela | |
| Female Attendant | 55 Yrs | Literate & minimum 05 years experience in Civil / Army Health Institutions. | 01 | Sambalpur | Rs.16,800/- |
| Peon | 55 Yrs | Education - Class 8 GD trade (Armed Forces) & minimum 5 years work experience | 01 | Rourkela | Rs.16,800/- |
| Safaiwala | 55 Yrs | Literate & minimum 05 years work experience. | 01 | Sambalpur | Rs.16,800/- |

2. **For terms and conditions :** Kindly see our website **www.echs.gov.in.** For additional details, please contact No. 0663-2412050 / Email : echs.sambalpur@gmail.com. Also approach concerned ECHS Polyclinic for details. Preference will be given to Ex-Servicemen.
3. **Last date of receipt of applications :** Applications as per requisite format along with self attested photocopies of testimonials in support of educational qualifications and work experiences, PAN Card, Aadhar Card, [Discharge book & PPO (in case of ESM)] will be submitted to ECHS Cell, Station Headquarters, VSS Stadium, Motijharan Road, Sambalpur, Pin-768001 by 15 Jul 2025 through registered / speed post only in quadruplicate. Applications received after 15 Jul 2025 will not be accepted. Email copies are not acceptable.
4. **Interview date, time and venue :** The date, time and venue of interview shall be intimated, post shortlisting of eligible candidates over phone. Candidates must bring all the original certificates / mark sheets / work experience and Discharge Book, PPO, Service Records and 02 x PP Size colour photographs at the time of interview. No TA / DA is admissible. Only candidates meeting the qualitative requirements may apply.

Note: **Applications without requisite documents is liable to be rejected. Merely sending of applications would not automatically result in its acceptance.**

**Administrative Commandant,**
**Station HQ Sambalpur**

### ୫ଟି ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟକୁ ଏଲ୍ ଓଆଇ ହସ୍ତାନ୍ତର

# ସୁଲଭ ମୂଲ୍ୟରେ ବିଶ୍ୱମାନର ଶିକ୍ଷା ଉପଲବ୍ଧି କରାଉଛି ଭାରତ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ନୂଆ ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଲକ୍ଷ୍ୟକୁ ସାକାର କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ଏକ ପ୍ରମୁଖ ପଦକ୍ଷେପ ନେଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଉପସ୍ଥିତିରେ ଶନିବାର ମୁମ୍ବାଇରେ ଅନୁଷ୍ଠିତ 'ମୁମ୍ବାଇ ରାଇଜିଂ: କ୍ରିଏଟିଂ ଆନ୍ ଇଣ୍ଟରନ୍ୟାସନାଲ ଏଜୁକେସନ ସିଟି' ଶୀର୍ଷକ ଏକ ସମାରୋହରେ ବିଶ୍ୱର ସମ୍ମାନସ୍ପଦ ୫ଟି ବିଶ୍ୱବିଦ୍ୟାଳୟକୁ ଲେଟର୍ ଅଫ୍ ଇଣ୍ଟେଣ୍ଟ୍(ଏଲଓଆଇ) ପତ୍ର ପ୍ରଦାନ କରାଯାଇଛି । ମୁମ୍ବାଇରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ ୟୁନାଇଟେଡ୍ କିଙ୍ଗଡମ, ଅଷ୍ଟ୍ରେଲିଆ, ୟୁନାଇଷ୍ଟେଟ୍ସ ଅଫ୍ ଆମେରିକା ଏବଂ ଇଟାଲିର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ପ୍ରଦାନ କରାଯାଇଛି । ୟର୍କ ବିଶ୍ୱବିଦ୍ୟାଳୟ, ଆବରଡିନ୍ ବିଶ୍ୱବିଦ୍ୟାଳୟ, ଓ୍ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ, ଇଲିନୋଇସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଇନଷ୍ଟିଚ୍ୟୁଟ ୟୁରୋପୋ ଡି ଡିଜାଇନ୍ (ଆଇଇଡି), ଇଟାଲିରର ଶାଖା କ୍ୟାମ୍ପସ ପ୍ରତିଷ୍ଠା ଭାରତର ଶିକ୍ଷା ପରିସଂସ୍ଥାନ ପ୍ରତି ଗଭୀର ଏବଂ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏବଂ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରୀ ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷାର ପେଣ୍ଠସ୍ଥଳୀ ଭାବରେ କଳ୍ପନା କରେ, ଯାହା ସୁଲଭ ମୂଲ୍ୟରେ ଗୁଣବତ୍ତା ଯୁକ୍ତ ଶିକ୍ଷା ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣକୁ ସାକାର କରିବା ଆମର ଲକ୍ଷ୍ୟ ରହିଛି । ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ ପ୍ରତିଷ୍ଠା କରିବା ପାଇଁ ମୋଦୀ ସରକାର ବିହିତ ପଦକ୍ଷେପ ନେଉଛନ୍ତି ।

ଆମେ କେବଳ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆମନ୍ତ୍ରଣ କରୁନାହୁଁ; ଆମେ ନବସୃଜନ, ଉଦ୍ୟୋଗ ଏବଂ ଗବେଷଣାର ଇକୋସିଷ୍ଟମକୁ ସହ-ସୃଷ୍ଟି କରୁଛୁ । ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ମୁମ୍ବାଇ/ ନେଭି ମୁମ୍ବାଇରେ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଉଛି । ଭାରତରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପ୍ରତିଷ୍ଠା ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଏବଂ ଅଧ୍ୟୟନ ସୁଯୋଗ ବିସ୍ତାର କରିବା ଏବଂ ଗବେଷଣା, ଜ୍ଞାନ ବିନିମୟ, ଉଦ୍ୟୋଗ ଏବଂ ନିବେଶ ପାଇଁ ଲାଭଦାୟକ ହେବ। ମୁମ୍ବାଇ/ନଭି ମୁମ୍ବାଇ/ଚେନ୍ନାଇ କ୍ୟାମ୍ପସ୍‌ରେ ପାଠ୍ୟକ୍ରମଗୁଡ଼ିକ ବ୍ୟବସାୟ, ଅର୍ଥନୀତି, କମ୍ପ୍ୟୁଟର ବିଜ୍ଞାନ, ଜନସ୍ୱାସ୍ଥ୍ୟ, ଡାଟା ବିଜ୍ଞାନ, ଡିଜାଇନ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଏନଏମଆଇଏମଏସର ମୁକେଶ ପଟେଲ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ୍ ଆଣ୍ଡ ଇଞ୍ଜିନିୟରିଂ ଆଣ୍ଡ ସ୍କୁଲ ଅଫ୍ ବିଜେନସ ମ୍ୟାନେଜମେଣ୍ଟର ନୂଆ ଭବନ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ଉଚ୍ଚ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ଚନ୍ଦ୍ରକାନ୍ତ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ ସଚିବ ଶ୍ରୀ ଅସୀମ ଗୁପ୍ତା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଏବଂ ୟୁଜିସି ଅଧ୍ୟକ୍ଷ ଡକ୍ଟର ବିନୀତ ଯୋଶୀ ଉପସ୍ଥିତ ଥିଲେ।

# ସାରୁଆ ବଜାରରେ ଜମୁଛି ରଜ ପାନର ପସରା

ଖୋର୍ଦ୍ଧା: (ସବ୍ୟୁ): ବରଷକେ ଥରେ ଆସିଛି ରଜ। ରଜ ଆସିଲେ ପିଲାଠୁ ବୁଢ଼ା ସମସ୍ତେ ପାନ ଖଣ୍ଡେ ଖାଇବାକୁ ଆଗ୍ରହ କରିଥାନ୍ତି। ଏହି ରଜ ପାନ ପାଇଁ ଖୋର୍ଦ୍ଧା ସାରୁଅ ବଜାର ପ୍ରସିଦ୍ଧ। ମିଠା ପତ୍ର ସାଙ୍ଗକୁ ବିଭିନ୍ନ ପ୍ରକାର ମସଲା ରେ ରଜ ପାନ ପାଟି କୁ ସ୍ୱାଦ ଭରି ଦେଇଥାଏ। ମିଠା ପତ୍ର ରେ ଚୁଆ ଚନ୍ଦନ ମାରି ଗୋଟିକ ପରେ ଗୋଟିଏ ପ୍ରକାର ବିଭିନ୍ନ ରଙ୍ଗ ର ମସଲା ଦେଇ ପାନ ଭାଙ୍ଗି ଗରାଖ ଙ୍କୁ ବଢେଇ ଦିଅନ୍ତି ଖୋର୍ଦ୍ଧା ସାରୁଅ ବଜାର ପାନ ଦୋକାନି। ରଜ ପର୍ବ ରେ ସ୍ପେଶାଲ୍ ରଜ ପାନ ଷ୍ଟଲ ଖୋଲିବାକୁ କଲିକତା ବଜାର ରୁ ମିଠା ପତ୍ର ପାନ ଏବଂ ବିଭିନ୍ନ ମସଲା ଆଣିଥାନ୍ତି। ୧୦ଟଙ୍କାରୁ ଆରମ୍ଭ କରି ୩୦୦ଟଙ୍କା ପର୍ଯ୍ୟନ୍ତ ପାନ ମିଳିଥାଏ।

ପ୍ରକାଶଥାଉକି, ଆମ ସଂସ୍କୃତି ପରମ୍ପରା ବିଶ୍ୱରେ ନିଆରା। ଏଠାରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ଏହାରି ଭିତରେ ରଜପର୍ବ ନିଆରା । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଗଣପର୍ବ ରଜ। ଗାଁଠାରୁ ସହର ଯାଏଁ ସବୁଠି ଲାଗି ରୁହେ ରଜରେ ମିଠା,ପିଠାର ଅନୁଭୂତି । ଝିଅବୋହୂ ମିଳିତ ହୋଇ ପିଠାପଣା ଓ ରଜ ପାନ ଖାଇ ବିଭିନ୍ନ ପଲ୍ଲୀଗୀତ ଗାଇ ଦୋଳି ଖେଳି ରଜ ପାଳନ କରିଥାନ୍ତି । ତେବେ ରଜ ଅବସରରେ ଏବେ ପାନର ଚାହିଦା ବଢ଼ିବାରେ ଲାଗିଛି । ରଜ ପାନର ସ୍ୱତନ୍ତ୍ରତା ରହୁଛି । ପାନ ଖାଇବା ଓ ନ ଖାଇବା ଲୋକ ମଧ୍ୟ ରଜ ପାନ ଖାଇ ମଜା ଉଠାଇଥାନ୍ତି । ପୂର୍ବେ ଘରେ, ଖଟିରେ ପାନ କେବଳ ଭଙ୍ଗାଯାଉଥିଲା । ଏବେ ରଜ ଆସିଲେ ଖୋର୍ଦ୍ଧା ନିକଟ ସାରୁଅ ବଜାରରେ ପ୍ରାୟ ୨୫ ବର୍ଷ ଧରି ରଜପାନର ପସରା ପଡୁଛି । ରଜ ପର୍ବ ରେ ପାନ ଖଣ୍ଡେ ଖାଇବାକୁ ସମସ୍ତେ ଅଟକି ରହନ୍ତି ଏହିଠାରେ। ନିଜ ପାଇ ହେଉ ନିଜ ପରିବାର ପାଇଁ ରଜ ପାନ ନିଅନ୍ତି। ସାରୁଅ ବଜାରରେ ପ୍ରାୟ ୨୫ ବର୍ଷ ଧରି ଏହି ବଜାର ଦେଇ ଗଲାବେଳେ ସମସ୍ତଙ୍କ ଗାଡି ଅଟକିଯାଏ ପାନ ଖଣ୍ଡେ ପାଇଁ। ରଜ ବଜାରରେ ଏଠାରେ ମିଠା ପାନର ଚାହିଦା ଅଧିକ। ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ, ବାଙ୍କୀ, ଫୁଲବାଣୀ , ରାଉରକେଲା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସାରୁଅ ବଜାର ପାନର ଚାହିଦା ରହିଛି। ସାରୁଅ ବଜାର ପ୍ରତ୍ୟେକ ଦୋକାନ ସୁବାସିତ ମିଠା ପତ୍ର ପାନ , ରଜ ସ୍ପେଶାଲ ପାନରେ ଅଂଚଳ ବାସୁଥାଏ। ଦୋକାନୀର ହାତକୁ ମଧ୍ୟ ଫୁରସତ ନ ଥାଏ। ଚାହିଦା



ଚଳିତ ବର୍ଷ ସାରୁଅ ବଜାରରେ ପ୍ରାୟ ୧୮ରୁ ଉଦ୍ଧ୍ୱର୍ ରଜପାନ ଦୋକାନ ଖୋଲିଛି । ଦୋକାନୀ ନିଜ ଦୋକାନୀକୁ ସଜାଇଛନ୍ତି । ଦୋକାନ ଆଗରେ ସଜେଇ ହୋଇ ରହିଛି ପ୍ରାୟ ୬୦/୭୦ ପ୍ରକାର ମସଲା। କଲକତାରୁ ମିଠା ପତ୍ର , ମସଲା ଆସିଥାଏ । ଗୋଟା ପାନରେ ଚନ୍ଦନ, ଧଳା ଖଇର ମାରି ଭଜା ଗୁଆ, ପାତି ଗୁଆ, ଛୁଂଚି ଗୁଆ, ପ୍ରସାଦ, ଲବଙ୍ଗ, ଗୁଜୁରାତି, ହୀରାମୋତି ପକାଇ ପାନ ଭଙ୍ଗାଯାଇଥାଏ । ପାନ ଭାଙ୍ଗିଲାବେଳେ ବିଭିନ୍ନ ଆକୃତିର ସଜା ଯାଇଥାଏ। ଲବଙ୍ଗ ପାନ, ତ୍ରିଭୁଜ ପାନ, ପୋଡ ପିଠା ପାନ, ଫାୟାର ପାନ, ପରି ଆହୁରି କେତେ ପ୍ରକାର ପାନ ମିଳିଥାଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ବିଭିନ୍ନ ପାନର ସ୍ୱାଦ ଅଲଗା ଅଲଗା ଲାଗିଥାଏ। ସାରୁଅ ବଜାରର ରଜ ପାନ, ମୁତାବକ ପାନ ଭାଙ୍ଗି ଗ୍ରାହକଙ୍କ ହାତକୁ ବଢାଇଲା ବେଳେ ମୁହଁରେ ହସ ସ୍ପଷ୍ଟ ବାରି ହୋଇପଡେ । ପାନର ମୂଲ୍ୟ ମଧ୍ୟ ସେମିତି ବେଶି ନୁହେଁ। ମୂଲ୍ୟ ୧୦ଟଙ୍କାରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସବୁ ଲୋକ ଘରେ ରଜରେ ପାନ ଖଣ୍ଡେ ଖଣ୍ଡେ ଖାଆନ୍ତି ଓ ଖୁଆଇଥାନ୍ତି। ପୋଡପିଠାର ଯେତିକି ଚାହିଦା, ରଜ ପାନର ମଧ୍ୟ ସେତିକି ଚାହିଦା ଥାଏ । ଜାତି , ଧର୍ମ, ବର୍ଣ୍ଣ ନିର୍ବଶେଷରେ ସମସ୍ତେ ଏହି ରଜ ପର୍ବରେ ପାନ ଖଣ୍ଡେ ଖୁଆଇ ପରସ୍ପରକୁ ଅଭିନନ୍ଦନ ଜଣାଇଥାନ୍ତି। ପ୍ରତିବର୍ଷ ଏହି ଚାରିଦିନକୁ ସାରୁଅ ବଜାରର ଏହି ପାନ ଦୋକାନୀ ଚାହିଁ ରହିଥାନ୍ତି । ରଜ ଆସିଲେ ଭଲ ବ୍ୟବସାୟ ହେବ। ପ୍ରତି ଦୋକାନୀ ନିଜ ନିଜର ବ୍ୟବସାୟକୁ ନେଇ ୧୦ ହଜାରରୁ ପ୍ରାୟ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ବେପାର କରିଥାନ୍ତି।

## ମହିଳା ସମିତି ପକ୍ଷରୁ ରଜ ମହୋତ୍ସବ

କଟକ,(ସବ୍ୟୁ): ମହାନଦୀବିହାର ମହିଳା ସମିତି ପକ୍ଷରୁ ରଜ ମହୋତ୍ସବ ଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପିଠାର ମୀନା ବଜାର, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା । ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏର ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ଗୋପାଳ କୃଷ୍ଣ ବେହେରା ରୋଜି ମେକୋଭରର ଅଧକ୍ଷା କୃଷ୍ଣ ପ୍ରିୟା ତ୍ରିପାଠୀ ଯୋଗଦେଇଥିଲେଛ ସମିତିର ସଭାପତି ନମିତା ଦାଶ, ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବହୁମୁଖୀ ଉପଯୋଗୀ ଆବାସ କେନ୍ଦ୍ର ୱାର୍ଡ ନମ୍ବର ୫ ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଖାଦ୍ୟ ପ୍ରତିଯୋଗିତା ରେ ଖୋର୍ଦ୍ଧା ଜିଲ୍ଲା ର ୧୦ ଗୋଟି ବ୍ଲକ ଓ ୩ ଗୋଟି ସହରାଂଚଳ ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୩ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ ଜଣ ପ୍ରତିଯୋଗୀ ଏହି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ। କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପଚନ୍ଦ୍ର ବେଉରା ଏବଂ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହାରାଜ, ଡେପୁଟି ସି.ଇ.ଓ ଓରମାସ୍ ରାଜ ଗୋପାଳ ଦାସ, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧାପିକା ଅଲିଭା ବେହୁରା ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

ପ୍ରତିଯୋଗିତା ରେ ବିଚାରକ ଭାବରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଗୃହ ବିଜ୍ଞାନ ଗବେଷିକା ଡ଼କ୍ଟର ରୋଜାଘୋଷ, ବିଶିଷ୍ଟ ରୋଷେୟା ରମେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କର ଖାଦ୍ୟର ମାନ, ପୃଷ୍ଟିକର, ଶରୀର ଉପରେ ଖାଦ୍ୟର ପ୍ରଭାବ ଓ ପରିଷ୍କାର ପରିଚ୍ଛନ୍ନତା ତନ୍ନତନ୍ନ ଭାବରେ ନିରୀକ୍ଷଣ କରି ପ୍ରତିଯୋଗୀ ମାନଙ୍କ ଠାରୁ ପଚାରି ବୁଝିଥିଲେ ଏବଂ



ସମସ୍ତ ପ୍ରତିଯୋଗୀ ମାନଙ୍କର ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବହୁତ ଭଲ ଥିଲା ବୋଲି ବିଚାରକ ମଣ୍ଡଳୀ ସେମାନଙ୍କ ଅଭିଭାଷଣ ରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିଯୋଗିତା ରେ ମା'ବରୁଣେଇ ସ୍ୱୟଂ ସହାୟକ ଗୋଷ୍ଠୀ, ଚିଲିକା ପ୍ରଥମ ସ୍ଥାନ, ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ବୋଲଗଡ ଦ୍ୱିତୀୟ ସ୍ଥାନ, ଛୋଟିସି ଆଶା ସ୍ୱୟଂ ସହାୟକ ଗୋଷ୍ଠୀ, ଭୁବନେଶ୍ୱର ଅର୍ବାନ୍-୩ ତୃତୀୟ ସ୍ଥାନ ଅଧିକାର କରି ୧୦ହଜା. ୮ ହଜାର ଓ ୬ହଜାର ଅର୍ଥରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ଅନ୍ୟ ୯ ଜଣ, ସ୍ୱୟଂସହାୟକ ଗୋଷ୍ଠୀ ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାନ୍ତ୍ୱନା ମୂଳକ ୨ହଜାର ଟଙ୍କା ର ଅର୍ଥରାଶି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ କୁ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ର ସମସ୍ତ ବି.ପି.ସି ଓ ବ୍ଲକ ପ୍ରକଳ୍ପ ସହାୟକମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପ୍ରକଳ୍ପ ସହାୟକ ନମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦୭.୫୨ କୋଟି ଟଙ୍କାର ଲାଭ ହାସଲ କରିଛି ଅଭିଭା ଇଣ୍ଡିଆ

ଭୁବନେଶ୍ୱର: (ସବ୍ୟୁ): ଅଭିଭା ଇଣ୍ଡିଆ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏହାର ଫଳାଫଳ ଘୋଷଣା କରିଛି। ୨୦୨୪-୨୫ରେ ଗ୍ରସ ରିଟେନ ପ୍ରିମିୟମ ୧୩୦୭ କୋଟି ଟଙ୍କାରେ ସ୍ଥିର ରହିଥିବା ବେଳେ ଅଭିଭା ଏକ ବିତରଣ-ଆଧାରିତ ମଡେଲରୁ ଏକ ଅଧିକ ଉତ୍ପାଦ-ପରିଚାଳିତ ଓ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସ୍ଥାନାନ୍ତରିତ ହୋଇଛି। ଏହି ରୂପାନ୍ତରଣ ଉନ୍ନତ କ୍ଲେମ ସେଟେଲମେଂଟ ଏକ୍ସପେରିଏନ୍ସ, ପ୍ରତି ୧୦,୦୦୦ ବୀମା ପିଛା ଅଭିଯୋଗରେ ହ୍ରାସ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ପଦକ୍ଷେପର ବର୍ଦ୍ଧିତ ପ୍ରଭାବରେ ପ୍ରତିଫଳିତ ହେଉଛି। ଅଭିଭା ଇଣ୍ଡିଆ ୩୦ ଦିନ ମଧ୍ୟରେ ୧୦୦% କ୍ଲେମ ସେଟେଲମେଂଟ ସହିତ ଅନ୍ୟତମ ସର୍ବୋତମ ଟର୍ଣ୍ଣଆରାଉଣ୍ଡ ଟାଇମ ହାସଲ କରିଛି। ଏହା ପେଡ୍ କ୍ଲେମର ୯୯.୨୫% ସହିତ ଶିଳ୍ପରେ ସର୍ବୋତମ ରହିଛି। ଅଭିଭା ଏହାର ଉତ୍ପାଦଗୁଡିକରେ ସୁସ୍ଥତାକୁ ଏକୀକୃତ କରି ଜୀବନ ବୀମାକୁ ନୂଆ ରୂପ ଦେଉଛି। ସିଗ୍ନେଚର ୩ଡି ଟର୍ମ ପ୍ଲାନ- ପ୍ଲାଟିନମ ସହିତ ପ୍ରଦାନ କରାଯାଉଥିବା ଏହାର ପ୍ରିଭେଂଟିଭ ୱେଲନେସ୍ ପ୍ୟାକେଜରେ ୱେଲନେସ୍ କିଟ୍ ସାମିଲ ରହିଛି। ଏହି କିଟ୍‌ରେ ଏକ ସ୍ମାର୍ଟୱାଚ, ସ୍ମାର୍ଟ ସ୍କେଲ, ବିପି ମନିଟର, ଏଆଇ-ଚାଳିତ ନ୍ୟୁଟ୍ରିସନ ପରାମର୍ଶ, ଜେନେଟିକ ଟେଷ୍ଟିଙ୍ଗ ଆଦି ଅନ୍ତର୍ଭୁକ୍ତ ରହିଛି ଯାହା ଗ୍ରାହକଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସଶକ୍ତ କରୁଛି। ଆସେଟ୍‌ସ ଅଣ୍ଡର ମ୍ୟାନେଜମେଂଟ (ଏୟୁଏମ) ୬% ବୃଦ୍ଧି ହୋଇ ୧୪,୭୩୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଏବଂ ଏହା ନିବେଶକଙ୍କ ନିରନ୍ତର ବିଶ୍ୱାସ ଓ ସ୍ଥିର ଫଣ୍ଡ ପରଫର୍ମାନ୍ସକୁ ସୂଚିତ କରୁଛି। ୧୩ତମ ମଛ ପର୍‌ସିଷ୍ଟେନ୍ସି ରେଟ ୨୦୨୪-୨୫ରେ ୭୩%କୁ ବୃଦ୍ଧି ପାଇଛି। କମ୍ପାନୀ ପୂର୍ବ ଆର୍ଥିକ ବର୍ଷର ୮୯.୬୬ କୋଟି ଟଙ୍କା ତୁଳନାରେ ୨୦୨୪-୨୫ରେ ୧୦୭.୫୨ କୋଟି ଟଙ୍କାର ଲାଭ ହାସଲ କରିଛି ଏବଂ ଏହାର ସଲ୍‌ଭେନ୍ସି ରେସିଓ ୧୯୩%କୁ ବୃଦ୍ଧି ପାଇଛି। ଏହି ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ୱର୍ଥ ୧୪% ବୃଦ୍ଧି ପାଇଛି।

### ଡକାୟତି ଯୋଜନାବେଳେ ପୋଲିସ ଚଢାଉ

# ୬ ଗିରଫ, ବନ୍ଧୁକ, ଗୁଳି, କଟୁରି, ଖଣ୍ଡା ଜବତ

ଭୁବନେଶ୍ୱର, (ସବ୍ୟୁ) : ନନ୍ଦନକାନନ ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁର ଏକ ନିରୋଳା ସ୍ଥାନରେ ଶୁକ୍ରବାର ରାତିରେ ଦଳେ ଯୁବକ ଏକାଠି ହୋଇ କଣ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା । ଖବର ପାଇବା ପରେ ପୋଲିସ ସେଠାରେ ଚଢାଉ କରି ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବନ୍ଧୁକ, ଗୁଳି, ତେଲେଙ୍ଗା କଟୁରୀ, ଖଣ୍ଡା, ଲୁହା ରଡ୍, ସ୍କର୍ପିଓ, ଦୁଇଟି ବାଇକ୍ ଓ ୬ ଟି ମୋବାଇଲ୍ ସେମାନଙ୍କ ନିକଟରୁ ଜବତ କରିଛି ।

ଗିରଫ ଅଭିଯୁକ୍ତମାନେ ହେଲେ ସୁଶିଲ କୁମାର ସାହୁ, ସନ୍ତୋଷ ବେହେରା, ଜିତେନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରତାପ ସ୍ୱାଇଁ ଓ ଗଣେଶ ଜେନା । ଗଣେଶ ଘର ନୟାଗଡରେ ହୋଇଥିବାବେଳେ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ ଘର କଲ୍ୟାଣପୁର ଗ୍ରାମରେ । ଗିରଫ ଅଭିଯୁକ୍ତମାନେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଡକାୟତ କରିବା ପାଇଁ ଯୋଜନା କରୁଥିବା ପୋଲିସ ସୂଚନା ଦେଇଛି । ସୁଶିଲ୍ ନାଁରେ ନନ୍ଦନକାନନ ଥାନାରେ ୪ ଟି ମାମଲା ଥିବାବେଳେ ପ୍ରତାପ ନାଁରେ ୫ ଟି ମାମଲା ଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ସମ୍ପର୍କରେ ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେବା ପରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇଦିଆଯାଇଛି ।

## ଘୋଳପୁରରେ ଝାଡ଼ାବାନ୍ତି: ୨୯ ଆକ୍ରାନ୍ତ

ବାଙ୍କୀ, (ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ର ଉତ୍ତର ପାର୍ଶ୍ୱରେ ଥିବା ସରଣ୍ଡା ଜୋନର କନ୍ତପହଁରା ଗ୍ରାମପଞ୍ଚାୟତର ଘୋଳପୁର ଗ୍ରାମରେ ଝାଡ଼ା ବାନ୍ତିରେ ୨୯ ଜଣ ଆକ୍ରାନ୍ତ ହୋଇଛନ୍ତି । ସମସ୍ତେ ନିକଟସ୍ଥ ଆଠଗଡ଼ ଡାକ୍ତରଖାନା ରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି ।୪ ଜଣ ଆଠଗଡ଼ ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତ । ଆଶା, ଅଙ୍ଗନଓ୍ୱାଡ଼ି, ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପହଞ୍ଚି ଲୋକଙ୍କୁ ଓ ଆର୍ ଏସ ପାଉଡର ସହିତ ଔଷଧ ବଣ୍ଟନ କରୁଥିବାର ବାଙ୍କୀ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ଅମରେଶ ସାହୁ ସୂଚନା ଦେଇଛନ୍ତି । ସମସ୍ତଙ୍କ ଅବସ୍ଥା ଭଲ ରହିଛି ।

# ଉତ୍କଳମଣୀ ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ରଜ ମହୋତ୍ସବ




ଭୁବନେଶ୍ୱର (ସ.ବ୍ୟୁ) : ଉତ୍କଳମଣୀ ଆଦର୍ଶ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ରଜ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସୌଜନ୍ୟତାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯେପରିକି ରଜଦୋଳି, ପାନ, ନାଚ, ଗୀତ, ଖେଳ ଓ ପୋଡପିଠା ଆଦି ପାଳନ କରାଯାଇଛି । ଓଡ଼ିଶା ସରକାରଙ୍କର ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ହେଉଥିବାରୁ ଏହାର ପ୍ରଚାର ପ୍ରସାର ନିମନ୍ତେ ସୁବ୍ୟବସ୍ଥା କରାଯାଇଛି । ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଉତ୍ତର ଭୁବନେଶ୍ୱର ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ସମାଜସେବୀ ଦୁର୍ଗା ସାମନ୍ତରାୟ, ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଇତୁନ ମହାପାତ୍ର ଓଡ଼ିଶା ସଂସ୍କୃତି ମଞ୍ଚର ମୁଖ୍ୟ ଲଲାଟ କିଶୋର ନାୟକ, ସୁନାକର ବେହେରା, ପଦ୍ମା ହସ୍‌ପିଟାଲ ଡ. ବିଶ୍ୱନାଥ ପଟ୍ଟନାୟକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଉତ୍କଳମଣୀ ଆଦର୍ଶ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ବିଚିତ୍ରାନନ୍ଦ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ ରଜୋତ୍ସବ

କଣ୍ଟାପଡ଼ା, (ସବ୍ୟୁ) :ଓଡ଼ିଆଙ୍କ ପ୍ରମୁଖ ଗଣପର୍ବ ରଜ ଉତ୍ସବ ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳିତ ହୋଇଛି । ଓଲଟପୁର ଥାନା ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଏସଜି ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲରେ ଆୟୋଜିତ ପହିଲି ରଜ କାର୍ଯ୍ୟକ୍ରମରେ ରାଜସଭା ସାଂସଦ ସୁଲତା ଦେଓ, ନିଆଳି ପ୍ରାକ୍ତନ ବିଧାୟକ ଡ଼ଃ.ପ୍ରମୋଦକୁମାର ମଲିକ ଓ ଓଟିଡ଼ିସି ଅଧିକାରୀ ମଧୁସ୍ମିତା ସୋରେନ ଅତିଥିରୂପେ ଯୋଗଦେଇଥିଲେ । ଗ୍ରାମର ଯୁବତୀ, ବୋହୂ ଏବଂ ମହିଳାମାନେ ପାରମ୍ପରିକ କ୍ରୀଡ଼ା, ସଂଗୀତ, ନୃତାଦି ପରିବେଷଣ କରିଥିଲେ । ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧନା ସହ ଉପସ୍ଥିତ ଦର୍ଶନଙ୍କୁ ପୋଡ଼ପିଠା ବିତରଣ ହୋଇଥିଲା । ସେହିପରି ଆମ୍ରପଲ୍ଲୀ ରିସର୍ଟ୍ସ, ଓସେନଓ୍ୱାର୍ଲ୍ଡ ଓ୍ୱାଟରପାର୍କ ଓ ପ୍ରଜ୍ଞା ଫାଉଣ୍ଡେସନରେ ରଜ ପର୍ବ ପାଳନ ହେବା ସହ ପାଗ ଅନୁକୂଳ ଥିବାରୁ ସେଠାରେ ଦିନ ତମାମ ବହୁ ସଂଖକ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା ।

# ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ରଜ ପିଠା ପ୍ରତିଯୋଗିତା

ଭୁବନେଶ୍ୱର: (ସବ୍ୟୁ) : ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୮ ବର୍ଷରୁ ଉଦ୍ଧ୍ୱର୍ ଝିଅ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା । ପ୍ରାୟ ୪୦ ଜଣ ମହିଳା ଓ ଝିଅ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

ବିଭିନ୍ନ ପ୍ରକାରର ପୋଡପିଠା ଯଥା ସପୁରୀ ଚାଉଳ ପୋଡପିଠା, କଖାରୁ ପୋଡପିଠା, ଚାଉଳ ପୋଡପିଠା, କ୍ଷୀର ପୋଡପିଠା, ବିରି ପୋଡପିଠା, ଛତୁ ପୋଡପିଠା, ମହୁଲ ପୋଡପିଠା, ମାଣ୍ଡିଆ ପୋଡପିଠା, ଅମୃତ ଭଣ୍ଡା ପୋଡପିଠା ଓ ଲାଉ ପୋଡପିଠା ପରିବେଷିତ ହୋଇଥିଲା । ଏହାଛଡା ବୁଢା ଚକୁଳି, ଛେନାମଣ୍ଡା, ବିରି ଖଜା, ସୋୟାବିନ୍ ଛୁଙ୍କ ଚିତଉ, ଜାମୁକୋଳି ଚିତଉ ପିଠା, ଆମ୍ବ କାକରା, ଚନ୍ଦ୍ରକାଁ", ସୁଜି ସିଝା ମଣ୍ଡା, ପୁରଦିଆ ମଣ୍ଡା, ସୁଜି କାକରା, ଗୁଡ଼ ଓ ଚିନି ଆରିଷା, ପାଲୁଅ ମଣ୍ଡା, କ୍ଷୀର ଗଇଁଠା, ଜାମୁକୋଳି ମିଠା, ଜାମୁନ୍ ମଣ୍ଡା, ଜାମୁନ୍ ମୋଦକ, ଗାଜର ଚିତଉ, ମାଣ୍ଡିଆ କନ୍ଦମୂଳ ରସାବଳୀ, ମାଣ୍ଡିଆ ଖିରି ଗଇଁଠା, ମାଣ୍ଡିଆ ପିଠା, ମାଣ୍ଡିଆ କାକରା, ଆମ୍ବ ଚିତଉ, ବେଲ ପିଠା, କଦମ୍ବ ପିଠା, ଆରିସା ମୁଆଁ ପିଠା, ଛେନା ଫୁଲ, ଏଣ୍ଡୁରୀ, ମାଣ୍ଡିଆ ମଣ୍ଡା, ନଡିଆ ମୋଦକ, ଖୁଆ ଗଇଁଠା ପିଠା, ଅପରାଜିତା ଗଇଁଠା ପିଠା ଖିରୀ, ସାଗୁ ରସାବଳି, ଆମ୍ବ କାକରା, ଭୃଷଙ୍ଗ ପତ୍ର ଚକୁଳି ଭଳି ଅନେକ ପ୍ରକାରର ପିଠା ମହିଳାମାନେ ପ୍ରସ୍ତୁତ କରିଥିଲେ । ଏହି ମହିଳାମାନଙ୍କର ରୋଷେଇ ଦକ୍ଷତାକୁ ପରଖିବା ପାଇଁ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ଡିନ୍ ପ୍ରଫେସର ସୁଶା" ରନ ଚଇନି, ଛପନ ଭୋଗର ପ୍ରତିଷ୍ଠାତା ସତ୍ୟବ୍ରତ ମହାନ୍ତି, ସେଫ୍ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର



ମାନ ନିରୂପଣ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଏହାର ଭିନ୍ନତାକୁ ନେଇ ବିଚାର କରାଯାଇଥିଲା ।

ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ଦେଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଓଡିଶାର ସଂସ୍କୃତିକୁ ଖୁବ୍ ନିଆରା ଭାବରେ ପରିପ୍ରକାଶ କରିବାର ମାଧ୍ୟମ ହେଉଛି ପିଠା ପ୍ରତିଯୋଗିତା । ଏହା କେବଳ ପ୍ରତିଯୋଗିତା ନୁହେଁ ଏହା ମହିଳାମାନଙ୍କ ଭିତରେ ଲୁକାୟିତ ଅବସ୍ଥାରେ ଥିବା ପ୍ରତିଭାକୁ ପରିପ୍ରକାଶ କରିବା ନିମନ୍ତେ ଏକ ଉପାୟ । ପ୍ରଫେସର ନନ୍ଦ ମହିଳା ଓ ଝିଅମାନଙ୍କ ମଧ୍ୟରେ ଥିବା ପ୍ରତିଭା ଓ କଳା ଗୁଡିକୁ ପ୍ରକାଶ କରିବା ନିମ ଅଭିନବ ପ୍ରୟାସ ପାଇଁ ସୋଆ ଏସ୍‌ଏଚଏମ୍‌କୁ ଶୁଭେଚ୍ଛା ଜଣାଇବା ସହ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଛପନ ଭୋଗର ପ୍ରତିଷ୍ଠାତା ଶ୍ରୀ ମହାନ୍ତି କହିଥିଲେ ଯେ ନାରୀମାନେ ସ୍ୱାବଲମ୍ବୀ ହେବା ଏବଂ ସେମାନଙ୍କ ପାଖରେ ଥିବା ଲୁକାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଜରୁରୀ । ପ୍ରତିଯୋଗୀମାନଙ୍କର ଇନୋଭେଟିବ୍ ଚିନ୍ତାଧାରା ପାଇଁ ସେମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

କାର୍ଯ୍ୟକ୍ରମ ଶେଷରେ ପ୍ରୋଗାମ୍ କୋର୍ଡିନେଟର ତଥା ଏସ୍‌ଏଚ୍‌ଏମ୍‌ର ପ୍ରଫେସର (ଡକଫର) ଅଂଶୁମାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମ୍ୟାଜିକାଲ୍ ସିଟ୍ ନମ୍ବର '୧୧ଏ'
# ୨୭ ବର୍ଷ ପୂର୍ବେ ହୋଇଥିଲା ସମାନ ଚମତ୍କାର



**ନୂଆଦିଲ୍ଲୀ:** ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ, ବିଶ୍ୱାସ କୁମାର ରମେଶଙ୍କ ଜୀବନ ବଞ୍ଚିଯିବା କୌଣସି ଚମତ୍କାରଠାରୁ କମ ନୁହେଁ । ସେହି ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ରମେଶ ହିଁ ଏକମାତ୍ର ବ୍ୟକ୍ତି ଯିଏ ବଞ୍ଚି ଯାଇଥିଲେ । ରମେଶଙ୍କ ସିଟ୍ ନମ୍ବର ଥିଲା ୧୧ ଏ । ବର୍ତ୍ତମାନ ଏହି ସିଟ୍ ନମ୍ବର ଚମତ୍କାର କାହାଣୀ ସାମ୍ନାକୁ ଆସିଛି ।

ଜଣେ ଥାଇ ଗାୟକ ଏବଂ ଅଭିନେତା ଜେମ୍ସ ରୁଆଙ୍ଗସାକ୍ ଲୋଇଚୁସାକ୍ ଜାଣିବାକୁ ପାଇଲେ ଯେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ସିଟ୍ ୧୧ଏ' ରେ ବସିଥିବା ବ୍ୟକ୍ତି ବଞ୍ଚିଯାଇଛନ୍ତି, ସେ ଏହା ଜାଣି ବହୁତ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ୨୭ ବର୍ଷ ପୂର୍ବେ ସେ ମଧ୍ୟ ସିଟ୍ ନମ୍ବର ୧୧ଏରେ ବସିଥିଲେ ଏବଂ ବିମାନ ଦୁର୍ଘଟଣାରୁ ବଞ୍ଚି ଯାଇଥିଲେ ।

ଡିସେମ୍ବର ୧୯୯୮ରେ ରୁଆଙ୍ଗସାକ୍ ଥାଇ ଏୟାରୱେଜର ବିମାନ ୨୬୧ରେ ଯାତ୍ରା କରୁଥିଲେ । ସେହି ସମୟରେ ବିମାନଟି ଦକ୍ଷିଣ ଥାଇଲ୍ୟାଣ୍ଡରେ ଅବତରଣ କରିବାକୁ ଚେଷ୍ଟା କରୁଥିଲା ଏବଂ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ୧୦୧ ଜଣଙ୍କର ମୃତ୍ୟୁ ହୋଇଥିଲା । ୧୦୧ ଜଣ ଯାତ୍ରୀଙ୍କ ମଧ୍ୟରୁ ସେ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯିଏ ବଞ୍ଚି ଯାଇଥିଲେ । ସେ ମଧ୍ୟ ସିଟ୍ ୧୧ଏ' ରେ ବସିଥିଲେ । ସେ କହିଥିଲେ ଯେ ଏହି ଦୁର୍ଘଟଣା ପରେ ମୁଁ ଏତେ ଆଘାତ ପାଇଥିଲି ଯେ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ମୁଁ ବିମାନରେ ଯାତ୍ରା କରିନଥିଲି ।

# ମୃତକଙ୍କ ପରିବାରକୁ ଏୟାର ଇଣ୍ଡିଆ ଦେବ ୨୫ ଲକ୍ଷ

**ନୂଆଦିଲ୍ଲୀ:** ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ଏୟାର ଇଣ୍ଡିଆ ଶନିବାର ଅନୁକମ୍ପା ରାଶି ଘୋଷଣା କରିଛି । ପ୍ରାଣ ହରାଇଥିବା ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ଟ୍ୱିଟ'ରେ ପୋଷ୍ଟ କରି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ।

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାର ସହ ଏୟାର ଇଣ୍ଡିଆ ଛିଡା ହୋଇଛି । ଏଭଳି ଦୁଃଖଦ ସମୟରେ ଏୟାର ଇଣ୍ଡିଆ ଟିମ୍ ଗ୍ରାଉଣ୍ଡରେ ରହି ଯଥା ସମ୍ଭବ ଯତ୍ନ ଓ ସାହାଯ୍ୟ ଯୋଗାଇ ଦେବାକୁ ଚେଷ୍ଟା କରୁଛନ୍ତି । ପୂର୍ବରୁ ଟାଟା ସନ୍ସ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲା।

ଏୟାର ଇଣ୍ଡିଆର ବୋଇଂ ୭୮୭-୮ ବିମାନ ଦୁର୍ଘଟଣାକୁ ଆଜିକୁ ବିତିଛି ୨ ଦିନ । ୧୨ ଜୁନ ୧ଟା ୩୮ ମିନିଟରେ ଅହମ୍ମଦାବାଦ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ଉଡାଣ ଭରିଥିଲା ଏୟାର ଇଣ୍ଡିଆ ବିମାନ । ଟେକ-ଅଫର ମାତ୍ର ୫ ମିନିଟରେ ବିମାନ କ୍ରାସ ହୋଇଯାଇଥିଲା । ବିମାନରେ ୨୩୦ଜଣ ଯାତ୍ରୀଙ୍କ ସହ ୧୨ଜଣ କ୍ରିଉ ମେମ୍ବର ଥିଲେ । ବିମାନ ଦୁର୍ଘଟଣାରେ ୨୭୪ ଜଣଙ୍କ ମୃତ୍ୟୁ ହୋଇଛି ।




# ଇସ୍ରାଏଲ ଉପରେ ୧୦୦ ମିଶାଇଲ ଆଟାକ କଲା ଇରାନ

**ତେଲ ଅଭିଭ:** ଇସ୍ରାଏଲ ଏବଂ ଇରାନ ଏବେ ମୁହାଁମୁହିଁ ସ୍ଥିତି । ମଧ୍ୟପ୍ରାଚ୍ୟରେ ପୁଣି ଥରେ ଆକାଶରୁ କ୍ଷେପଣାସ୍ତ୍ର ବର୍ଷା ହେଉଥିବା ଦେଖିବାକୁ ମିଳୁଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଯୁଦ୍ଧରେ ପରିଣତ ହୋଇଛି । ଇସ୍ରାଏଲ-ଇରାନ ଯୁଦ୍ଧ ଏବେ ଇରାନ ଏବଂ ଆମେରିକା ମଧ୍ୟରେ କୂଟନୀତିକୁ ପ୍ରଭାବିତ କରିଛି । ଇରାନ କହିଛି ଯେ ସାମ୍ପ୍ରତିକ ଘଟଣାକ୍ରମ ଆମେରିକା ସହିତ କୂଟନୀତି ଜାରି ରଖିବାର ସମ୍ଭାବନାକୁ ଶେଷ କରିଦେଇଛି । ଇରାନ ଅଭିଯୋଗ କରିଛି ଯେ ଇସ୍ରାଏଲ ଆମେରିକାର ନିର୍ଦ୍ଦେଶରେ ଆକ୍ରମଣ କରୁଛି । ଇରାନ ଇସ୍ରାଏଲୀ ଆକ୍ରମଣ ପାଇଁ ୱାଶିଂଟନକୁ ଦାୟୀ କରିଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଗେଇ ଶୁକ୍ରବାର କହିଛନ୍ତି ଯେ ଇସ୍ରାଏଲ ଲକ୍ଷ୍ମଣ ରେଖା ଅତିକ୍ରମ କରିଛି । ଏବେ ଏହାକୁ ପରିଣାମ ଭୋଗିବାକୁ ପଡିବ ।



ତେବେ ୧୩ ଜୁନ୍ ସକାଳେ ଇସ୍ରାଏଲ ଇରାନ ଉପରେ ସାମରିକ ଆକ୍ରମଣ କରିଥିଲା । ଇସ୍ରାଏଲ ଇରାନର ସାମରିକ ଘାଟି ଏବଂ ପରମାଣୁ ଘାଟିକୁ ଧ୍ୱଂସ କରିଥିଲା । ଇସ୍ରାଏଲ ୨୦୦ ଯୁଦ୍ଧ ବିମାନ ସହିତ ୩୦୦ ଏୟାର ଷ୍ଟ୍ରାଇକ କରିଥିଲା । ଫଳରେ ତେହେରାନ ଧୂଆଁରେ ପରିଣତ ହୋଇଥିଲା । ଏହି ଆକ୍ରମଣରେ ଇରାନର ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଇରାନ ଆକାଶ ସୀମା ବନ୍ଦ କରିଦେଇଥିବା ବେଳେ ସରକାର ସାରା ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଛନ୍ତି । ଏହା ପରେ ଇରାନ ମଧ୍ୟ ପ୍ରତିଶୋଧ ନେଇଥିଲା । ୧୩ ଜୁନ୍ ରାତିରେ ଇରାନ ୧୦୦ ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା, ଯାହା ତେଲ ଅଭିଭରେ ଅରାଜକତା ସୃଷ୍ଟି କରିଥିଲା । ଏହା ପୂର୍ବରୁ ଇସ୍ରାଏଲ ଇରାନର ସେନା ମୁଖ୍ୟ, ମୁଖ୍ୟ ଏବଂ ଶୀର୍ଷ ପରମାଣୁ ବୈଜ୍ଞାନିକମାନଙ୍କୁ ହତ୍ୟା କରିଥିଲା ।

# ଇସ୍ରାଏଲ ଷ୍ଟ୍ରାଇକରେ ଆଉ ୨ ଜେନେରାଲଙ୍କୁ ହରାଇଲା ଇରାନ

**ନୂଆଦିଲ୍ଲୀ:** ସମୟ ଗଡ଼ିବା ସହ ଇସ୍ରାଏଲ ଓ ଇରାନ ମଧ୍ୟରେ ଲଢ଼େଇ ତୀବ୍ର ହେଉଛି । ଶୁକ୍ରବାର ଇସ୍ରାଏଲ ପକ୍ଷରୁ ଇରାନର ଏକାଧିକ ସ୍ଥାନରେ ଆଟାକ କରାଯାଇଥିଲା । ଏହାର ଜବାବ ଦେବାକୁ ଇରାନ ଆଜି ଇସ୍ରାଏଲ ଉପରେ ରକେଟ ବର୍ଷା କରିଛି । ଏହାପରେ ଇସ୍ରାଏଲ ପୁଣି ଆକ୍ରମଣ କରିବାରୁ ଇରାନ ତା'ର ଆଉ ୨ ଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ହରାଇଛି ।

ଶୁକ୍ରବାର ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଥିବାରୁ ଇରାନ ତା'ର ସେନା ମୁଖ୍ୟଙ୍କ ସମେତ ୨୦ରୁ ଅଧିକ ସାମରିକ ଅଧିକାରୀ ଓ ୯ ଜଣ ଆଣବିକ କାର୍ଯ୍ୟକ୍ରମର ବୈଜ୍ଞାନିକଙ୍କୁ ହରାଇଥିଲା । ଏହାର ପ୍ରତିଶୋଧ ନେବାକୁ ଆଜି ଭୋରରୁ ଇରାନ ପକ୍ଷରୁ ତେଲ ଅଭିଭ ଓ ଜେରୁଜେଲମ ସମେତ ବିଭିନ୍ନ ସ୍ଥାନରେ ମିସାଇଲ ମାଡ଼ କରିଥିଲା । ଏଥିରେ ଇସ୍ରାଏଲ ସେନାର ମୁଖ୍ୟାଳୟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୩ ଜଣ ପ୍ରାଣ ହରାଇଥିବା ବେଳେ ୩୪ରୁ ଅଧିକ ଆହତ ହୋଇଛନ୍ତି । ଇରାନର ଏପରି ଆକ୍ରମଣ ପରେ ଇସ୍ରାଏଲ ଆର୍ମି ତୃତୀୟ ରାଉଣ୍ଡ ଏୟାର ଷ୍ଟ୍ରାଇକ ତେହରାନରେ କରିଛି । ଇରାନର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ହୋଇଛି । ଇସ୍ରାଏଲର ଏହି ଆକ୍ରମଣରେ ଇରାନ ସଶସ୍ତ୍ର ବଳର ଗୁଇନ୍ଦା ବିଭାଗର ଉପ ମୁଖ୍ୟ ଜେନେରାଲ ଘୋଲମରେଜା ମେହରାବି ଓ ଅପରେସନ ବିଭାଗର ଉପ ମୁଖ୍ୟ ଜେନେରାଲ ମେହଦି ରବାନିଙ୍କ ମୃତ୍ୟୁ ହୋଇଛ । ସେହିପରି ଫରଦୋ ଆଣବିକ କେନ୍ଦ୍ର ମଧ୍ୟ ଇସ୍ରାଏଲ ଷ୍ଟ୍ରାଇକରେ କ୍ଷତି ଗ୍ରସ୍ତ ହୋଇଥିବା ଇରାନ ପକ୍ଷରୁ ନିଶ୍ଚିତ କରାଯାଇଛି । ଶୁକ୍ରବାର ଏୟାର ଷ୍ଟ୍ରାଇକରେ ନାଟାଞ୍ଜି ସ୍ଥିତ ଆଣବିକ କେନ୍ଦ୍ର ସହ ଏକାଧିକ ସାମାରିକ ଘାଟି କ୍ଷତିଗ୍ରସ୍ତ ହୋଇଥିଲା ।



# ୪ ନକ୍ସଲ ନିପାତ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୪ ନକ୍ସଲ ନିପାତ ହୋଇଛନ୍ତି । ବାଲାଘାଟ ଜିଲ୍ଲାର ପଚମା ଦାଦର ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ସୁରକ୍ଷା କର୍ମୀ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ । ମୃତ ନକ୍ସଲଙ୍କ ମଧ୍ୟରେ ୩ ମହିଳା ଅଛନ୍ତି । ପାଚ୍ମା ଦାଦର ଜଙ୍ଗଲରେ ନକ୍ସଲ ଥିବା ସୂଚନା ସୁରକ୍ଷାବଳକୁ ମିଳିଥିଲା । ଏହାପରେ ସେଠାରେ ସର୍ଚ୍ଚ ଅପରେସନ କରାଯାଇଥିଲା । ସର୍ଚ୍ଚ ଅପରେସନ ସମୟରେ ସୁରକ୍ଷାକର୍ମୀଙ୍କ ଉପରକୁ ନକ୍ସଲମାନେ ଅଚାନକ ଗୁଳିମାଡ଼ କରିଥିଲେ । ସୁରକ୍ଷାକର୍ମୀଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମହିଳା ନକ୍ସଲଙ୍କ ସହ ଜଣେ ପୁରୁଷ ନକ୍ସଲ ନିହତ ହୋଇଛନ୍ତି । ପୋଲିସ ମୃତ ନକ୍ସଲଙ୍କ ନିକଟରୁ ହ୍ୟାଣ୍ଡ ଗ୍ରେନେଡ୍, ରକେଟ ଲଞ୍ଚର, ଏସ୍ଏଲ୍ଆର ସହ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛି । ମୃତ ନକ୍ସଲଙ୍କୁ ଚିହ୍ନଟ କରାଯାଇ ପାରିନାହିଁ । ଏବେବି ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ସ୍ଥାନୀୟ ପୋଲିସ ହକ୍ଫୋର୍ସର ମିଳିତ ଅପରେସନରେ ଏହି ସଫଳତା ମିଳିଛି ।

# ୧୯ରେ ମହାକାଶକୁ ଯିବ ଆକ୍ସିଅମ୍-୪

**ନୂଆଦିଲ୍ଲୀ:** ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଓ ଅନ୍ୟ ୩ ଜଣ ଆସନ୍ତା ୧୯ ତାରିଖରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଯିବା ଆଶା କରାଯାଉଛି । ସେମାନଙ୍କୁ ନେଇ ମହାକାଶ ଯିବାକୁ ଥିବା ଫାଲ୍କନ୍-୯ ରକେଟରେ ତରଳ ଅକ୍ସିଜେନ୍ ଲିକ୍ କାରଣରୁ ଏହାର ଲଞ୍ଚିଂକୁ ଗତ ୮, ୧୦ ଏବଂ ୧୧ ତାରିଖରେ ସ୍ଥଗିତ ରଖାଯାଇଥିଲା । ସ୍ପେସ୍ଏକ୍ସ ଉକ୍ତ ସମସ୍ୟାର ସମାଧାନ କରିଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ) ଶନିବାର ଘୋଷଣା କରିଛି । ନାସାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଗତ ୧୧ ତାରିଖରେ ଆକ୍ସିଅମ୍ ସ୍ପେସ୍ ମିଶନ୍ ଉତ୍କ୍ଷେପଣ ହେବାକୁ ଥିବାବେଳେ ଫାଲ୍କନ-୯ ରକେଟରେ ଇନ୍ଧନ ଲିକ୍ ଏବଂ ଆଇଏସ୍ଏସରୁ ରୁଷିଆ ସେକ୍ସନରେ ଲିକ୍ ଯୋଗୁ ଏହାକୁ ବିଳମ୍ବିତ କରାଯାଇଥିଲା । ଏବେ ଆକ୍ସିଅମ୍ ସ୍ପେସ୍ ୧୯ ତାରିଖରେ ଲଞ୍ଚ୍ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଇସ୍ରୋ କହିଛି ।



# ରାଜଙ୍କ ସହ ଉଦ୍ଧବ ?

**ନୂଆଦିଲ୍ଲୀ:** ହାତ ମିଳାଇବେ କି ରାଜ ଠାକରେ ଓ ଉଦ୍ଧବ ଠାକରେ ? ଗତ କିଛି ଦିନ ହେଲା ମହାରାଷ୍ଟ୍ର ରାଜନୀତିର ଦୁଇ ସଂପର୍କୀୟ ଭାଇ ଏକାଠି ହେବା ନେଇ ଜୋରଦାର ଚର୍ଚ୍ଚା ହେଉଥିଲା । ଉଭୟ ପକ୍ଷ ପରିବାର ପୁନର୍ମିଳନ ନେଇ ସଂକେତ ବି ଦେଇଥିଲେ । ଆଗକୁ ହେବାକୁ ଥିବା ମହାରାଷ୍ଟ୍ର ମ୍ୟୁନିସିପାଲିଟି ନିର୍ବାଚନରେ ରାଜନୀତି ନୂଆ ସମୀକରଣ ସୃଷ୍ଟି ହେବାକୁ ନେଇ କୁହାଯାଉଥିଲା । ତେବେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କ ଏଣ୍ଟ୍ରି ପରେ ଏବେ ବଡ଼ ଟୁଇଷ୍ଟ ଆସିଛି । ଏହାପରେ ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସମ୍ଭାବନାକୁ ନେଇ ଆଶଙ୍କା ପ୍ରକାଶ ପାଇଛି ।



**ନିରାଶ କରିଥିଲା ବିଧାନସଭା ଫଳାଫଳ**

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅସ୍ତିତ୍ୱର ଲଢେଇ ଲଢିଥିଲେ ଅନେକ ଦଳ । ଏହାପୂର୍ବରୁ ଲୋକସଭା ନିର୍ବାଚନ ଦେବେନ୍ଦ୍ର ଫଡନାବିସ ଓ ଏକନାଥ ସିନ୍ଦେଙ୍କ ଚିନ୍ତା ବଢାଇଥିଲା ତ ମହାବିକାଶ ଅଘାଡିର ଉତ୍ସାହ ବଢାଇଥିଲା । ତେବେ ବିଧାନସଭା ଫଳାଫଳ ଠାକରେ ଭାଇଙ୍କୁ ନିରାଶ କରିଥିଲା । ବିରୋଧୀ ଗଠବନ୍ଧନରେ ସବୁଠୁ ଅଧିକ ସିଟ୍ ଜିତିବା ଉଦ୍ଧବଙ୍କୁ ଅଳ୍ପ ଆଶ୍ୱସ୍ତି ଦେଇଥିଲା । ତେବେ ରାଜ ଠାକରେଙ୍କୁ ଲାଗିଥିଲା ଝଟକା । ତାଙ୍କ ପୁଅ ଅମିତ ଠାକରେ ନିର୍ବାଚନ ହାରି ଯାଇଥିଲେ । ୨୦୧୯ରେ ମହାରାଷ୍ଟ୍ର ନବନିର୍ମାଣ ସେନା ପାଖରେ ଜଣେ ବିଧାୟକ ଥିବା ବେଳେ ୨୪ରେ ଖାତା ଖୋଲି ପାରିନଥିଲା ଦଳ । ବିଧାନସଭା ନିର୍ବାଚନରେ ଦୁଇ ଭାଇ ପରସ୍ପରକୁ ଟାର୍ଗେଟ୍ କରିଥିଲେ । ଅମିତ ଠାକରେଙ୍କ ବିରୋଧରେ ପ୍ରାର୍ଥୀ ଦେଇଥିଲେ ଉଦ୍ଧବ ତ ତାଙ୍କ ଅସୁସ୍ଥତାକୁ ନେଇ ପରିହାସ କରିଥିଲେ ରାଜ ।

**ରାଜ୍ ଓ ଉଦ୍ଧବ ଏକାଠି ଆସିବା ସଂକେତ**

ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଗତବର୍ଷ ଡିସେମ୍ବରରେ ଏକ ବିବାହ କାର୍ଯ୍ୟକ୍ରମକୁ ଉଭୟ ରାଜ ଓ ଉଦ୍ଧବ ଯାଇଥିଲେ । ସେଠାରେ ରାଜ ଠାକରେ ଉଦ୍ଧବଙ୍କ ପତ୍ନୀ ରଶ୍ମି ଠାକରେଙ୍କ ସହ କଥା ହୋଇଥିଲେ । ଏହାପରେ ମହେଶ ମଞ୍ଜରେକରଙ୍କ ପଡକାଷ୍ଟରେ ରାଜ ଠାକରେଙ୍କ ଭିନ୍ନ ଅନ୍ଦାଜ ଦେଖିବାକୁ ମିଳିଥିଲା । ଉଦ୍ଧବଙ୍କ ସହ ସେ ହାତ ମିଳାଇବେ କି ପ୍ରଶ୍ନର ଉତ୍ତରରେ, ସେମାନଙ୍କ ବିବାଦ, ଝଗଡ଼ା ଓ ପ୍ରସଙ୍ଗ ଛୋଟ, ମହାରାଷ୍ଟ୍ର ତାଠାରୁ ବହୁତ ବଡ ବୋଲି ରାଜ ଠାକରେ କହିଥିଲେ । ଏହାପରେ ଶିବସେନାର ମୁଖପାତ୍ର ସାମନାରେ ଉଦ୍ଧବଙ୍କ ପ୍ରତିକ୍ରିୟା ଆସିଥିଲା । ଏହାପରେ ଉଭୟ ଏକାଠି ଆସିପାରନ୍ତି ନେଇ ଜୋରଦାର ଚର୍ଚ୍ଚା ହେଲା ।

କିଛି ଦିନ ପୂର୍ବରୁ ଉଦ୍ଧବ ଓ ରାଜଙ୍କ ବିବାଦ ସେମାନଙ୍କ ବ୍ୟକ୍ତିଗତ ମାମଲା ବୋଲି କହିଥିଲେ ଦେବେନ୍ଦ୍ର ଫଡନାବିସ । ତେବେ ପରେ ତାଙ୍କ ଏଣ୍ଟ୍ରି ଦୁଇ ଭାଇଙ୍କ ପୁନର୍ମିଳନ ସମ୍ଭାବନାରେ ବ୍ରେକ୍ ଲଗାଇଥିବା କୁହାଯାଉଛି । ମୁମ୍ବାଇର ଏକ ହୋଟେଲରେ ୧୨ତାରିଖ ଦିନ ରାଜ ଠାକରେଙ୍କୁ ଭେଟିଛନ୍ତି ଫଡନାବିସ । ଘଣ୍ଟାଏରୁ ଅଧିକ ସମୟ ଧରି ଉଭୟ ନେତା ଆଲୋଚନା କରିଥିଲେ । ଏପରିକି ଏହି ସାକ୍ଷାତକାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କ କାର୍ଯ୍ୟକ୍ରମ ସିଡ୍ୟୁଲରେ ସାମିଲ ନଥିଲା । ତେବେ ବୈଠକ ପରେ ଉଦ୍ଧବ ଓ ରାଜ ଏକାଠି ଆସିବା ସମ୍ଭାବନା କମ୍ ରହିଥିବା କୁହାଯାଉଛି । ଆଗକୁ ହେବାକୁ ଥିବା ବିଏମସି ନିର୍ବାଚନରେ ବିଜେପି ସପକ୍ଷରେ ଜନମତ ଯାଇପାରେ ବୋଲି ଭୋଟ୍ ଭାଇବସ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡିଛି । ତେବେ ଉଦ୍ଧବ ଠାକରେ ଓ ରାଜ୍ ଠାକରେ ଏକାଠି ହେଲେ ମରାଠୀ ଭୋଟବ୍ୟାଙ୍କ ଏକପାଖିଆ ହେବା ସହ ଏଥିରୁ କ୍ଷତି ସହିପାରେ ବିଜେପି । ତେଣୁ ଦେବେନ୍ଦ୍ର ଫଡନାବିସ ରାଜ ଠାକରେଙ୍କୁ ଭେଟିବା ନେଇ ଚର୍ଚ୍ଚା ହେଉଛି । ପ୍ରଶ୍ନ ଉଠୁଛି, ଉଦ୍ଧବଙ୍କ ପ୍ରଭାବ କମାଇବାକୁ ରାଜ ଠାକରେଙ୍କୁ କୌଣସି ଅଫର ଦେଇଛି କି ବିଜେପି? ରାଜ ଠାକରେଙ୍କ ଏମଏନଏସ ୨୦୨୪ ଲୋକସଭା ନିର୍ବାଚନ ନଲଢି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରିଥିଲା । ତେବେ ବିଧାନସଭା ନିର୍ବାଚନରେ ମହାୟୁତିର ଅଂଶ ନଥିଲା ଦଳ । ଏକାକୀ ଲଢି ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଏମଏନଏସ । ପୁଣି ବିଜେପିକୁ ବିଏମସି ନିର୍ବାଚନରେ ରାଜ ଠାକରେ ସମର୍ଥନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ରବିବାର ୩ ଦେଶ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦେଶ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ମୋଦି ଜୁନ୍ ୧୫ରୁ ଜୁନ୍ ୧୯ ମଧ୍ୟରେ ସାଇପ୍ରସ୍, କାନାଡା ଏବଂ କ୍ରୋଏସିଆ ଗସ୍ତ କରିବେ । ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ପ୍ରମୁଖ ବିଶ୍ୱ ଅଂଶୀଦାରଙ୍କ ସହ ଭାରତର ଦ୍ୱିପାକ୍ଷିକ ଏବଂ କୂଟନୈତିକ ସହଭାଗୀତାକୁ ମଜବୁତ କରିବା ।



ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ସାଇପ୍ରସ୍ ଯିବେ । ଏହା ପରେ ସେ କାନାଡାରେ ଜି-୭ ସମ୍ମିଳନୀରେ ଅଂଶଗ୍ରହଣ କରିବେ ଏବଂ ତା'ପରେ ସେ କ୍ରୋଏସିଆ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ସାଇପ୍ରସ୍ ଗଣରାଜ୍ୟର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡ୍ସଙ୍କ ନିମନ୍ତ୍ରଣରେ ଜୁନ୍ ୧୫ରେ ଦୁଇ ଦିନିଆ ସାଇପ୍ରସ୍ ଗସ୍ତ କରିବେ । ଗତ ୨ ଦଶନ୍ଧି ମଧ୍ୟରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସାଇପ୍ରସ୍ ଗସ୍ତ ହେବ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ନିକୋସଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ହେବ ।

ସାଇପ୍ରସ୍ ପରେ ପ୍ରଧାନମନ୍ତ୍ରୀ ମୋଦି ଜୁନ୍ ୧୬ ଏବଂ ୧୭ ତାରିଖରେ କାନାଡା ଗସ୍ତରେ ଯିବେ । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଜି-୭ ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀରେ ଫ୍ରାନ୍ସ, ଆମେରିକା, ୟୁନାଇଟେଡ୍ କିଙ୍ଗଡମ, ଜର୍ମାନୀ, ଜାପାନ, ଇଟାଲୀ ଏବଂ କାନାଡାର ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ରହିବେ । ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଜୁନ୍ ୧୮ ତାରିଖରେ କ୍ରୋଏସିଆ ଗସ୍ତ କରିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ଐତିହାସିକ ହେବ । କାରଣ ମୋଦି କ୍ରୋଏସିଆ ଗସ୍ତରେ ଯାଇଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବେ ।

## ବାଉଣ୍ଡାରୀ ନିୟମରେ ପରିବର୍ତ୍ତନ




ନୂଆଦିଲ୍ଲୀ,୧୪।୬ (ଏଜେନ୍ସି): ଆଇସିସି ବାଉଣ୍ଡାରୀ ବଡ ପରିବର୍ତ୍ତନ କରିଛି । ବାଉଣ୍ଡାରୀ ନିକଟରେ ଫିଲ୍ଡରମାନେ ଧରୁଥିବା କ୍ୟାଚରେ ସଂଶୋଧନ କରାଯାଉଛି । ମାଟି ଉପରେ ରହି ବା ଉଡନ୍ତା ଅବସ୍ଥାରେ ଏକାଧିକ ଥର ବଲକୁ ବ୍ରାଉଣ୍ଡାରୀ ଉପରେ ସ୍ପର୍ଶ କରିବା ପରେ କ୍ୟାଚକୁ ପୂର୍ଣ୍ଣ କରିବା ଏଣିକି ବେଆଇନ୍ ହେବ । ଏପରିକି କ୍ୟାଚ ବଲରେ ବ୍ୟାଟର ଆଉଟ୍ ହେବେ ନାହିଁ । ପୂର୍ବରୁ ବାଉଣ୍ଡାରୀ ବାହାରେ ଖେଳାଳିମାନେ ବଲକୁ ଉଡନ୍ତା ଅବସ୍ଥାରେ ଧକ୍କା ଦେଇ ଫିଲ୍ଡ ଭିତରକୁ ପଠାଉ ଥିଲେ । ଏହାକୁ କ୍ୟାଚ କରିବା ପରେ ବ୍ୟାଟରଙ୍କୁ ଆଉଟ୍ ଘୋଷଣା କରାଯାଉଥିଲା । କିନ୍ତୁ ଏଣିକି ଏପରି କ୍ୟାଚକୁ ଆଉ ବୈଧ ବୋଲି ଧରାଯିବ ନାହିଁ । କ୍ରିକେଟ୍‌ର ନିୟମ ପ୍ରଣୟନ କରୁଥିବା ଏନ୍‌ସିସି ପକ୍ଷରୁ ଏହାକୁ ବେଆଇନ ଦର୍ଶା ଯାଇଛି । ଚଳିତ ମାସରୁ ଆଇସିସି ପ୍ଲେଇ କଣ୍ଡିସନ୍‌ରେ ଏହି ନିୟମକୁ ସାମିଲ କରିବ ଏବଂ ଏନ୍‌ସିସି ଆଇନ ବହିରେ ଆସନ୍ତାବର୍ଷ ଅକ୍ଟୋବର ମାସରୁ ଏହାକୁ ବିଧିବଦ୍ଧ ଭାବେ ଦେଖାଯିବ ।

୨୦୨୩ ବିବିଏଲ୍ ସମୟରେ ମାଇକେଲ ନେଟ୍‌ସରେ ଓ ୨୦୨୦ରେ ମ୍ୟାଟ୍ ରେନସର୍ଙ୍କ ସହାୟତାରେ ଟଙ୍ଗ ବଣ୍ଟନ ଧରିଥିବା ଆଶ୍ଚର୍ଯ୍ୟ କଲା ଭଳି କ୍ୟାଚକୁ ନୂଆ ନିୟମ ଲାଗୁ ହେବା ମାତ୍ର ବୈଧ ବିବେଚିତ ହେବ ନାହିଁ । ଏନ୍‌ସିସି ପକ୍ଷରୁ ଆଇସିସିର ସଦସ୍ୟ ରାଷ୍ଟ୍ରଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ, ଅନେକ ଚମତ୍କାର କ୍ୟାଚ ରହିଛି । ଯାହାକୁ ପୂର୍ବରୁ କ୍ରିକେଟ୍‌ରେ ଅନୁମତି ଦିଆଯାଉଥିଲା । କିନ୍ତୁ କ୍ରିକେଟ୍ ସହ ଜଡିତ ଅଧିକାଂଶ ଲୋକ ଏହାକୁ ଅନ୍ୟାୟ ଓ ବେଆଇନ୍ ବୋଲି କହିଛନ୍ତି । ୨୦୨୩ ବିବିଏଲ୍‌ରେ ବ୍ରିସ୍‌ବେନ୍ ହିଟ୍ସ ପାଇଁ ମାଇକେଲ ନେସର ଧରିଥିବା କ୍ୟାଚ ଯୋଗୁଁ ଜୋର୍ଡାନ ସ୍କିଲ୍ ଆଉଟ୍ ହୋଇଥିଲେ ।

ଏମ୍‌ସିସି ପକ୍ଷରୁ କୁହାଯାଇଛି ଯେ ଫିଲ୍ଡର ବାଉଣ୍ଡାରୀ ଭିତରେ ବଲକୁ କ୍ୟାଚ ଧରିବା ପୂର୍ବରୁ ଏକାଧିକ ଥର ଉଡାନ୍ତ ଅବସ୍ଥାରେ ଏହାକୁ ସ୍ପର୍ଶ କରିଥିଲେ । ସେତେ ବେଳେ ନିୟମ ଅନୁଯାୟୀ ଏହାକୁ ବୈଧ ବିବେଚନ କରାଯାଇଥିଲା । କିନ୍ତୁ ଫିଲ୍ଡର ଅନେକ ସୀମାପାର କରିଯାଇଥିବା ।

ଏମ୍‌ସିସି ସ୍ପଷ୍ଟ କରିଛି ଯେ, ଏଣିକି ଯଦି କୌଣସି ଫିଲ୍ଡର ଦ୍ୱିତୀୟଥର ପାଇଁ ବଲକୁ ସ୍ପର୍ଶ କରୁଛନ୍ତି ତାହେଲେ ବାଉଣ୍ଡାରୀ ଭିତରେ ହେବା ଦରକାର । ଯଦି ସେ ବାଉଣ୍ଡରୀ ବାହାରେ ଥାଇ ଉଡାନ୍ତ ଅବସ୍ଥାରେ ଦ୍ୱିତୀୟଥର ସ୍ପର୍ଶ କରିବେ ତାହେଲେ ଏହାକୁ ବାଉଣ୍ଡାରୀ ବିବେଚନ କରାଯିବ । ଏମ୍‌ସିସି ବାଉଣ୍ଡାରୀ ବାହାରେ ହେଉଥିବା ଏକାଧିକ ଜମ୍ପ ନିୟମକୁ ଉଠାଇ ଦେଇଛି । କିନ୍ତୁ ଯଦି କୌଣସି ଖେଳାଳି ବାଉଣ୍ଡରୀ ଭିତରେ ରହି ବାହାରକୁ ଯିବା ବଲକୁ ଠେଲି ଦେଉଛନ୍ତି ତାହେଲେ ବାଉଣ୍ଡରୀ ବାହାରେ ଗୋଡ ରଖି ପୁଣି ଭିତରକୁ ଡାଇଭ ଲଗାଇ ବଲକୁ କ୍ୟାଚ କରୁଛନ୍ତି ତେବେ ଏହାକୁ ଆଉଟ୍ ବୋଲି ଧରାଯିବ । ନୂଆ ନିୟମରେ ଏହାର ଅନୁମତି ରହିଛି । ବାଉଣ୍ଡାରୀ ବାହରକୁ ଯାଉ ଉଠାନ୍ତ ଅବସ୍ଥାରେ ବଲକୁ ଭିତରକୁ ଠେଲି ପୁଣି କ୍ୟାଚ କରୁଥିବା ନିୟମକୁ ହଟାଯିବ । ବାଉଣ୍ଡରୀ ବାହାରକୁ କେବଳ ଗୋଟିଏ ଥର ବଲକୁ ସ୍ପର୍ଶ କରିପାରିବେ । ଏହାକୁ ବାଉଣ୍ଡାରୀ ଗୋଟିଏ ହାର୍ଡ ଲାଇନ୍‌ରେ ପରିଣତ ହୋଇଯିବ । ଏହା ଜୁନ୍ ୧୭ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ର ୨୦୨୫-୨୭ ସାଇକେଲ ଶ୍ରୀଲଙ୍କା - ବାଂଲାଦେଶ ଲଢ଼େଇରୁ ଆରମ୍ଭ ହେବ ।

# ୨୭ ବର୍ଷ ପରେ ଦ.ଆଫ୍ରିକାକୁ ଆଇସିସି ଟ୍ରଫି

ଲର୍ଡ୍ସ,୧୪।୬ (ଏଜେନ୍ସି): ଦ.ଆଫ୍ରିକା କ୍ରିକେଟ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି । ଦୀର୍ଘ ୨୭ ବର୍ଷ ପରେ ଦ.ଆଫ୍ରିକା ଆଇସିସି ଟ୍ରଫି ଜିତିଛି । ଅନେକ ଅପବାଦ, ଅନେକଥର ହୃଦୟ ଭାଙ୍ଗିବା ପରେ ଦ.ଆଫ୍ରିକା ନିଜ ଟ୍ୟାଗ ଚୋକର୍ସ (ଚାପ ବେଳେ ଭାଙ୍ଗି ପଡିବା)କୁ ବଦଳାଇ ପାରିଛି । ୧୯୯୮ ପରେ ଦ.ଆଫ୍ରିକା କୌଣସି ଆଇସିସି ବଡ଼ ଟ୍ରଫି ଜିତିବାକୁ ବଡ଼ ସକ୍ଷମ ହୋଇଛି । ୨୦୨୩-୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲରେ ତେମ୍ବା ବବୁଭା ଭଳି ଦ.ଆଫ୍ରିକା ଶକ୍ତିଶାଳୀ ଦ.ଆଫ୍ରିକାକୁ ୫ ୱିକେଟ୍‌ରେ ଧରାଶାୟୀ କରି ଏହି କୀର୍ତ୍ତିମାନ ରଚିଛି । ଫଳରେ ଦ.ଆଫ୍ରିକାର ଆଇସିସି ଟ୍ରଫି ମରୁଡିରେ ବିରାମ ଲାଗିଛି । ୨୭ ବର୍ଷ ପରେ ପ୍ରଥମ ଓ କ୍ରିକେଟ୍ ଇତିହାସରେ ଦ.ଆଫ୍ରିକା ଦ୍ୱିତୀୟଥର ପାଇଁ ବିଶ୍ୱସ୍ତରୀୟ ଟ୍ରଫି ହାସଲ କରିଛି । ଏହି ୨୭ ବର୍ଷ ମଧ୍ୟରେ ଦ.ଆଫ୍ରିକାର ଉଭୟ ପୁରୁଷ ଓ ମହିଳା ଟିମ୍ ଆଇସିସି ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଓ ସେମିଫାଇନାଲକୁ ଯାଇଥିଲେ କିନ୍ତୁ କେବେ ହେଲେ ଟ୍ରଫି ଜିତିବାର ଗୌରବ ହାସଲ କରିପାରିନଥିଲେ । ତେବେ ଦ.ଆଫ୍ରିକା ତୃତୀୟ ଦେଶ ଭାବେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଜିତିପାରିଛି । ଏହି ଚାମ୍ପିଅନ୍‌ସିପ୍‌ର ପ୍ରଥମ ସଂସ୍କରଣରେ ନ୍ୟୁଜିଲାଣ୍ଡ ଟ୍ରଫି ଜିତିଥିବା ବେଳେ ଅଷ୍ଟ୍ରେଲିଆ ଗତ ସଂସ୍କରଣରେ ଚାମ୍ପିଅନ୍ ହୋଇଥିଲା । ଉଭୟ ଦେଶ ଫାଇନାଲରେ ଭାରତକୁ ହରାଇଥିଲେ । ୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ୫ ୱିକେଟ୍ ହରାଇ ଐତିହାସିକ ଲର୍ଡ୍ସରେ ଦ.ଆଫ୍ରିକା ଇତିହାସ ରଚିଛି । ଏହି ବିଜୟର ବିନ୍ଧାଣୀ ସାଜିଛନ୍ତି ଆଦିନ ମାକ୍ରାମ । ପ୍ରଥମ ଇନିଂସରେ ସେ ଖାତା ଖୋଲିପାରିନଥିଲେ । କିନ୍ତୁ ଦ୍ୱିତୀୟ ଇନିଂସରେ ୧୩୬ ରନ୍‌ର ବିଜୟୀ ଇନିଂସ ଖେଳି ଦ.ଆଫ୍ରିକାକୁ ବିଜୟ ମୁକୁଟ ପିନ୍ଧାଇଥିଲେ । ଐତିହାସିକ ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲରେ ଦ.ଆଫ୍ରିକା ପ୍ରଥମ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ । ଦ୍ରୁତ ବୋଲର କାଗିସୋ ରବାଡାଙ୍କ ୫ ୱିକେଟ୍ ସଫଳତା ଯୋଗୁଁ ଦ.ଆଫ୍ରିକା ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ୧୧୨ ରନ୍‌ରେ ଅଲ୍‌ଆଉଟ୍ କରିନେଇଥିଲା । ଦ.ଆଫ୍ରିକା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୮ ରନ୍‌ରେ ସୀମିତ ରହିଥିଲା । ଅଷ୍ଟ୍ରେଲିଆ ଅଧିନାୟକ ପାର୍ଟ କୁମିନ୍ସ ସର୍ବାଧିକ ୬ ୱିକେଟ୍ ଅକ୍ତିଆର କରିଥିଲେ ।




ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ୭୪ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । କାଗିସୋ ରବାଡାଙ୍କ ୪ ୱିକେଟ୍ ଓ ଲୁଙ୍ଗି ଏନ୍‌ଗିଡିଙ୍କ ୩ ୱିକେଟ୍ ଯୋଗୁଁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୦୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଏହି ମ୍ୟାଚରେ ମିଚେଲ ଷ୍ଟାର୍କ ଅପରାଜିତ ୫୮ ରନ କରିଥିଲେ । ଏହି କାରଣରୁ ଅଷ୍ଟ୍ରେଲିଆ ଦଳ ଦ.ଆଫ୍ରିକା ସମ୍ମୁଖରେ ୨୮୨ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା ।

ବୋଲରଙ୍କୁ ସୁହାଉଥିବା ଲର୍ଡ୍ସ ପିଚ୍‌ରେ ଚତୁର୍ଥ ଇନିଂସ ବ୍ୟାଟିଂ କରିବା ସହଜ ନଥିଲା । କିନ୍ତୁ ଦ.ଆଫ୍ରିକାର ରିଆନ୍ ରିଅନ୍ ରିକେଟନ୍ ୬ ଓ ୱିଆନ୍ ମୁଲଡର ୨୭ ରନ୍ କରି ଆଉଟ୍ ହୋଇଥିବାରୁ ଅଷ୍ଟ୍ରେଲିଆର ବିଜୟଆଶା ସଞ୍ଚାର ହୋଇଥିଲା । କିନ୍ତୁ ପ୍ରଥମ ଇନିଂସରେ ଖାତା ଖୋଲିପାରିନଥିବା ଆଦିନ ମାର୍କ୍ରାମ ନିଜର ପରାକ୍ରମ ଦେଖାଇଥିଲେ । ଅଧିନାୟକ ତେମ୍ବା ବଭୁମା ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ତୃତୀୟ ଦିନରେ ଦମ୍‌ଦାର ବ୍ୟାଟିଂ କରି ତୃତୀୟ ୱିକେଟ୍ ପାଇଁ ବଭୁମା ଓ ମାର୍କ୍ରମଙ୍କ ମଧ୍ୟରେ ୧୪୩ ରନ୍‌ର ପାର୍ଟନିସିପ ହୋଇଥିଲା । ମାର୍କ୍ରାମ ଐତିହାସିକ ଲର୍ଡ୍ସରେ ଶତକ ହାସଲ କରିଥିଲେ । ବଭୁମା ମଧ୍ୟ ଅର୍ଦ୍ଧଶତକ ପୂରଣ କରିଥିଲେ । ତୃତୀୟ ଦିନ ଖେଳ ଶେଷ ସୁଧ ଦ.ଆଫ୍ରିକା ୨ ୱିକେଟ୍ ହରାଇ ୨୧୩ ରନ୍ କରିନେଇଥିଲା । ୨୭ ବର୍ଷ ପରେ ବିଜୟମୁକୁଟ ହାସଲ କରିବାକୁ ଦ.ଆଫ୍ରିକା ୬୯ ରନ୍ ଦୂରରେ ଥିଲା । ଚତୁର୍ଥ ଦିନ ଖେଳ ଆରମ୍ଭ ହେବା ପରେ ଦ.ଆଫ୍ରିକା ଆଉ ୩ ୱିକେଟ୍ ହରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ବଭୁମା ବ୍ୟକ୍ତିଗତ ଭାବେ ୬୬ ରନ୍ କରି ଆଉଟ୍ ହୋଇଥିଲେ । ଟ୍ରିଷ୍ଟାନ୍ ଷ୍ଟୁବସ୍ କେବଳ ୮ ରନ୍ କରିଥିଲେ । କିନ୍ତୁ ୧୦୨ ରନ୍ କରି ଅପରାଜିତ ଥିବା ମାର୍କ୍ରାମ ହାର ମାନିନଥିଲେ । ସେ ଅଷ୍ଟ୍ରେଲିଆ ବୋଲରଙ୍କୁ ଆକ୍ରମଣ କରି ଦଳକୁ ବିଜୟର ନିକଟତର କରିଥିଲେ । ବେଡିଂହାମ୍ ମଧ୍ୟ ଅପରାଜିତ ୨୧ ରନ୍ କରିଥିଲେ । ଭର୍ଣ୍ଣେ ୪ ରନ୍ କରି ଅପରାଜିତ ଥିଲେ । ଭର୍ଣ୍ଣେ ବିଜୟସୂଚକ ଚୌକା ମାରି ମ୍ୟାଚ ଫିନିସ୍ କରିଥିଲେ ।

## କଳିଙ୍ଗ ଷ୍ଟାଡିୟମ୍‌ରେ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ରେଫରୀ କର୍ମଶାଳା



ଭୁବନେଶ୍ୱର,୧୪।୬ (ସବ୍ୟୁ): ଓଡିଶା ରାଜ୍ୟ ବେଡ଼ମୀଣ୍ଟନ ସଂଘ ଦ୍ୱାରା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଟେନିସ ସେଣ୍ଟର ଅଡିଟୋରିଅମ ଠାରେ ଦେଶର ସର୍ବ ପ୍ରଥମ ବେଡ଼ମଣ୍ଟନ ରେଫରୀ (ଟେକ୍ନିକାଲ ଅଫିସିଏଲ )କର୍ମଶାଳା ଆରମ୍ଭ ହୋଇଯାଇଅଛି । ବିଶେଷକରି ବିଭିନ୍ନ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ମ୍ୟାଚ୍ଚ ଗୁଡିକ ପରିଚାଳନା ସମୟ ରେ ନିଭୁଲ, ତୃଟି ଶୂନ୍ୟ ଭାବେ ମ୍ୟାଚ ଯେପରି ସମାପ୍ତ ହେବ ସେ ଉପରେ ଅଡିଓ ଓ ଭିଡିଓ ମାଧ୍ୟମକୁ ଉପଯୋଗ କରି ରାଜ୍ୟ ସଂଘ ର ୧୦୫ ଜଣ ଟେକ୍ନିଜାଲ ଅଫିସିଏଲ ମାନଙ୍କୁ ଏହି କର୍ମଶାଳାରେ ଶିକ୍ଷା ଦିଆଯାଉଛି କରାଯାଇଛି । ଏହା ସହ ରାଜ୍ୟ ଅଫିସିଏଲମାନଙ୍କ ଖେଳ ପରିଚାଳନା ପଦ୍ଧତିରେ ଆହୁରି ଉତ୍କର୍ଷତା ଆଣି ତାଙ୍କର ଦକ୍ଷତାକୁ ଜାତୀୟ ଆନ୍ତର୍ଜାତୀୟସ୍ତରକୁ ଯେପରି ଆଗାମୀ ଦିନ ରେ ପହଞ୍ଚାଯାଇ ପାରିବ, ତାହା ହିଁ ଏହି ଟି. ଓ. କର୍ମଶାଳାର ମଧ୍ୟ ଉଦ୍ଦେଶ୍ୟ ବୋଲି ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ଜଣାଇଛନ୍ତି । ଏହାସହ ପ୍ରତିଯୋଗିତା ସମୟରେ କେବଳ ସିଦ୍ଧାନ୍ତକୁ ବିଚାରକୁ ନ ନେଇ ବ୍ୟବହାରିକ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେଇ ମ୍ୟାଚ ଯେପରି ତ୍ରୁଟି ଓ ନିର୍ବିବାଦୀୟ ହୋଇ ପରିଚାଳନା ହେବ ତାହା ଏହି କର୍ମଶାଳା ଆୟୋଜନର ମୁଖ୍ୟଲକ୍ଷ୍ୟ । ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମ ର ପ୍ରଶିକ୍ଷକ ଭାବେ ବ୍ୟାଡ଼ମିଣ୍ଟନ ଏସିଆ ରେଫରୀ ବାଲା ରାମ ମୂର୍ତ୍ତିଙ୍କ ସହ ଓସବା ଉପସଭାପତି ତଥା କମିଟି ଅଧକ୍ଷ କାର୍ତ୍ତିକ ଦାସ, ସହ ଅଧକ୍ଷ ମନରଞ୍ଜନ ଦାସ ସମ୍ପାଦକ ନିଲିନ କୁମାର କର୍ମଶାଳା ପରିଚାଳନା କରିଥିବା ବେଳେ ଉପସଭାପତି ପ୍ରଦୀପ ପଟ୍ଟନାୟକ ସନ୍ଦୀପ ମିଶ୍ର ସମୀର ଦାସ ଜୟପ୍ରକାଶ ଜେନା ଶୁଭମ ନାୟକ ଓ ଅବଦୁଲ ହାକିମ କର୍ମଶାଳା ପରିଚାଳନାରେ ସହଯୋଗ କରୁଛନ୍ତି ।

## ୧୭ରେ ସାହାଣୀ କପ୍ ପାଇଁ ଖେଳାଳି ଚୟନ

ଅନୁଗୁଳ,୧୪।୬ (ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଆନୁକୁଲ୍ୟରେ ଜୁଲାଇ ୧୫ ତାରିଖରୁ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି । ବିକାଶ ମେଳା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଆନ୍ତଃ ସବଡିଭିଜନାଲ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଗୁଳର ପିଟିସି ଗ୍ରାଉଣ୍ଡରେ ୧୭ ତାରିଖରେ ଆୟୋଜନ ହେବ । ସେହି ପ୍ରତିଯୋଗିତାରେ ବଚ୍ଛା ବଚ୍ଛା ଖେଳାଳି ଚୟନ କରାଯାଇ ଅନୁଗୁଳ ଫୁଟବଲ ଦଳ ଗଠନ କରାଯାଇଛି । ଆଗ୍ରହୀ ଖେଳାଳି ମାନେ ସେମାନଙ୍କ ଉପଖଣ୍ଡସ୍ତରୀୟ କ୍ରୀଡା ସଂସଦ ସହ ଯୋଗାଯୋଗ କରି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟ ସଂଘର ଅନୁବନ୍ଧିତ ଜିଲ୍ଲା କ୍ରୀଡା ସଂସଦ ଉକ୍ତ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ବୋଲି ଅନୁଗୁଳ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ ପ୍ରକାଶ କରିଛନ୍ତି । ଅଧିକ ସୂଚନା ପାଇଁ କ୍ରୀଡାଧିକାରୀ ଅକ୍ଷୟ କୁମାର ସିଠ୍ (୯୮୬୧୬୧୦୬୭୭) କିମ୍ବା ରୁଚିର କୁମାର ଦାସ (୯୪୩୭୩୮୨୫୪୦)ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି ।

## ଜାତୀୟ କନିଷ୍ଠ କରାଟେ: ତୃତୀୟ ଦିନ ୧୭ ପଦକ

ଭୁବନେଶ୍ୱର,୧୪।୬ (ସବ୍ୟୁ): ଉତ୍ତରାଖଣ୍ଡର ଡେରାଡୁନ୍ ଠାରେ ଚାଲିଥିବା ଜାତୀୟ କନିଷ୍ଠ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ଓଡ଼ିଶାକୁ ୧୭ଟି ପଦକ ମିଳିଛି । ଓଡ଼ିଶା ଖେଳାଳିମାନେ ୫ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ଅଶ୍ଲେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ଆଦ୍ୟାସା ପ୍ରିୟଦର୍ଶିନୀ, ଲିଜସି ସିଂ । ସେହିପରି ରୌପ୍ୟ ପଦକ ବିଜେତାମାନେ ହେଲେ ଲିଲସି ସିଂ , ଆକାଂକ୍ଷା ମହାନ୍ତି, ଆଦ୍ୟାସା ନାୟକ, ଏନ୍ ଜିସିକା, ଇସାନୀ ପଣ୍ଡା, ଅନସିକା ପାତ୍ର, ସୌମ୍ୟ ଶୁଭଦର୍ଶିନ ଏବଂ ଟିମ୍ କାଟାରେ ନିନସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ଅନନ୍ୟା ସାହୁ ଏବଂ ରାଜେଶ୍ୱରୀ ସିଂ ରୌପ୍ୟ ପଦକ ହାସଲ କରିଛନ୍ତି । କାଂଶ୍ୟ ପଦକ ହାସଲ କରିଥିବା କରାଟେକା ମାନେ ହେଲେ ସୌମିତା ପାତ୍ର, ପ୍ରିସା ଦାସ, ଦିବ୍ୟାଂଶି ପଟ୍ଟନାୟକ ଓ ଅନନ୍ୟା ସାହୁ । କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ସଫଳତ ଅର୍ଜନ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରଟେ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

### ୧୮ରୁ ଜାତୀୟ ଜୁନିୟର ପିଟ୍ଟୁ ଚାମ୍ପିଅନ୍‌ସିପ୍

## ଓଡ଼ିଶା ଦଳର ଜର୍ସି ଉନ୍ମୋଚିତ

ଭୁବନେଶ୍ୱର,୧୪।୬ (ସବ୍ୟୁ): ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଚଳିତ ମାସ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଜାତୀୟ ଜୁନିୟର ପିଟୁ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବାକୁଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ସ୍ୱାଧୀନ ସାମଲଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ । ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରିୟଦର୍ଶୀ ମିଶ୍ର, ବିଶ୍ୱଜିତ ରାଉତ, ସୌମ୍ୟ ରଞ୍ଜନ ଜେନା, ରାଜ୍ୟ ସଂଘ ସଭାପତି ଶକ୍ତିପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ର, କ୍ଷୀରୋଦ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଦସ୍ୟ ଯଜାତି ଜେନା, କୁଶ ନାୟକ, ନିରଞ୍ଜନ ପ୍ରଧାନ, ମୁଖ୍ୟ କୋଚ୍ ବିଶ୍ୱପ୍ରିୟା ଦାଶ, କୋଚ ବିକାଶ କୁମାର ମହାପାତ୍ର, ମ୍ୟାନେଜର ବାଦଲ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଗତ ଜୁନ୍ ୧ରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ପାଖା ପାଖି ୫୦୦ରୁ



ଉର୍ଦ୍ଧ୍ୱ ବାଳିକା ଚନ୍ଦ୍ରଶେଖରପୁର ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରଶିକ୍ଷଣ ତଥା ଚୟନ ଶିବିରରେ ଯୋଗଦେଇଥିଲେ ।

**ବାଳକ ଦଳ:** ସ୍ୱାଧୀନ ସାମଲ (ଅଧିନାୟକ), ବାଦଲ ଧିଣ୍ଡା, ଶିବ ବିରୁଆଁ, ରାହୁଲ ନାଥ, ପ୍ରଶାନ୍ତ ସାହୁ, ଚନ୍ଦନ ଆଚାରୀ, ମହମ୍ମଦ ସାହିଲ, ତେଜଶ ମହାରଣା ।

**ବାଳିକା ଦଳ:** ପ୍ରତୀକ୍ଷା ବଳ, ମୋନାଲିସା କାଣ୍ଡି, ଏମ୍ ଅମ୍ରିତା ପ୍ରିୟଦର୍ଶିନୀ, ଏସ୍ ରୋଜା, ଉର୍ବଶ୍ରୀ ବେହେରା, ସୁପ୍ରିୟା ଛୋଟରାୟ, ସିମା ବେହେରା, ପାୟଲ ବିହାରା, ପ୍ରାଚୀ ବଳବନ୍ତରାୟ ଓ ଅପ୍ରିତା କଦମସିଂ ।

## ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ସିଜିନ -୨: ଚକ୍ରଗଡକୁ ହରାଇ ଡଙ୍କାରିସାହି ଚାମ୍ପିଅନ

ଗଣିଆ,୧୪।୬ (ସବ୍ୟୁ): ବଡମୂଳ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ,, ଭାରତୀୟ ଷ୍ଟେଟ ବ୍ୟାଙ୍କ , ଆମ ବ୍ୟାଙ୍କ , ଛାମୁଣ୍ଡିଆ, ସମାଜସେବୀ ଗଣେଶ୍ୱର ସାମଲଙ୍କ ପ୍ରୟୋଜିତ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡମୂଳ ପ୍ରଗଣା ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସିଜିନ ୨ର ଶନିବାର ଫାଇନାଲ ମ୍ୟାଚରେ କଟକ ଜିଲ୍ଲା ଚକ୍ରଗଡ ଟିମକୁ ୫ ୱିକେଟରେ ହରାଇ ନୟାଗଡ ଜିଲ୍ଲା ଡଙ୍କାରିସାହି କ୍ରିକେଟ ଟିମ ଚାମ୍ପିଅନ ହୋଇଛି । ପ୍ରଥମେ ଟସ୍ ଜିଣି ଚକ୍ରଗଡ ଟିମ୍ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା । ଜବାବରେ ଡଙ୍କାରିସାହି କ୍ରିକେଟ ଟିମ ୧୨.୩ ଓଭରରେ ୫ ୱିକେଟ ବିନିମୟରେ ୧୪୫ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଉଭୟ ଦଳ ମଧ୍ୟରେ ଟକ୍କରାଟକ୍କରି ଖେଳ ସାଙ୍ଗକୁ ଡ୍ୟାନସିଂ ଅମ୍ପାଆର ବବୁଲ ଓ ଚିୟର ଗାର୍ଲଙ୍କ ନୃତ୍ୟ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇପାରିଥିଲା । ପୂର୍ବାହ୍ନରେ ବେଠିଆସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ଟ୍ରଫି ସହ ମୁଖ୍ୟ ଅତିଥି ପ୍ରଦୀପ୍ତ କୁମାର ରାଉତ, ବିଶିଷ୍ଟ ଅତିଥି ସାମ୍ବାଦିକ ସଂଘ ଗଣିଆର ସଭାପତି ବିଶ୍ୱ ରଞ୍ଜନନସେଠି ଓ ସମସ୍ତ ସଭ୍ୟଙ୍କୁ ବାଜା , ବାଣ ଓ ପଙ୍କୁଆରରେ ମହାନଦୀ କୂଳ ଖେଳ ପଡିଆକୁ ପାଛୋଟି ନିଆଯାଇଥିଲା । ପରେ ପୁରସ୍କାର ବିତରଣ ଉତ୍ସବରେ ସ୍ୱତନ୍ତ୍ରଅତିଥି ଭାବେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି, ସମ୍ମାନୀତ ଅତିଥି ଭାବେ ବନପାଳ କାଳନ୍ଦି ଚରଣ



ସାଥୁଆ, ପ୍ରତାପ ସେଠି, ସଞ୍ଜୟ ରାଉତ, ବ୍ରଜମୋହନ ସାମଲ, ବିଶ୍ୱନାଥ ତରେଇ, ସୁବାଷ ରଣା ପ୍ରମୁଖ ଯୋଗେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାନ ଅଫଦି ମ୍ୟାଚ ଭାବେ ଡଙ୍କାରିସାହି ଟିମର ସଂଗ୍ରାମଙ୍କୁ ଟ୍ରଫି ସହ ନଗଦ ୫ଶହ ଟଙ୍କା , ମ୍ୟାନ ଅଫ ଦ ସିରିଜ ଭାବେ ଚକ୍ରଗଡ ଟିମର ଦିପୁନାଙ୍କୁ ଟ୍ରଫି ସହ ନଗଦ ୫ଶହ ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ । ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆମ ବ୍ୟାଙ୍କ, ଛାମୁଣ୍ଡିଆ ତରଫରୁ ରନର୍ସ ଅପ ଚକ୍ରଗଡ ଟିମକୁ ଟ୍ରଫି ସହ ନଗଦ ୩ହଜାର ଟଙ୍କା ଓ ଚମ୍ପିଅନ ଡଙ୍କାରିସାହି ଟିମକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ । ଆୟୋଜକ କ୍ରିକେଟ କ୍ଲବ ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ଚିତରଞ୍ଜନ ସାମଲ, କୋଷାଧକ୍ଷ ତଥା ପୃଷ୍ଟପୋଷକ ବିଜୟାନନ୍ଦ ତରେଇ, ପରିଚାଳକ କମଳ ଲୋଚନ ଦଳେଇ, ଉପଦେଷ୍ଟା ପ୍ରତାପ ରାଉତ, ସନ୍ତୋଷ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ପ୍ରୟୋଜକ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ଆୟୋଜକ ଟିମର ସମସ୍ତ ଖେଳାଳିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଫାଇନାଲ ଖେଳ ଦେଖିବାକି ଆସିଥିବା ଆଠଶହରୁ ଉର୍ଦ୍ଧଦର୍ଶକଙ୍କ ପାଇଁ ଆୟୋଜକ ଟିମ ତରଫରୁ ଖାଦ୍ୟ ପାନୀୟର ବ୍ୟବସ୍ଥାକୁ ଦର୍ଶକ ବେଶ ପ୍ରଶଂସା କରିଥିଲେ ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି